

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୬ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 NOVEMBER 2021

Vol.No. 32 ■ No. 301 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଏସିଆର ସବୁଠୁ ବଡ ଏୟାରପୋର୍ଟର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୫/୧୧: ଦେଶର ସବୁଠୁ ବଡ଼ ବିମାନ ବନ୍ଦରର ହେଲା ଶିଳାନ୍ୟାସ । ଉତ୍ତରପ୍ରଦେଶ ଗୌତମବୁଦ୍ଧ ନଗର ଜେୱରରେ ନୋଏଡା ଅନ୍ତରାଷ୍ଟ୍ରୀୟ ଏୟାରପୋର୍ଟର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ । ୨୦୨୪ ସୁଦ୍ଧା ଏହି ବିମାନ ବନ୍ଦର କାମ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ୫୦ କୋଟି ଟଙ୍କା ବିନିଯୋଗ ହେବ । ଏହି ବିମାନ ବନ୍ଦର ପାଇଁ ଯୋଗୀ ସରକାର ୫ ହଜାର ୮୪୫ ହେକ୍ଟର ଜମି ଦେଇଛନ୍ତି । ଯୋଗୀ ସରକାର ଏହାକୁ ଏସିଆର ସବୁଠୁ ବଡ଼ ଏୟାରପୋର୍ଟ ବୋଲି କହିଛନ୍ତି । ଏହା ବିଶ୍ୱର ଚତୁର୍ଥ ସବୁଠୁ ବଡ଼ ବିମାନ ବନ୍ଦର । ଏହି



ଏୟାରପୋର୍ଟରେ ହେବାକୁ ଥିବା କାର୍ଗୋ ଟର୍ମିନାଲର କ୍ଷମତା ୨୦ ଲକ୍ଷ ମେଟ୍ରିକ୍ ଟନ୍ । ଏହାକୁ ବୃଦ୍ଧି କରି ୮୦ ଲକ୍ଷ ମେଟ୍ରିକ୍ ଟନ୍ କରାଯିବ । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଛନ୍ତି, ଏହା ଏକ ଡ୍ରିମ୍ ପ୍ରୋଜେକ୍ଟ । ଏହି ଏୟାରପୋର୍ଟରେ ୧ ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳିବ । ୬ଟି ରନୱେ , ପାଖାପାଖି ୩୦ ହଜାର କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଏହି ଏୟାରପୋର୍ଟ ଏସିଆର ସର୍ବବୃହତ ଏୟାରପୋର୍ଟ ଭାବେ ରେକର୍ଡ କରିବ । ସେହିପରି ବିଶ୍ୱର ଚତୁର୍ଥ ବୃହତ ଏୟାରପୋର୍ଟ ହେବ ଏହି ବିମାନବନ୍ଦର । ଅନ୍ୟପଟେ ବର୍ଷକୁ ପ୍ରାୟ ୭ କୋଟି ଲୋକଙ୍କୁ ସେବା ଯୋଗାଇ ଜେୱର ବା ନୋଏଡା ଇଣ୍ଟରନ୍ୟାସନାଲ ବିମାନବନ୍ଦର । ଏହି ଏୟାରପୋର୍ଟର ଶିଳାନ୍ୟାସ ପରେ ୟୁପି ପ୍ରଥମ ରାଜ୍ୟ ହୋଇପାରିଛି, ଯେଉଁଠି ୫ଟି ଇଂଟରନ୍ୟାସନାଲ ଏୟାରପୋର୍ଟ ରହିଛି । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁପି ଜନତାଙ୍କୁ କୁଶୀନଗର ଇଂଟରନ୍ୟାସନାଲ ଏୟାରପୋର୍ଟ ଭେଟି ଦେଇଥିଲେ । ଏପଟେ ଅଯୋଧ୍ୟାରେ ମଧ ଇଂଟରନ୍ୟାସନାଲ ଏୟାରପୋର୍ଟ ନିର୍ମାଣ କାମ ଚାଲୁରହିଛି । ନୋଏଡା ଇଂଟରନ୍ୟାସନାଲ ଏୟାରପୋର୍ଟ ଆଧୁନିକ ଜ୍ଞାନକୌଶଳକୁ ନେଇ ନିର୍ମାଣ କରାଯାଉଛି । ଏଥିରେ ପ୍ରଥମ ପର୍ଯ୍ୟାୟରେ ୨ଟି ରନୱେ ନିର୍ମାଣ ହେବାକୁ ଥିବାବେଳେ, ପରେ ପରେ ସର୍ବମୋଟ ୬ଟି ରନୱେ ନିର୍ମାଣ ହେବ । ଏହି ଏୟାରପୋର୍ଟ ଦେଶର ପ୍ରଥମ ଫଷ୍ଟ ନେଟ୍ ଜିରୋ ଏମିସନ୍ ଏୟାରପୋର୍ଟ ହେବ । ଅର୍ଥାତ୍ ଏହା ଦେଶର ପ୍ରଥମ ପ୍ରଦୂଷଣ ମୁକ୍ତ ଏୟାରପୋର୍ଟ ହେବାର ଗୌରବ ଅର୍ଜନ କରିବ । ଯେଉଁଠି ଯାତ୍ରୀମାନେ ସମସ୍ତ ପ୍ରକାରର ଲଗଜୁରୀ ସୁବିଧା ପାଇପାରିବେ । ଏହି ଏୟାରପୋର୍ଟ ୭୨୦୦ ଏକର ଅଂଚଳରେ ନିର୍ମାଣ ହେବାକୁ ଥିବାବେଳେ ▶▶ପୃଷ୍ଠା ୭

## ବାରିପଦା ଆଇଟିଡିଏ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ବାରିପଦା/ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଭିଜିଲାନ୍ସ ପକ୍ଷରୁ ଗୁରୁବାର ଦିନ ଆୟବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ବାରିପଦା ଆଇଟିଡିଏ ସହକାରୀ ଯନ୍ତ୍ରୀ ସନ୍ତୋଷ ଦାସଙ୍କ ବାସଭବନ ସମେତ ଏଗାରଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରାଯାଇଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି । ଏହି ଚଢ଼ଉ ବେଳେ ୧୩ ଲକ୍ଷ ୬୦ ହଜାର ନଗଦ ଟଙ୍କା ଜବତ ହୋଇଛି । ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କ ଭୁବନେଶ୍ୱର ଓ ବାଲେଶ୍ୱରରେ ୪ ମହଲା ବିଶିଷ୍ଟ ଘର ରହିଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ଚଢ଼ାଉ ଚାଲିଥିବା ସ୍ଥାନଗୁଡିକ ହେଲା ଭୁବନେଶ୍ୱର ପ୍ଲଟ ନମ୍ବର ୨୪୦୪/ ଇବି-୫୦୨ଉପରେ ଅବସ୍ଥିତ ଚାରିମହଲା କୋଠା,



ଫ୍ଲାଟ ନମ୍ବର ୧୦୫, ବିଜୟ ଏନକ୍ଲେଭ, ଶୈଳଶ୍ରୀ ବିହାର, ଭୁବନେଶ୍ୱର, ଭୁବନେଶ୍ୱରର କଳିଙ୍ଗ ବିହାରରେ ନିର୍ମାଣାଧୀନ କୋଠା, ବାଲେଶ୍ୱରରରେ ଚାରି ମହଲା କୋଠା, ବାଲିଆପାଳରେ ପୈତୃକ ବାସଭବନ, ବାଲେଶ୍ୱରର ସଦରରେ ଶଶୁର ଘର, ବାଲେଶ୍ୱରର ଏଲଆଇସି କଲୋନି ନିକଟରେ ଥିବା ଶ୍ୱାଇଁଙ୍କ ଭଡ଼ା ଘର, ବାଲିଆପାଳରେ ଥିବା ଶ୍ୱାଇଁଙ୍କ ପୈତୃକ ଘର, ବାରିପଦାରେ ସନ୍ତୋଷ ଦାସଙ୍କ ଭଡ଼ା ଘର, ବାରପଦାରେ ଥିବା ତାଙ୍କ ସରକାରୀ କାର୍ଯ୍ୟାଳୟ, ମୟୂରଭଞ୍ଜର ବାଇସିଙ୍ଗାରେପୁଅଙ୍କ ଭଡା ଘର ସାମିଲ ରହିଛି । ଭିଜିଲାନ୍ସ ଟିମ୍ ରେ ୧୦ ଜଣ ଡିଏସପି, ୪ ଜଣ ଇନ୍ସପେକ୍ଟର ଙ୍କ ସମେତ ଅନ୍ୟ ୩୦ କର୍ମଚାରୀ ସାମିଲ ଥିଲେ ।

## ୨୯ରୁ ଏମବିବିଏସ ଓ ବିଡିଏସ ନାମଲେଖା ପାଇଁ କାଉନସେଲିଂ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ୨୦୨୧-୨୨ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ଘରୋଇ ମେଡିକାଲ କଲେଜରେ ଥିବା ଏମବିବିଏସ ଓ ବିଡିଏସ ସିଟଗୁଡ଼ିକରେ ନାମଲେଖା ପାଇଁ ଆସନ୍ତା ୨୯ ତାରିଖରୁ ଅନଲାଇନ କାଉନସେଲିଂ ପ୍ରକ୍ରିୟା ଆରମ୍ଭ ହେବ । ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ବୋର୍ଡ ପକ୍ଷରୁ ଆଜି କୁହାଯାଇଛି ଯେ ଏମବିବିଏସ ଓ ବିଡିଏସ ସିଟଗୁଡ଼ିକ ନିଟ୍ (ୟୁଜି) ୨୦୨୧ ମେରିଟ ଲିଷ୍ଟ ଅନୁସାରେ ହେବ । ଏଥିପାଇଁ କାଉନସେଲିଂ ପ୍ରକ୍ରିୟା ସମ୍ପର୍କିତ ସବିଶେଷ ତଥ୍ୟ ଓଜେଇଇର ୱେବସାଇଟରେ ଦିଆଯାଇଛି । ଏହି କାଉନସେଲିଂ ୩ଟି ପର୍ଯ୍ୟାୟରେ ହେବ । ଏହି ୩ଟି ପର୍ଯ୍ୟାୟପରେ ସିଟ ଖାଲି ରହିଲେ ଏକ ମପ-ଅପ ରାଉଣ୍ଡ ହେବ । ଏହି କାଉନସେଲିଂ ରାଜ୍ୟରେ ଥିବା ସରକାରୀ ଓ ଘରୋଇ ମେଡିକାଲ କଲେଜଗୁଡ଼ିକରେ ଥିବା ମୋଟ ୧୯୫୦ଟି ଏମବିବିଏସ ଓ ୩୬୩ଟି ବିଡିଏସ ସିଟରେ ନାମଲେଖା ପାଇଁ ହେବ ।

## ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଗାଡି ଉପରକୁ ଅଣ୍ଡାମାଡ, ମାମଲା ରୁଜୁ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଗାଡି ଉପରକୁ ଛାତ୍ର କଂଗ୍ରେସ ପକ୍ଷରୁ ଅଣ୍ଡାମାଡ କରାଯାଇଛି । ଶ୍ରୀମତୀ ଷଡଙ୍ଗୀ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବାବେଳେ ଛାତ୍ର କଂଗ୍ରେସ କର୍ମୀମାନେ ବାଲିପାଟଣାରେ ସାଂସଦଙ୍କ ଗାଡି ଉପରକୁ ଅଣ୍ଡାମାଡ କରିବା ସହ କଳା ପତାକା ପ୍ରଦର୍ଶନ କରିଥିଲେ । ବେରୋଜଗାର, ତୈଳ ଦର ସମେତ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦରେ



ଛାତ୍ର କଂଗ୍ରେସ ସାଂସଦଙ୍କ ଗାଡିକୁ ଅଣ୍ଡାମାଡ କରିଥିବା ଜଣାପଡିଛି । ଅପରପକ୍ଷରେ ସାଂସଦଙ୍କ ଗାଡି ଉପରକୁ ଅଣ୍ଡାମାଡ ଘଟଣାରେ ମାମଲା ରୁଜୁ ହୋଇଛି । ସାଂସଦଙ୍କ ପ୍ରତିନିଧି ଧନେଶ୍ୱର ବାରିକ୍ ଙ୍କ ଅଭିଯୋଗ କ୍ରମେ ବାଲିପାଟଣା ପୁଲିସ ▶▶ପୃଷ୍ଠା ୭

## ୨୯ ବେଳକୁ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଆସନ୍ତା ନଭେମ୍ବର ୨୯ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଯାହା କ୍ରମେ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ସହ ଅଧିକ ଘନିଭୂତ ହୋଇ କ୍ରମଶଃ ପଶ୍ଚିମ-ଉତର ଦିଗକୁ ଗତି କରିପରେ । ଅପରପକ୍ଷରେ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମୁଖ୍ୟତଃ ଶୁଖିଲା ରହିଛି । ଦକ୍ଷିଣ ଉପକୂଳ ଓଡିଶାର କିଛି ସ୍ଥାନରେ ତାପମାତ୍ରା ହ୍ରାସ ପାଇବା ସହ ଶୀତ ବଢ଼ିଛି ।

## କରୋନା ଲକ୍ଷଣ ବଦଳାଉଥିବା ସୂଚନା ଦେଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଗୁରୁବାର ଦିନ କରୋନା ଏବେ ଲକ୍ଷଣ ବଦଳାଉଛି ବୋଲି ସୂଚନା ଦେଇଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ ଏବେ ସାମାନ୍ୟ ଥଣ୍ଡା ଜ୍ୱର ହେଲେ ମଧ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି । ତେଣୁ ଥଣ୍ଡା ଜ୍ୱର ହେବା ମାତ୍ରେ ତୁରନ୍ତ ଟେଷ୍ଟ କରିବାର ଆବଶ୍ୟକତା ରହିଛି । ଟେଷ୍ଟ କଲେ ନିଜେ ସୁରକ୍ଷିତ ହେବା ସହ ୩୦ ଜଣ ସୁରକ୍ଷିତ ହୋଇପାରିବେ ବୋଲି ସେ କହିଛନ୍ତି । ଶ୍ରୀ ମହାପାତ୍ର ଆହୁରି କହିଛନ୍ତି ଯେ ସୁନ୍ଦରଗଡ଼ ଓ ବୁର୍ଲାରେ ସଂକ୍ରମଣକୁ ନେଇ ଚିନ୍ତା କରିବାର



କୌଣସି ଆବଶ୍ୟକତା ନାହିଁ । କାରଣ କିଛି ନିର୍ଦ୍ଦିଷ୍ଟ ପକେଟରେ ସଂକ୍ରମଣ ହେଉଛି । ଚିହ୍ନଟ ବ୍ୟକ୍ତିଙ୍କ ଠାରେ ସିଭିଅରିଟି କମ୍ ରହିଛି । ଭିମସାର ଓ ସୁନ୍ଦରଗଡ଼ରେ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେ ଅଂଚଳକୁ କଂଟେନମେଂଟ ଜୋନ ଘୋଷଣା କରାଯାଇଛି । ବାହାର ପିଲା ଭିତରକୁ ପ୍ରବେଶ କରିବେ ନାହିଁ । କି ଭିତର ପିଲା ବାହାରକୁ ଆସିପାରିବେ ନାହିଁ । ଏଥିପାଇଁ ରାଜ୍ୟ ସରକାର, ▶▶ପୃଷ୍ଠା ୭

## କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର

### ଭୁବନେଶ୍ୱରରୁ ଦୁବାଇକୁ ପ୍ରତିଦିନ ସିଧା ବିମାନ ସେବା ପାଇଁ ଅନୁରୋଧ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫/୧୧ (ନି.ପ୍ର): ପ୍ରତିଦିନ ଭୁବନେଶ୍ୱରରୁ ସିଧାସଳଖ ଦୁବାଇ ପର୍ଯ୍ୟନ୍ତ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସଂଯୁକ୍ତ ଆରବ ଏମିରେଟ୍ସ





(ୟୁଏଇ)ର ବିଭିନ୍ନ ଅଂଚଳରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଓଡିଆ ଲୋକ ବସବାସ କରୁଛନ୍ତି । ଭୁବନେଶ୍ୱରରୁ ଦୁବାଇ ଏବଂ ଦୁବାଇରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସିଧାସଳଖ ବିମାନସେବା ପାଇଁ ଦୀର୍ଘ ଦିନ ଧରି ଦାବୀ ହୋଇ ଆସୁଛି । ଦୁଇ ସହର ମଧ୍ୟରେ ସିଧାସଳଖ ବିମାନସେବା ଆରମ୍ଭ ହେଲେ ଓଡିଆ ଲୋକଙ୍କ ପାଇଁ ଅନ୍ତରାଷ୍ଟ୍ରୀୟ ଯାତାୟତର ଦ୍ୱାର ଫିଟିବ । ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ଓଡିଆ ଲୋକ ମାନଙ୍କର ନିଜ ରାଜ୍ୟକୁ ଆସିବା ପାଇଁ ଯୋଗାଯୋଗ ସୁଗମ ହେବ । ଅନ୍ତରାଷ୍ଟ୍ରୀୟ ▶▶ପୃଷ୍ଠା ୭

## ବିଧାନସଭା ଶୀତ ଅଧିବେଶନ ପାଇଁ ୨୮ରୁ ବିଧାୟକଙ୍କ କୋଭିଡ୍ ପରୀକ୍ଷା

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଆସନ୍ତା ୧ ତାରିଖରୁ ରାଜ୍ୟ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ସମସ୍ତ ବିଧାୟକଙ୍କ ସହ ସମସ୍ତ ପିଏସଓ, ଡ୍ରାଇଭର ଓ ଅନ୍ୟ କର୍ମଚାରୀଙ୍କର ମଧ ନମୁନା ପରୀକ୍ଷା କରାଯିବ । ଏଥିପାଇଁ ଆସନ୍ତା ୨୮,୨୯ ଓ ୩୦ ତାରିଖ ଦିନ ଧାର୍ଯ୍ୟ କରାଯାଇଛି । ଏନେଇ ଆଜି ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇଛନ୍ତି । କୋଭିଡ୍ କଟକଣା ଭିତରେ ବିଧାନସଭା ଚାଲିବ ବୋଲି ଜଣାଯାଇଛି । ସେ କହିଛନ୍ତି ଯେ ବିଧାନସଭାର ସଦସ୍ୟମାନେ ଗୃହରେ ବସିବା ସହିତ ବାଚସ୍ପତି ଗ୍ୟାଲେରି, ପବ୍ଲିକ ଗ୍ୟାଲେରି, ଲୋକସେବା ଭବନରୁ ଯୋଗ ଦେଇପାରିବେ । ଅଧିବେଶନ ପୂର୍ବରୁ ସମସ୍ତ ବିଧାୟକ, ବିଧାୟିକାଙ୍କର କୋଭିଡ୍ ଟେଷ୍ଟ କରାଯିବ । ଖାଲି ସେତିକି ନୁହେଁ, ବାଚସ୍ପତିଙ୍କ କହିବା କଥା, ଏନେଇ ସ୍ୱାସ୍ଥ୍ୟ ବିଭାଗର ସଚିବ ଓ ଅଧିକାରୀଙ୍କ ସହିତ ଆଲୋଚନା ହୋଇଛି । ବିଏମସି ତରଫରୁ ମଧ ବିଧାନସଭାକୁ ପ୍ରତିଦିନ ବିଶୋଧନ କରାଯିବ । ତେବେ ବିଧାନସଭା କେତେ ସମୟ ଚାଲିବ ସେନେଇ ଆସନ୍ତା ୨୯ ତାରିଖରେ ହେବାକୁ ଥିବା ସର୍ବଦଳୀୟ ବୈଠକରେ ନିଷ୍ପତି ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ୩୦ ସୁଦ୍ଧା ଗ୍ୟାସ୍ ଦର ନକମିଲେ ଜୋରଦାର ଆନ୍ଦୋଳନ : ବିଜେଡି

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ରନ୍ଧନ ଗ୍ୟାସ୍ ଦର ହ୍ରାସ କରିବାକୁ କେନ୍ଦ୍ରକୁ ନଭେମ୍ବର ୩୦ ଯାଏଁ ସମୟ ଦେଇଛି ବିଜେଡି । ୩୦ ତାରିଖ ମଧରେ ଗ୍ୟାସ୍ ଦର ହ୍ରାସ ନକଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ବିଜେଡି ବିଧାୟକ ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତରାୟ ଓ ଦେବୀରଂଜନ ତ୍ରିପାଠୀ । ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ତିନି ବିଧାୟକ କହିଛନ୍ତି ଯେ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ନଭେମ୍ବର ୨୨ ରୁ ୨୪ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯାଇଛି । ରାଜ୍ୟର ୩ ଟି ଆରଡିସି ଅଂଚଳରେ ବିକ୍ଷୋଭ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବିଶ୍ୱର କୌଣସି ଦେଶରେ କେବେବି ରନ୍ଧନ ଗ୍ୟାସ୍ ଦର ଏତେ ଦ୍ରୁତ ଗତିରେ ଏତେ ପରିମାଣରେ ବଢି ନାହିଁ । ୨୦୧୪ରେ ଯେତେବେଳେ ଏହି ବିଜେପି ସରକାର କେନ୍ଦ୍ରରେ କ୍ଷମତାକୁ ଆସିଲେ ସେତେବେଳେ ଗ୍ୟାସ ସିଲିଣ୍ଡରର ଦର ଥିଲା ୪୧୪ ଟଙ୍କା । ଗତ ୭ ବର୍ଷ ଭିତରେ ଦର ଦୁଇଗୁଣରୁ ଅଧିକ ବଢି ୯୩୦ ଟଙ୍କା ଛୁଇଁଲାଣି । ରନ୍ଧନ ଗ୍ୟାସର ଏଭଳି ଅହେତୁକ ଦରବୃଦ୍ଧି କରି କେନ୍ଦ୍ର ସରକାର ଗରିବ ଓ ମଧବିତଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇ ସାରିଲେଣି । ଲୋକେ ତ୍ରାହି ତ୍ରାହି ଡାକିଲେଣି ଓ ଏହାର ପ୍ରତିବାଦରେ ବିଜୁ ଜନତା ଦଳର ଡାକରାରେ ରାସ୍ତାକୁ ଓହ୍ଲାଇଲେଣି । ମାତ୍ର କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗୁ ନାହିଁ । ଓଲଟା ବିଜେପିର ରାଜ୍ୟ ନେତୃବୃନ୍ଦ ଉଦ୍ଭଟ ଓ ହାସ୍ୟାସ୍ପଦ ଯୁକ୍ତି ବାଂଟୁଛନ୍ତି । ଲୋକଙ୍କୁ ଭୁଆଁ ବୁଲାଇବାକୁ ଯାଇ କହୁଛନ୍ତି, ଅନ୍ତର୍ଜାତୀୟ ବଜାରରେ ପ୍ରାକୃତିକ ଗ୍ୟାସ୍ ଓ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଯୋଗୁଁ ଦେଶରେ ରନ୍ଧନ ଗ୍ୟାସ୍ ଦର ବଢ଼ୁଛି । ମାତ୍ର ବାସ୍ତବତା ଭିନ୍ନ । ଅନୁରୂପ ଭାବେ ଉଜ୍ଜ୍ୱଳା ଯୋଜନା ସଂପର୍କରେ ମଧ କେନ୍ଦ୍ର ସରକାର ଲୋକଙ୍କୁ ମିଛ ସଫଳତାର କାହାଣୀ ଶୁଣାଇ ଚାଲିଛନ୍ତି । ▶▶ପୃଷ୍ଠା ୭

## ବିଶ୍ୱକଲ୍ୟାଣ ସଂସ୍ଥାନର ଦ୍ୱିତୀୟ ବାର୍ଷିକ ଅଧିବେଶନ

### ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ଉଦ୍ୟମ ଜାରି ରଖିବା ସଂସ୍ଥାନର ମୂଳଲକ୍ଷ୍ୟ ବୋଲି ବକ୍ତାମାନଙ୍କ ମତବ୍ୟକ୍ତ

ବାଲେଶ୍ୱର,୨୫/୧୧ (ନି.ପ୍ର): ବିଶ୍ୱ କଲ୍ୟାଣ ସଂସ୍ଥାନର ଦ୍ୱିତୀୟ ବାର୍ଷିକ ଅଧିବେଶନ ବାଲିଆପାଳ ବ୍ଲକ୍ ଜମ୍ପାଇ ସ୍ଥିତ ହଂସରା ବେଳାଭୂମିରେ ଗତ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାନର ମୁଖ୍ୟ ଇଂ. ଜଗଦୀଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବାହ୍ନ ସମୟରେ କଳସ ସ୍ଥାପନ ପରେ ୧୦୦୮ ପରମେଶ୍ୱରଙ୍କ ନାମ ଜପ କରାଯାଇଥିଲା । ନାମ ଜପ କାର୍ଯ୍ୟ ସରିବା ପରେ ପରମେଶ୍ୱରଙ୍କ ନିକଟରେ ଆରତି କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ପ୍ରାରମ୍ଭରେ ସଂସ୍ଥାନର ମୁଖ୍ୟ ଇଂ. ଜଗଦୀଶ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା





ପରେ ଅତିଥିମାନଙ୍କୁ ମଂଚ ଆହ୍ୱାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥିଭାବେ ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଓଡ଼ିଆ ବିଭାଗ ଆସୋସିଏଟ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର, ଦୂରଦର୍ଶନର ନାଟ୍ୟକାର ତଥା ମୟୂରଭଞ୍ଜ ଜିଲ୍ଲାର ବାସିନ୍ଦା ମନୋରଂଜନ ଦାସ, ସମାଜସେବୀ ସୁଧାଂଶୁ ଜେନା, ପ୍ରାଧ୍ୟାପକ ସଦାନନ୍ଦ ଦିକ୍ଷୀତ, ଗୀତିକାର ମନୋରଂଜନ ଦାସ, ରମାକାନ୍ତ ପରିଚ୍ଛା, 'ଅପରାହ୍ନ'ର ସମ୍ପାଦକ ବଂଶୀଧର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବକ୍ତାମାନେ କହିଥିଲେ ଯେ ଆନନ୍ଦ ଭିତରେ ଧର୍ମ ରହିଛି । ଜନ୍ମ ସତ୍ୟ, ମୃତ୍ୟୁ, ସୂର୍ଯ୍ୟ ଚନ୍ଦ୍ର ସତ୍ୟ, ପିତା ମାତା ସତ୍ୟ ଅଟେ । ବାପା ମା'ଙ୍କୁ ଆମେ ଚଳନ୍ତି ଦେବତା ଭାବେ ଦେଖିଲେ ଆଉ ବୃଦ୍ଧାଶ୍ରମର ଆବଶ୍ୟକତା ରହିବ ନାହିଁ । ଆମେ ସମସ୍ତେ ଶୃଙ୍ଖଳ ଜଂଜିର ମଧ୍ୟରେ ବାନ୍ଧିହୋଇ ରହିଥିବା ବେଳେ ସମସ୍ତେ ଆଧ୍ୟାତ୍ମିକ ଚେତନା ନେଇ ବିଭିନ୍ନ କାର୍ଯ୍ୟ କଲେ ପରିବାର, ଦେଶ ଓ ବିଶ୍ୱର ମଙ୍ଗଳ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅତୀତକୁ ସ୍ମରଣ କରି ବକ୍ତାମାନେ ବହୁ ଉଦାହରଣମାନ ଦେଇ ବର୍ତ୍ତମାନ କରାଯିବା ସହ ସମସ୍ତେ ଧାର୍ମିକ ଚେତନା ମଧ୍ୟ ଦେଇ ଗତି କଲେ ବିଶ୍ୱର ▶▶ପୃଷ୍ଠା ୭

# ସଂସାରଫଳ ପ୍ରାଥମିକ କୃଷି ସମବାୟ ସମିତି ଅନିୟମିତତାର ତଦନ୍ତ ପ୍ରକ୍ରିୟା ଆରମ୍ଭ

ପଟ୍ଟାମୁଣ୍ଡାଇ,୨୫/୧୧ (ନି.ପ୍ର): କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନ ସଂସାରଫଳ ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା ବ୍ୟାପକ ଅନିୟମିତତା ଓ ବେଆଇନ କାର୍ଯ୍ୟ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ସମିତିର ସମ୍ପାଦକ ସୁରେଶ ପାତ୍ର, ଦୀର୍ଘ ଦିନ ଧରି ବେଆଇନ ଭାବେ ଭୂମିହୀନ ଅଯୋଗ୍ୟ ହିତାଧିକାରୀଙ୍କୁ ଚାଷୀ ଦର୍ଶାଇ ଋଣ ପ୍ରଦାନ କରିବା, ଭୂତ ଚାଷୀଙ୍କୁ ଋଣ ଦେବା, ଗୋଟାଏ ପରିବାରର ଅନେକ ଜଣଙ୍କୁ ସମାନ ପ୍ରମାଣପତ୍ରରେ ଋଣ ପ୍ରଦାନ କରିଥିବା ଭଳି ସଂଗୀନ ଅଭିଯୋଗ ହୋଇଆସୁଥିଲା । ବ୍ୟାଙ୍କ ଓ ସମବାୟ ସମିତି ଗୁଡିକ ପାଇଁ ପ୍ରଣୟନ ହୋଇଥିବା ଆଇନ ଉଲ୍ଲଙ୍ଘନ କରି ସମ୍ପାଦକ ସୁରେଶ ପାତ୍ର ନିଜ ମନଇଚ୍ଛା ସମବାୟ ସମିତିକୁ ପରିଚାଳନା କରୁଥିବା ଅଭିଯୋଗ ରହିଛି । ଅନ୍ୟପଟେ ସଂସାରଫଳ କୃଷି ସମବାୟ ସମିତିରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ସୁଶାନ୍ତ ପ୍ରସାଦ ସାନନ୍ତରାୟ ଓ ଅନ୍ୟମାନଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ ଉପରେ ତଦନ୍ତ ଆରମ୍ଭ ହୋଇଛି । ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କଟକ ଡିଭିଜନ-୨ ସମବାୟ ସମିତି ଲିଃ. ର ଉପନିବନ୍ଧକ ରୁଦ୍ର ପ୍ରସାଦ ଦାସଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ କମିଟି ଏହି କୃଷି ସମବାୟ ସମିତିର ଅନିୟମିତତାର ତଦନ୍ତ ଆରମ୍ଭ କରିଛନ୍ତି । ଏହି ତଦନ୍ତରେ କଟକ ସମବାୟ ବ୍ୟାଙ୍କ ଲିଃ. ର ସମ୍ପାଦକ ଅଶୋକ କୁମାର ଦାସ, କଟକ ସର୍କଲ-୧ ସହକାରୀ ଅଡିଟର ଜେନେରାଲ ସୁନିତା ଶତପଥୀ, ଉପସହକାରୀ ନିବନ୍ଧକ ଅକ୍ଷୟ କୁମାର ସାହୁ ସଦସ୍ୟ ଥିବା ଜଣାପଡିଛି । ଅନ୍ୟପଟେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ଓ ତଦନ୍ତ ସମ୍ପୂର୍ଣ୍ଣ ହେବାପରେ ଏହାକୁ ସାର୍ବଜନୀନ କରାଯିବ ବୋଲି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ର ସମ୍ପାଦକ ଅଶୋକ କୁମାର ଦାସ କହିଛନ୍ତି ।

# ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ପ୍ରଥମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ନୂଆପଡା,୨୫/୧୧ (ନି.ପ୍ର): ଜନସଂଖ୍ୟା ସମାଧାନ ଫାଉଣ୍ଡେସନ, ନୂଆପଡା ଜିଲ୍ଲାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଖଡ଼ିଆଳ ସ୍ଥିତ କଲ୍ୟାଣମଣ୍ଡ-୧ ଠାରେ ଜିଲ୍ଲା ସଭାପତି ବସନ୍ତ ସିଂ ଠାକୁର(ପପ୍ପୁ) ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ରାଜ୍ୟ ସଭାପତି ବିପିନ ବିହାରୀ ଦାସ ଓ ରାଜ୍ୟ ସଂଯୋଜକ ଯଦୁମଣି ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସହିତ ସାଙ୍ଗଠନିକ ବିଧି ବ୍ୟବସ୍ଥା ଉପରେ ମାର୍ଗଦର୍ଶନ କରିଥିଲେ । ଭାରତ ବର୍ଷରେ ଜନସଂଖ୍ୟା ବିସ୍ଫୋରଣ ସମସ୍ତ ବିକାଶର ବାଧକ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ ।ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ସାମାଜିକ ଶାନ୍ତି ସୃଙ୍ଖଳା, ଅପରାଧିକରଣ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଜନସଂଖ୍ୟା ବୃଦ୍ଧିର ପ୍ରତ୍ୟକ୍ଷ ଦୁଷ୍ପ୍ରଭାବ ଅନୁଭୂତ ହେଉଛି । ଜନକଲ୍ୟାଣକାରୀ ସରକାରୀ ଯୋଜନା ଲୋକଙ୍କ ପାଖକୁ ପହଂଚାଇବା ସହିତ ଏତେ ବଡ଼ ବିଶାଳ ଜନସମୁଦ୍ରକୁ ସାଧନ ଓ ସମ୍ବଳ ଜୁଟେଇବା ଯେକୌଣସି ସରକାରଙ୍କ ପକ୍ଷରେ ଦୁଷ୍କର ହୋଇ ପଡୁଛି । ଏକ ନିର୍ଦ୍ଦିଷ୍ଟ ବର୍ଗର ଲୋକ ଜନସଂଖ୍ୟା ବୃଦ୍ଧି କୁ ଜେହାଦୀ ମନୋବୃତିରେ ଯୁଦ୍ଧରେ ଆୟୁଧ ଭଳି ବ୍ୟବହାର ଅତ୍ୟନ୍ତ ଚିନ୍ତା ଓ ଉଦବେଗ ଜନକ ଅଟେ । ଏଣୁ ଏକ ସଶକ୍ତ କଠୋର ଜନ ସଂଖ୍ୟା ନିୟନ୍ତ୍ରଣ କାନୁନ ଲାଗୁ ଦାବିରେ ଦୀର୍ଘ ଦିନରୁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ଜଣ ସଚେତନତା ସୃଷ୍ଟି ସହିତ ଆନ୍ଦୋଳନ କରି ଆସୁଛି । କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ଶ୍ରୀ ଦାସ ଶ୍ରୀ ଅନୁରାଗ ବାଗଙ୍କୁ ଫାଉଣ୍ଡେସନର ଯୁବ ସମ୍ମୁଖ୍ୟର ଜିଲ୍ଲା ସଭାପତି ତଥା ଶ୍ରୀମତୀ ପ୍ରତିଭା ପ୍ରଧାନଙ୍କୁ ମହିଳା ସମ୍ମୁଖ୍ୟର ଜିଲ୍ଲା ସଭାପତି ରୂପେ ଘୋଷଣା କରିଥିଲେ । ଠିକ ସେହିଭଳି ଘନଶ୍ୟାମ କରୁଆଁଙ୍କୁ ଓ ପୃଥ୍ୱୀରାଜ ମହାନ୍ତିଙ୍କୁ ପ୍ରଦେଶ କାର୍ଯ୍ୟସମିତି ସଦସ୍ୟ ସହିତ ଯଥାକ୍ରମେ ଜିଲ୍ଲା ଉପସଭାପତି ଓ ଜିଲ୍ଲା ସାଧାରଣ ସମ୍ପାଦକ ରୂପେ ନାମ ଘୋଷଣା କରିଯାଇଥିଲା । ଏ ସମସ୍ତେ ମଂଚାସୀନ ହୋଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଗାମୀ ଦିନରେ ସାରା ରାଜ୍ୟରେ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଥିବାରୁ ତାକୁ ନୂଆପଡା ଜିଲ୍ଲାରେ ସଫଳକରିବା ପାଇଁ ପ୍ରସ୍ତୁତି କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମୋହନ ଭୋଇ, ଜନକ ନାଏକ, କେଦାର ଜଗତ, କୋଦଣ୍ଡ ରାଉତରାୟ, ଅଭିଷେକ ମଶ୍ରା, ପୁରନ୍ଦର ବାଗ, ହେମନ୍ତ ଯୋଶୀ, ଦିଗମ୍ବର ମାଝି, ମଙ୍ଗଳସାଇ ବର୍ଗର୍ତି, କୁଞ୍ଜବିହାରୀ କଟା, ଯଯାତି ମେହେର, ଅଜିତ ଚଲାନ, ବଲଧର କେତକୀ ପ୍ରମୁଖଙ୍କ ସହିତ ପଂଚସ୍ତରୀଜଣରୁ ଉର୍ଦ୍ଧ୍ୱ କର୍ମକର୍ତା ଯୋଗଦାନ କରି ବୈଠକକୁ ସଫଳ କରିଥିବାରୁ ବୈଠକର ପ୍ରମୁଖ ଆୟୋଜକ ଫାଉଣ୍ଡେସନର ରାଜ୍ୟ ସଂଯୋଜକ ଯଦୁମଣି ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଜୟପୁର,୨୫/୧୧ (ନି.ପ୍ର): ଜୟପୁର ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । କଲେଜର ଏନସିସି ୟୁନିଟ ଓ ମାଇଁ ହାର୍ଟ ଦ୍ୱାରା ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ କଲେଜ ଅଧକ୍ଷ ଗୋପାଳ ହାଲଦାର ଉଦଘାଟନ କରିଥିଲେ । କଲେଜର ଛାତ୍ର ଛାତ୍ରୀ ମାନେ ରକ୍ତ ଦାନ କରିଥିଲେ । ମୋଟ୍ ୮୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସିଏଚ ଲକ୍ଷ୍ମଣ ପାତ୍ର, ମିହିର କର୍କରା, କାର୍ତିକ ରାଉତ, ନିଶାନ ପଟ୍ଟନାୟକ ରମାକାନ୍ତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲକାନଗିରି ଜିଲ୍ଲା ପାଇଁ ୨ଟି ମେଗା ଜଳ ଯୋଗାଣ ପ୍ରକଳ୍ପ ମଞ୍ଜୁର

ମାଲକାନଗିରି,୨୫/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲାର ପଡିଆ ଓ କୋରୁକୋଣ୍ଡା ବ୍ଲକ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରାଯାଇଥିବାରୁ ଏଥିପାଇଁ ମାଲକାନଗିରି ଜିଲ୍ଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନେକ ଅନେକ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନସ କୁମାର ମାଡକାମୀ । ଗତ ତା . ୨୩.୧୧.୨୦୨୧ ରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ଓ ପଡିଆ ଦୁଇଟି ବ୍ଲକ ପାଇଁ ବୃହତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ମୂଲ୍ୟ ୧୯୨ କୋଟି ୮୯ ଲକ୍ଷ ଅନୁମୋଦନ ମିଳିଛି । ଏଥିରେ ପଡ଼ିଆ ବ୍ଲକର ଆଠଟି ଗ୍ରାମ ପଚାଂୟତର ୪୮ଟି ଗ୍ରାମର ୫୦ ହଜାର ଜନସାଧାରଣ ଏବଂ କୋରୁକୋଣ୍ଡା ବ୍ଲକର ୧୧ଟି ଗ୍ରାମ ପଚାଂୟତର ୮୮ ଗ୍ରାମର ୭୫ ହଜାର ଜନସାଧାରଣ ସମୁଦାୟ ଦୁଇଟି ବ୍ଲକର ୧୯ଟି ଗ୍ରାମ ପଚାଂୟତର ୧୩୬ଟି ଗ୍ରାମ ଓ ୧, ୧୫, ୦୦୦ ଜନସାଧାରଣ ଉପକୃତ ହେବେ ।

# ଜୟପୁର କଲେଜ ଅଫ ଫାର୍ମାସି ପକ୍ଷରୁ ୬୦ତମ ଜାତୀୟ ଫାର୍ମାସି ସପ୍ତାହ ପାଳିତ

ଜୟପୁର,୨୫/୧୧ (ନି.ପ୍ର): ଜୟପୁର କଲେଜ ଅଫ ଫାର୍ମାସି ପକ୍ଷରୁ ୬୦ତମ ଜାତୀୟ ଫାର୍ମାସି ସପ୍ତାହ ପାଳିତ ହୋଇଛି । ଏହି ଅବସରରେ କଲେଜ ତରଫରୁ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ଏହି ଶୋଭାଯାତ୍ରାକୁ ବିଡିଓ ସୁରଜ ପଟ୍ଟନାୟକ ଉଦଘାଟନ କରିଥିଲେ । ଶୋଭାଯାତ୍ରା ଜେଇଏଲସି ଚର୍ଚ୍ଚ ପରିସର ପାଖରୁ ବାହାରି ମୁଖ୍ୟ ରାସ୍ତା ଦେଇ ରଜାନହର ଛକ ଠାରେ ପହଂଚି ଥିଲା । ଏହି ଶୋଭାଯାତ୍ରା ରେ କୋଭିଡ -୧୯ ବିଷୟରେ ସଚେତନତା ବାର୍ତା ଓ ଫର୍ମାସି ବିଷୟରେ ପ୍ଲା କାର୍ଡ ଦ୍ୱାରା ସଚେତନତା କରାଯାଇଥିଲା । ଏହା ପରେ ଏକ ବୈଠକ ଜ୍ୟୋତି କଲ୍ୟାଣ ମଣ୍ଡପରେ ଆୟୋଜନ କରାଯାଇଥିଲା । କୋରାପୁଟ ଜିଲା ଫର୍ମାସିଷ୍ଟ ସର୍ଭିସ ସଂଘର ସଭାପତି ରଜନି କାନ୍ତ ପାଢୀ, ମୁଖ୍ୟ ଅତିଥି ଭାବେ ଅମିତାଭ ବାରିକ, ମୁଖ୍ୟବକ୍ତା ଶିଶିର କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଶକ୍ତି ମୟି ମହାନ୍ତି ଯୋଗଦେଇଥିଲେ । ଏହି ବର୍ଷର ଜାତୀୟ ଫର୍ମାସି ସପ୍ତାହ ପାଳନର ମୁଖ୍ୟ ବିଷୟବସ୍ତୁ ସ୍ୱାସ୍ଥ୍ୟ ଯନ୍ତ୍ରର ଏକ ମୁଖ୍ୟ ଅଂଶ ହେଉଛି ଫାର୍ମାସିଷ୍ଟ ବିଷୟରେ ବୈଠକରେ ଆଲୋକପାତ କରାଯାଇଥିଲା । ଏହି ସଭାରେ ଫାର୍ମାସି କଲେଜର ଅଧକ୍ଷ ସଂଗ୍ରାମ କେଶରି ପଣ୍ଡା ଏବଂ ଅଧାପକ ସୁଜିତ କୁମାର ମାର୍ଥା ଉପସ୍ଥିତ ଥିଲେ । ସଭା ଶେଷରେ ସ୍ନିଗ୍ଧା ରାଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରାପଡା ଜଗତସିଂହପୁର ଟ୍ରକ ମାଲିକ ସଂଘର ବୈଠକ

କେନ୍ଦ୍ରାପଡ଼ା,୨୫/୧୧ (ନି.ପ୍ର): କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ଟ୍ରକ ମାଲିକ ସଂଘର ବୈଠକ ମିଳିତ ଭାବେ ସ୍ଥାନୀୟ ଜମଧର ପଂଚାୟତ ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୁମନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜେଶ ମହାନ୍ତି, ସ୍ମୃତି ରଞ୍ଜନ ସାମନ୍ତରାୟ, ପ୍ରଦିପ୍ତ ଗାହାଣ, ଖଗେଶ୍ୱର ଲେଙ୍କା, ସମ୍ବିତ୍ ତ୍ରିପାଠୀ, ସୂର୍ଯ୍ୟକାନ୍ତ ପରିଜା ପ୍ରମୁଖ ଉପସ୍ଥିତ ହୋଇ ସଂଘରେ ବିଭିନ୍ନ ଅନିୟମିତତା ଓ ମନମୁଖୀ କାର୍ଯ୍ୟକଳାପ ଉପରେ ଆଲୋଚନା କରିଥିଲେ । ଏବଂ ସଂଘ ନିର୍ବାଚନରେ ଏକଜୁଟ ହୋଇ ଭୋଟ ଦେବା ସଂପର୍କରେ ଆଲୋଚନା କରିଥିଲେ ।

## ୯୦ଲିଟର ଦେଶୀ ମଦ ଜବତ: ୩ ଗିରଫ

ଖୋର୍ଦ୍ଧା,୨୫/୧୧ (ନି.ପ୍ର): ଖୋର୍ଦ୍ଧା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯୦ଲିଟର ଦେଶୀମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି । ଗିରଫ ତିନଜଣ ହେଲେ ନିଆଳ ଗାଁର ସୁକଦେବ ସେଠି, ଗୁରୁଜଙ୍ଗର ତୃପ୍ତି ନାରାୟଣ ନାୟକ ଓ ଟାଙ୍ଗିଆପଡାର ସୋମନାଥ ସାହୁ । ସୂଚନା ଅନୁଯାୟୀ ଉତର ଖୋର୍ଦ୍ଧା ଅଂଚଳରେ ବ୍ୟାପକ ମାତ୍ରାରେ ଚୋରା ଦେଶୀ ମଦ କାରବାର ହେଉଥିବା ନେଇ ଅଭିଯୋଗ ହେଉଥିଲା । ତେଣୁ ଚୋରା ମଦ କାରବାର ରୋକିବା ପାଇଁ ଚଢ଼ାଉ କରାଯାଇଥିବା ନେଇ ଜିଲା ଅବକାରୀ ମୋବାଇଲ ୟୁନିଟ ଅଧିକାରୀ ସସ୍ମିତା ହୋତା ସୂଚନା ଦେଇଛନ୍ତି ।

# କୁଡୁମୁଲୁଗୁମ୍ମା ପୋଲିସ୍ ଫାଣ୍ଡିପକ୍ଷରୁ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି,୨୫/୧୧ (ନି.ପ୍ର): ମାନବିକ ମୂଲ୍ୟବୋଧ ଓ ସାମାଜିକ ଉତର ଦାୟିତ୍ୱ ନିର୍ବାହ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କୁଡୁମୁଲୁଗୁମ୍ମା ପୋଲିସ୍ ଫାଣ୍ଡି ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସହାୟତା କାର୍ଯ୍ୟକ୍ରମ ସ୍ଥାନୀୟ କୁଡୁମୁଲୁଗୁମ୍ମା ପୋଲିସ୍ ଫାଣ୍ଡି ପରିସରରେ ଆୟୋଜିତ ହୋଇଯାଇଛି । ଉକ୍ତ ନିରାଡମ୍ବର ଉତ୍ସବ ରେ ଅତିଥି ଭାବରେ ନିମନ୍ତ୍ରିତ ହୋଇଥିଲେ ,ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ କୁଡୁମୁଲୁଗୁମ୍ମା ର ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା କିଛି ଆର୍ଥିକ ଅବସ୍ଥା ଦୁର୍ବଳ ଥିବା ଛାତ୍ରଛାତ୍ରୀ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଦୀଲ୍ଲିପ୍ କୁମାର ଗଣ୍ଡ,(ବରିଷ୍ଠ ରାଷ୍ଟ୍ରପ୍ରେମି ବୁଦ୍ଧିଜୀବୀ ତଥା ପ୍ରଧାନ ଶିକ୍ଷକ, ନୋଡାଲ୍ ଉଚ୍ଚ ବିଦ୍ୟାଳୟ), କୁଡୁମୁଲୁଗୁମ୍ମା ବରିଷ୍ଠ ଶିକ୍ଷାବିତ୍ ତଥା ସହକାରୀ ଶିକ୍ଷକ ବିଜୟ କୁମାର ସାହୁ, କୁଡୁମୁଲୁଗୁମ୍ମା ମାଟି ର ଯୁବ କବି ବଳରାମ ପୂଜାରୀ,ସହକାରୀ ସବ୍ ଇନ୍ସପେକ୍ଟର କମଳ ଲୋଚନ ନାୟକ, ସାମ୍ବାଦିକ ହୃଷୀକେଶ ସେଠୀ, ଜୌତିରଂଜନ ବେହେରା, ଶିକ୍ଷକ ସୁଧାକର ନାୟକ, ନିର୍ମଳ କୁମାର ଦାଶ, କୁଡୁମୁଲୁଗୁମ୍ମା ପୋଲିସ୍ ଫାଣ୍ଡି ର ସମସ୍ତ କର୍ମକର୍ତା ଓ କୁଡୁମୁଲୁଗୁମ୍ମାର ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଜୀବନ ସଂଗ୍ରାମରେ ହାରି ନଯାଇ ସଂଘର୍ଷ କରି ନିଜର ଲକ୍ଷ୍ୟ ସ୍ଥଳରେ ପହଂଚିବାକୁ ଆହ୍ୱାନ ଦେଇଥିଲେ । ଶିକ୍ଷା ଓ ଜୀବନ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ଶିକ୍ଷା ଗ୍ରହଣ କରି ଆମେ ସମାଜରେ ଭଲ ମଣିଷଟିଏ ହେବା ସହ ସମାଜର ଅବହେଳିତ, ନିଷ୍ପେଶିତ ବର୍ଗର ଲୋକଙ୍କ ସାହାଯ୍ୟ ଆମର ଆଦର୍ଶ ଓ ପରିଚୟ ହେବା ବିଧେୟ ବୋଲି ସମ୍ମାନୀୟ ଫାଣ୍ଡି ଅଧିକାରୀ ଶ୍ରୀ ମହାରଣା ପ୍ରକାଶ କରିଥିଲେ । ଏହି ଉତ୍ସବରେ କୁଡୁମୁଲୁଗୁମ୍ମା ଓ ମାଲକାନଗିରି କଥା ବ୍ୟଥା, ଆମ ଆଦିବାସୀ ଆଦିଭୂମି, ମାଲକାନଗିରି ମାଟିର ପରମ୍ପରା, ସଂସ୍କୃତି ଓ ସାହିତ୍ୟକୁ ସମୃଦ୍ଧ କରୁଥିବା ଯୁବ କବି ବଳରାମ ପୂଜାରୀଙ୍କ ଚତୁର୍ଥ କବିତା ସଂକଳନ ଈଶ୍ୱରଙ୍କ ଭାଡି କବିତା ସଂକଳନକୁ ସମସ୍ତ ଅତିଥିମାନଙ୍କୁ ସମର୍ପଣ କରିଥିଲେ । ତା'ପରେ ସମ୍ମାନୀୟ ଅତିଥି ଗିରିଶ ଚନ୍ଦ୍ର ମହାରଣା ସାର୍ଙ୍କ ତରଫରୁ ଉପସ୍ଥିତ ସମସ୍ତ ନିମନ୍ତ୍ରିତ ଦଶମ ଶ୍ରେଣୀ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଭବିଷ୍ୟତ ଉଜ୍ଜଳ କାମନା ସହ ପ୍ରତ୍ୟେକ ପିଲାଙ୍କୁ ବ୍ୟକ୍ତିଗତ ସମ୍ବର୍ଦ୍ଧିତ କରାଯାଇ,ତାଙ୍କ ପାଠ ପଢାରେ ସହାୟତା ନିମନ୍ତେ ଟେଷ୍ଟପେପର, କଲମ, ଖାତା ପାଠ୍ୟ ଉପକରଣ ପ୍ରଦାନ କରିଥିଲେ । ସାମାଜିକ ଉତର ଦାୟିତ୍ୱ ନିଭାଉଥିବା ଜଣେ ନିଷ୍ଠାବାନ ପୋଲିସ ଅଫିସର ପାଇ କୁଡୁମୁଲୁଗୁମ୍ମା ମାଟି ଗର୍ବ କରେ ବୋଲି ସମସ୍ତ ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି ସମ୍ପୂର୍ଣ୍ଣ ସଭା କାର୍ଯ୍ୟକ୍ରମକୁ ସ୍ଥାନୀୟ ସାମାଜିକ କର୍ମୀ ଭଗବାନ ସାହୁ ସଂଚାଳନ କରିଥିଲେ ।

## ପଟା ମିଳିବାର ୨୫ ବର୍ଷ ପରେ ମଧ ହେଉନି ଜମି ଚିହ୍ନଟ

କେନ୍ଦ୍ରାପଡ଼ା,୨୫/୧୧ (ନି.ପ୍ର): କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଗୁଲନଗର ପଂଚାୟତରେ ଥିବା ଭୂମିହୀନ ପରିବାରକୁ ୧୯୯୮ ମସିହାରେ ଭୂମିହୀନଙ୍କୁ ୪ ଡିସିମିଲ ଲେଖାଏଁ ଜମିପଟା ମିଳିଥିଲେ ମଧ ଦୀର୍ଘ ୨୫ ବର୍ଷ ହେବ ଏମାନଙ୍କୁ ଜମି ଚିହ୍ନଟ ଦିଆଯାଇ ନାହିଁ । ଫଳରେ ଏହି ହିତାଧିକାରୀମାନେ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିଲେ ମଧ ବାସଗୃହ ନିର୍ମାଣ କରି ପାରୁ ନାହାଁନ୍ତି । ଅପରପକ୍ଷରେ ଯେଉଁସ୍ଥାନର ପଟା ବଂଟନ କରାଯାଇଛି ସେଠାରେ ଅଙ୍ଗନୱାଡି କେନ୍ଦ୍ର, ପ୍ରାଣୀଧନ ଚିକିତ୍ସାଳୟ ଓ ଗୋବରୀ ନଦୀ ପଠାଜମି ଥିବାରୁ ଅନ୍ୟତ୍ର ଜମି ଚିହ୍ନଟ ପାଇଁ ଗୁଲନଗର ସରପଂଚ ପିତବାସ ବେହୁରାଙ୍କ ନେତୃତ୍ୱରେ ପଟା ପାଇଥିବା ବ୍ୟକ୍ତିମାନେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଭେଟି ନିବେଦନ କରିଛନ୍ତି ।

## ରାଜପଥ ଅବରୋଧ ମାମଲାରେ ଚାଳକ ଗିରଫ

କୋରେଇ,୨୫/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟୋଲପ୍ଲାଜା ଠାରେ ଗତ ଅଗଷ୍ଟ ମାସ ୨୧ ତାରିଖ ଦିନ ଟୋଲ ଦେୟକୁ କେନ୍ଦ୍ର କରି ଭଦ୍ରକ ଜିଲ୍ଲାର ଏକ ଗାଡ଼ି ଚାଳକଙ୍କ ସହିତ ଟୋଲ ବୁଥର ଜଣେ କର୍ମଚାରୀଙ୍କ ମଧ୍ୟରେ ମାରପିଟ ହୋଇଥିଲା । ଉକ୍ତ ମାରପିଟକୁ କେନ୍ଦ୍ରକରି ଭଦ୍ରକ ଓ ଯାଜପୁର ଗାଡ଼ି ଚାଳକ ଆସୋସିଏସନ ତରଫରୁ ଦୁଇ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକ ହୋଇଥିଲା । ଫଳରେ ଦୁଇ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ରାଜପଥ ଜାମ ହୋଇ ଯାଇଥିଲା । ଉକ୍ତ ରାସ୍ତାରୋକକୁ କେନ୍ଦ୍ର କରି ପୁଲିସ ପକ୍ଷରୁ ନେତୃତ୍ୱ ନେଉଥିବା ଦଶରୁ ଉର୍ଦ୍ଧ୍ୱ ଗାଡ଼ି ଚାଳକଙ୍କ ନାମରେ ମାମଲା ୨୩୪/୨୧ ରୁଜୁ କରିଥିଲା । ତେବେ ଉକ୍ତ ମାମଲାରେ ଅଭିଯୁକ୍ତ ମାନଙ୍କୁ ଥାନାକୁ ଆସି ଜାମିନରେ ଯିବା ଲାଗି ଫୋନ କରାଯାଇଥିଲା । ମାତ୍ର ଉକ୍ତ ନିର୍ଦ୍ଦେଶକୁ ବେଖାତିର କରିବାରୁ ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ବୁଧବାର ଦିନ ବଡ଼ବିରୁହାଁ ଗ୍ରାମର ରତ୍ନା ମାଝୀଙ୍କ ପୁଅ ରାଜେନ୍ଦ୍ରକୁ ଗିରଫ କରି ଧାରା ୧୪୩,୧.୧୪୯, ୩୪୧, ୧୮୬, ୧୮୮, ୨୮୩ରେ କୋର୍ଟ ଚାଲାଣ କରାଯିବା ସହିତ ଯେଉଁ ଅଭିଯୁକ୍ତ ମାନେ ଥାନାରୁ ଜାମିନ ନନେବେ ତାଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି ।

## ଚୋରା ମୋରମ ଚାଲାଣ କରୁଥିବା ଡମ୍ଫର ଓ ହାଇୱା ଜବତ: ୭୦ ହଜାର ଟଙ୍କା ଜରିମାନା ଆଦାୟ

ଭୁବନ,୨୫/୧୧ (ନି.ପ୍ର): ଭୁବନ ଥାନା ଓ ତହସିଲ ତରଫରୁ ନିୟମିତ ଚଢାଉ କରାଯାଉଥିଲେ ମଧ ମାଫିଆମାନେ ସକ୍ରିୟହୋଇ ରୀତିମତ ଖଣିଜ ଦ୍ରବ୍ୟ ଚୋରା ଚାଲାଣ କରିବାରେ ଲାଗିଛନ୍ତି ଓ ଅତ୍ୟନ୍ତ ସତର୍କତାର ସହିତ ସେମାନଙ୍କର ବେପାର ଚଳାଇଛନ୍ତି । ସୁରପ୍ରତାପପୁର ନିକଟସ୍ଥ ଗଜବୋଲ ନିକଟରେ ଚୋରା ମୋରମ ଚାଲାଣ ହେଉଥିବା ଖବର ପାଇ ଭୁବନ ତହସିଲଦାର ପ୍ରଭାସ କୁମାର ବେହୁରା ଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଇଜର ମିନତୀ ବାଘସିଂ, ବାଲିବୋ ଆରଆଇ ପ୍ରଣତୀ ଭୋଇ ଘଟଣାସ୍ଥଳରେ ପହଁଚି ଚଢାଉ କରିଥିଲେ । ମୋରମ ଚାଲାଣ କରୁଥିବା ଓଆର୦୫ ଏଜେ ୧୩୫୧ ନମ୍ବର ବିଶିଷ୍ଟ ଡମ୍ଫର ଜବତ କରିଥିଲେ । ଅନୁରୂପ ଭାବେ ବାଲିବୋ ରାଜସ୍ୱ ନିରୀକ୍ଷକଙ୍କ ଅଧିନସ୍ଥ କାନଖାଇ ଗ୍ରାମରୁ ମୋରମ ବୋଝେଇ କରି ଆସୁଥିବା ଓଡିଶା ଏଡି ୦୨୩୪ ନମ୍ବର ବିଶିଷ୍ଟ ହାଇୱାକୁ ଭୁବନ ତହସିଲଦାର ପ୍ରଭାସ କୁମାର ବେହୁରା, ସୁପରଭାଇଜର ମିନତୀ ବାଘସିଂ, ବାଲିବୋ ଆରଆଇ ପ୍ରଣତୀ ଭୋଇ ଚଢାଉ କରିଥିଲେ ।

# ନାବାଳିକା ଅପହରଣକାରୀକୁ ଆଜୀବନ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୫/୧୧ (ନି.ପ୍ର): ୧୪ ବର୍ଷ ବୟସ୍କା ନବମ ଶ୍ରେଣୀରେ ପଢୁଥିବା ନାବାଳିକାକୁ ଅପହରଣ କରି ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବା ସହ ତା ବାପାଙ୍କ ଠାରୁ ୫ ଲକ୍ଷ ଟଙ୍କା ବଟି ଆଦାୟ ପାଇଁ ଦାବି କରୁଥିବା ଆସାମୀକୁ କେନ୍ଦ୍ରାପଡା ଫାଷ୍ଟ୍ରକ୍ଲାସ ପୋକସୋ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମାନ୍ୟବର ବିଚାରପତି ତ୍ରିବିକ୍ରମ କେଶରୀ ଚିନାରା ଆସାମୀ ପ୍ରଦିପ ଓଝା ଓରଫ ପଦିଆକୁ ଦଫା ୩୬୪ (ଏ)ରେ ଆଜୀବନ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା, ଦଫା ୩୬୫ ଆଇପିସି ରେ ୫ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ କରିବା ସହ ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଶୁଣାଇଛନ୍ତି । ଘଟଣା ମୁତାବକ ୨୦୧୪ ମସିହା ମଇ ୨୯ ତାରିଖ ଦିନ ସଦର ଥାନା ଅଧିନ କସୋଟୀ ଗ୍ରାମରେ ଜଣକ ଘରେ ଚାକର ଭାବେ କାମ କରୁଥିବା ଜଗତସିଂହପୁର ଜିଲ୍ଲା ଡିଙ୍କିଆ ଗ୍ରାମର ମାଧବ ଓଝାଙ୍କ ପୁଅ ପ୍ରଦିପ ଓଝା ଓରଫ ପଦିଆ (୩୪) ଗୃହ ମାଲିକଙ୍କ ଝିଅଙ୍କୁ ଟିଉସନକୁ ନେବା ଆଣିବା କରିବା ବେଳେ କୌଶଳ କ୍ରମେ ସହଯୋଗୀଙ୍କ ସହାୟତାରେ ଅପହରଣ କରି ନେଇ ବ୍ରହ୍ମପୁର, ଭୁବନେଶ୍ୱର ଚନ୍ଦକା ଜଙ୍ଗଲ ଓ ପିପିଲି ଥାନା ଅଧିନ ଖିଲାର ଗାଁରେ ଲୁଚାଇ ରଖିବା ସହ ପ୍ରାୟ ଅଢେଇ ମାସ ଧରି ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇ ଆସୁଥିଲା । ଏହାସହ ଝିଅର ବାପାଠାରୁ ୫ ଲକ୍ଷ ଟଙ୍କା ବଟି ଆଦାୟ ପାଇଁ ଦାବି ରଖିଥିଲା । ଖିଲାର ଗାଁରେ ଥିବାବେଳେ ଝିଅଟି ଖାଇବାକୁ ଦେଉଥିବା ମହିଳାକୁ ଅନୁରୋଧ କରି ତା ମାଧ୍ୟମରେ ଘରକୁ ଫୋନକରି ଉଦ୍ଧାର ପାଇଁ ତା ବାପାକୁ ଜଣାଇଥିଲା । କେନ୍ଦ୍ରାପଡା ସଦର ଥାନା ପକ୍ଷରୁ ୧୦୬/୨୦୧୪ ରେ ମାମଲା ରୁଜୁ କରାଯାଇ ୨୦୧୪ ମସିହା ଅଗଷ୍ଟ ୧୪ ତାରିଖରେ ଝିଅକୁ ଉଦ୍ଧାର କରାଯିବା ସହ ଆସାମୀ ପଦିଆକୁ ଗିରଫ କରି ଜେଲକୁ ପଠାଇଥିଲା । ଜିଆର କେସ ନଂ-୬୦୭/୨୦୧୪ ମାମଲାର ବିଚାର ସାକ୍ଷ୍ୟ ପ୍ରମାଣ ଆଧାରରେ କରାଯାଇ ଆସାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଆଇନଜୀବି ମନୋଜ କୁମାର ସାହୁ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ ।

## ଜିଲ୍ଲାସ୍ତରୀୟ ବିଜୁ ସ୍ୱାସ୍ଥ୍ୟକାର୍ଡ ସଂପର୍କିତ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,୨୫/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ମୀଶନଶକ୍ତି ଗୃହରେ ଏକ ଜିଲ୍ଲା ସ୍ତରୀୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ମିଶନ ଶକ୍ତି ମହିଳା ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ମିଶନଶକ୍ତିର ୩ଜଣ ସଦସ୍ୟ ଗାଁ ଗାଁ ବୁଲି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଲୋକମାନଙ୍କୁ ସଚେତନ କରାଇବେ । ଏକ ସପ୍ତାହ ମଧ୍ୟରେ ସମସ୍ତ ପଂଚାୟତର ସମସ୍ତ ଗ୍ରାମକୁ ଏହି ମହିଳା ସଦସ୍ୟମାନେ ଲୋକମାନଙ୍କୁ ସଚେତନ କରାଇ ବିଜୁ ସ୍ୱାସ୍ଥ୍ୟକାର୍ଡ ସଂପର୍କରେ ଅବଗତତ କରାଇବେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିପିଏମ ପ୍ରକାଶ ବାନାର୍ଜୀ, ଜିଲ୍ଲା ମୀଶନଶକ୍ତି ଡିପିସି କୈଳାସ ଚନ୍ଦ୍ର ସେନାପତି, ଅନ୍ନପୂର୍ଣ୍ଣା ନାୟକ, କୈଳାସ ଚନ୍ଦ୍ର ବାରିକଙ୍କ ସମେତ କେନ୍ଦ୍ରାପଡା ବ୍ଲକର ମୀଶନଶକ୍ତି ମହିଳା ଉପସ୍ଥିତ ଥିଲେ ।

# କେନ୍ଦୁଝର ଜିଲ୍ଲାରେ ଏନ୍ଏଚ୍-୪୯ର ତ୍ରୁଟିପୂର୍ଣ୍ଣ ନିର୍ମାଣର ସରଜମିନ ତଦନ୍ତ ପାଇଁ ପହଂଚିଛନ୍ତି ଓଡିଶା ମାନବାଧିକାର କମିଶନଙ୍କ ସଚିବ

କେନ୍ଦୁଝର ,୨୫/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ମଧ୍ୟ ଦେଇ ଯାଇଥିବା ତୃଟି ପୂର୍ଣ୍ଣ ୪୯ ନମ୍ବର ଜାତୀୟ ରାଜପଥ ର ତୃଟି ପୂର୍ଣ୍ଣ ନିର୍ମାଣ ଶୈଳୀର ସରଜମିନ ତଦନ୍ତ ପାଇଁ ଜିଲ୍ଲା ରେ ଆଜି ତଥା ବୁଧବାର ଦିନ ଆସି ପହଂଚିଛନ୍ତି ଓଡିଶା ମାନବାଧିକାର କମିଶନ ଙ୍କ ସଚିବ ସୁନୀଲ କୁମାର ନାଏକ । କେନ୍ଦୁଝର ସିଟିଜେନ ଫୋରମ ପକ୍ଷରୁ କରାଯାଇଥିବା କେଶ ନମ୍ବର ୨୦୦୫-୨୦୧୯ ର ଶୁଣାଣି କରି କମିଶନର ତାଙ୍କର ଓ.ଏଚ୍ .ଆର୍ .ସି –ଚିଠି ନମ୍ବର –(୧୦୭୮୯-୧୬.୧୧..୨୦୨୧) ରେ ସଚିବ ସୁନୀଲ କୁମାର ନାଏକ ଙ୍କୁ ତଦନ୍ତ କରିବା କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଅଭିଯୋଗକାରୀ , ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ର ଆଂଚଳିକ ଅଧିକାରୀ ଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଥିଲା । ସଚୀବ ସୁନୀଲ କୁମାର କେନ୍ଦୁଝର ଗସ୍ତ କରବା ପରେ ପ୍ରଥମେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ ଠାରେ ପ୍ରଥମେ ଅଭିଯୋଗକାରୀ, ଜିଲ୍ଲାପ୍ରଶାସନ ଓ ଏନ୍.ଏଚ୍. ଆଇ ର ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଏନ୍ .ଏଚ୍ . ଆଇ ପକ୍ଷରୁ ତୃଟି ପୂର୍ଣ୍ଣ ରାଜପଥ କଥା କୁ ଘଟଂ ଘୋଡାଇବାକୁ ଚେଷ୍ଟା କରାଯାଇଥିବା ବେଳେ ସିଟିଜେନ ଫୋରମ ପକ୍ଷରୁ ବଳିଷ୍ଠ ପ୍ରମାଣ ଉପସ୍ଥାପନ କରାଯାଇଥିଲା । ଫଳରେ ଶେଷରେ ସଚୀବ ତୃଟିପୂର୍ଣ୍ଣ ବାଇପାସ ଅଂଚଳ ସ୍ଥଳ ପରିଦର୍ଶନ କରି ସରଜମିନ ତଦନ୍ତ କରିଥିଲେ । ଏହି ସମୟରେ ସ୍ଥାନୀୟ ତଥା ଅନେକ ସାଧାରଣ ଲୋକ ସେଠାରେ ପହଂଚି ରାସ୍ତା ନିର୍ମାଣର ତୃଟିପୂର୍ଣ୍ଣ ଶୈଳୀ ସଂମ୍ପର୍କରେ ସଚୀବ ଙ୍କ ନିକଟରେ ଅଭିଯୋଗ କରିଥିଲେ । ଯାହାକୁ ସଚୀବ ଗୁରୁତର ଭାବେ ଗ୍ରହଣ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ୪୯-ନମ୍ବ ଜାତୀୟ ରାଜପଥର ବେଲଦା ଠାରୁ ଜୁଡିଆ ପର୍ଯ୍ୟନ୍ତ ରାସ୍ତା କେନ୍ଦୁଝର ସହର ବାହାରେ ଯାଇଛି ଯାହାକୁ ସ୍ଥାନୀୟ ଲୋକେ ବାଇପାସ କହୁଛନ୍ତି । ତେବେ ତୃଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁଁ ସରକାର ଙ୍କର ବ୍ୟାପକ ଅର୍ଥହାନୀ ହେବା ସହ ବିପଦ ସଂଙ୍କୁଳ ହୋଇପଡିଛି । ଯେଉଁଥିପାଇଁ ଜନସାଧାରଣ ଙ୍କର ଅନେକ ମାତ୍ରା ରେ ଜୀବନ ହାନୀ ହେବାର ଆଶଙ୍କା ବୃଦ୍ଧି ପାଇଛି । ସ୍ୱଳ୍ପ ବ୍ୟବଧାନରେ ୪୯ ନମ୍ବର ଜାତୀୟ ରାଜପଥକୁ ତିନୋଟି ସ୍ଥାନରେ ଅହେତୁକ ଭାବରେ ବକ୍ର ପଥରେ ନିର୍ମାଣ କରାଯାଇ ୨୦ ନମ୍ବର ଜାତୀୟ ରାଜପଥରେ ମିଶାଯାଇଛି ।

## ଜିଲ୍ଲା କାର୍ଯ୍ୟାଳୟ ଆଗରେ ଶତାଧିକ ନିର୍ମାଣ ଶ୍ରମିକଙ୍କ ଧାରଣା

କେନ୍ଦ୍ରାପଡ଼ା,୨୫/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଅଫିସର ମାନଙ୍କ ମନମୁଖୀ ବେଆଇନ କାର୍ଯ୍ୟକଳାପ ଯୋଗୁଁ ଜିଲ୍ଲାର ନିର୍ମାଣ ଶ୍ରମିକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଶ୍ରମିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଏନେଇ ଜିଲ୍ଲା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ୧୫ଦଫା ଦାବି ପୂରଣ ପାଇଁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଶତାଧିକ ନିର୍ମାଣ ଶ୍ରମିକ ସଂଘର ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଧାରଣାରେ ବସିଥିଲେ । ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଦୁର୍ନିତି ଗ୍ରସ୍ତ ଅଫିସର ମାନେ ବର୍ଷବର୍ଷ ଧରି ଶ୍ରମିକଙ୍କ ଦାବିକୁ ଅବହେଳା କରି ସେମାନଙ୍କୁ ଆର୍ଥିକ ଶୋଷଣ କରୁଥିବା ଓ ସରକାରୀ ଯୋଜନାରେ ଦୂରଇେ ରଖି ମାନସିକ ନିର୍ଯ୍ୟାତନା ଦେଉଥିବା ଶ୍ରମିକ ନେତାମାନେ ବକ୍ତବ୍ୟ ରଖିଥିଲେ । ବୁଧବାର ପୂର୍ବାହ୍ନରେ ଜିଲ୍ଲା ନିର୍ମାଣ ଶ୍ରମିକ ସଂଘର ସଦସ୍ୟମାନେ ତିନିମୁହାଣୀ ରାମ ମନ୍ଦିର ଠାରୁ ଏକ ବିରାଟ ପଟୁଆର ରେ ସହର ପରିକ୍ରମା କରିବା ସହ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଁଚି ଧାରଣାରେ ବସିଥିଲେ । ତେବେ ଗତକାଲି ଜିଲ୍ଲା ଶ୍ରମ ଅଧିକାରୀ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଆଲୋଚନା ବୈଠକ କରିବେ ବୋଲି ସୂଚନା ଦେଇଥିଲେ ମଧ ନିର୍ଦ୍ଧିଷ୍ଟ ସମୟ ଓ ସ୍ଥାନରେ ଅନୁପସ୍ଥିତ ରହି ଜଗତସିଂହପୁର ପଳାଇଯିବା ଘଟଣା ଶ୍ରମିକଙ୍କୁ ଅଧିକ କ୍ଷୁବ୍ଧ କରିଥିଲା । ସଭାରେ ଏଭଳି ଅଧିକରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରାଯିବା ସହ ଉପସ୍ଥିତ ଶ୍ରମିକ ମାନେ ଏହାକୁ ସମର୍ଥନ କରିଥିଲେ । ଆଜିର ଧାରଣାରେ ସଂପାଦକ ଶ୍ରୀ ତ୍ରିପାଠୀଙ୍କ ସହ ଜିଲ୍ଲା ସଭାନେତ୍ରୀ ଦାମିନି ମିଶ୍ର, ବାହାଲି ଟୁଡୁ, ସେକ ରିୟାଜୁଦ୍ଦିନ, କାର୍ତିକ ବେହେରା, ନିତ୍ୟାନନ୍ଦ ସାମଲ, ପ୍ରଦିପ୍ତ ସାମଲ, ବିଷ୍ଣୁ ଚରଣ ବାରିକ, ସୁବାଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# କେଶ ଓ ସ୍କିନର ଯତ୍ନ

ଆପଣ ଘର ଭିତରେ ରୁହନ୍ତୁ ବାମ ବାହାରେ ବାୟୁ ପ୍ରଦୂଷଣରେ ରୁହନ୍ତୁ ଆପଣ ସ୍କିନ୍ ଓ କେଶର ବିଶେଷ ଧ୍ୟାନ ରଖିବା ଉଚିତ୍ । ମନେରଖନ୍ତୁ ଏସି, ରେଫ୍ରିଜରେଟର ଓ ମାଇକ୍ରୋୱେଭରୁ ବାହାରୁଥିବା ଗ୍ୟାସ୍ ଆପରଙ୍କ ସ୍କିନ ଓ କେଶ ପାଇଁ କ୍ଷତିକାରକ ହୋଇଥାଏ । ଖରା ହେଉ ବା ବର୍ଷା ଆପଣ ପ୍ରଦୂଷଣରୁ ଆପଣଙ୍କ ସ୍କିନ ଓ କେଶକୁ ରକ୍ଷା କରିବା ପଶଇଁ ବିଶେଷ ଧ୍ୟାନ ଦିଅନ୍ତୁ । ସ୍କିନ୍‌ଓ କେଶକୁ କ୍ଲୋଜିଙ୍ଗ, ଟୋନିଙ୍ଗ ଓ ମଇଶ୍ଚରାଇଜିଙ୍ଗ କରନ୍ତୁ । କେଶକୁ ଭରପୂର ମାତ୍ରାରେ ପୋଷଣ ଦିଅନ୍ତୁ ଯାହା ଦ୍ୱାରା କେଶ ଯେପରି ରୁକ୍ଷ ହୋଇପନଯାଏ । ବାହାରକୁ ଯିବା



ସମୟରେ ଆପଣଙ୍କ କେଶକୁ ପ୍ରଦୂଷଣରୁ ରକ୍ଷା କରିବାକୁ ବିଶେଷ ସ୍କୋର ବ୍ୟବହାର କରନ୍ତୁ । ସ୍କିନରେ ସମରସ୍କ୍ରିନ୍ , ଏଲୋଭେରା ଜେଲ ଲଗାନ୍ତୁ । ଏଥିରେ ଆପଣଙ୍କ ସ୍କିନ ୬ରୁ୭ ଘଣ୍ଟା ପର୍ଯ୍ୟନ୍ତ ପ୍ରଦୂଷଣରୁ ରକ୍ଷା ପାଇ ପାରିବ ।



# ବ୍ରଣ ସମସ୍ୟାରେ ଚିନ୍ତିତ କି, ଆପଣାନ୍ତୁ ଏହି ଘରୋଇ ଉପଚାର









ଆମେ ନିଜ ମୁହଁକୁ ଗୋରା ସୁନ୍ଦର କରିବା ପାଇଁ ପ୍ରତିଦିନ କିଛି ନାଁ କିଛି କରିଥାଉ । ମୁହଁ ଯେତେ ଗୋରା ଓ ସୁନ୍ଦର ହୋଇଥାଉ ନାଁ କାହିଁକି ଗୋଟିଏ ମାତ୍ର ବ୍ରଟ ହିଁ ସବୁ ସୁନ୍ଦରତାକୁ ନଷ୍ଟ କରିଦିଏ । ଏଥିରୁ ରକ୍ଷା ପାଇବା ପାଇଁ ଆମେ ବିଭିନ୍ନ ବିଜ୍ଞାପନ ଦେଖି ବିଭିନ୍ନ ପ୍ରକାର ଦାମୀ କ୍ରିମ ସବୁ କିଣିଥାଏ । ଏହା ବ୍ରଣ ଦୂର କରିବା ବଦଳରେ ଆମ ସମସ୍ୟା ବଢ଼ାଇଥାଏ । କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଏହି କ୍ରିମଠାରୁ ମଧ୍ୟ ଅଧିକ ଉପକାରୀ ଘରୋଇ ଉପଚାର । ଆମ ହାତ ପାଖରେ ମିଳୁଥିବା ଏହି ସବୁ ଜିନିଷ ବ୍ୟବହାର କଲେ ବ୍ରଣ ସମସ୍ୟା ଠାରୁ ରକ୍ଷା ମିଳିଥାଏ ।

ବରଫ: ବ୍ରଣ ଦୂର କରିବା ପାଇଁ ବରଫ ମସାଜ ଏକ ସରଳ ଉପାୟ । ଗୋଟିଏ ବରଫ ଖଣ୍ଡକୁ କପଡ଼ାରେ ବାନ୍ଧି ବ୍ରଣ ଉପରେ ଧିରେ ଧିରେ ପ୍ରାୟ ଗୋଟିଏ ମିନିଟ ମସାଜ କଲେ ବହୁତ ଶିଘ୍ର ବ୍ରଣ ଭଲ ହୁଏ ।

ଲେମ୍ବୁ: ଲେମ୍ବୁରେ ସାଇଟ୍ରିକ୍ ଏସିଡ୍ ଥାଏ । ଏଥିରେ ଆହୁରି ଅନେକ ଉପକାରୀ ଗୁଣ ଅଛି ଯାହା ତ୍ୱଚା ପାଇଁ ଲାଭକାରୀ ହୋଇଥାଏ । ତୁଳାକୁ ଲେମ୍ବୁ ରସରେ ଭିଜାଇ ରାତିରେ ବ୍ରଣ ଉପରେ ଲଗାଇ ସକାଳେ ଥଣ୍ଡା ପାଣିରେ ଧୋଇଲେ ବ୍ରଣ କମ ହେବା ସହ ବ୍ରଣ ଦାଗ ମଧ୍ୟ ଦୂର ହୋଇଥାଏ ।

ଘିକୁଆଁରୀ: ଘିକୁଆଁରୀ ଆମ ଶରୀର ପାଇଁ କେତେ ଉପକାରୀ ଏହା ତ ପ୍ରାୟ ସମସ୍ତେ ଜାଣିଥାନ୍ତି । ଘିକୁଆଁରୀକୁ ତ୍ୱଚାର ଡାକ୍ତର ବୋଲି ମଧ୍ୟ କୁହାଯାଏ । ବ୍ରଣ ସହିତ ଏହା ସନବର୍ଣ୍ଣ ମଧ୍ୟ ଦୂର କରିଥାଏ ।

ମହୁ: କିଛି ମହୁ ନେଇ ବ୍ରଣ ଉପରେ ଲଗାନ୍ତୁ । ମହୁ ତ୍ୱଚା ପାଇଁ ବହୁତ ଉପକାରୀ ହୋଇଥାଏ । ଆପଣ ଚାହିଁଲେ ସମ୍ପୂର୍ଣ୍ଣ ମୁହଁରେ ମୁହକୁ ଫେସ ମାସ୍କ ଭାବେ ଲଗାଇ ପାଣିବେ । ଏହି ମାସ୍କକୁ ୫ ମିନିଟ ରଖି ନଖ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହା ମୁହଁରୁ ବ୍ରଣ ଦୂର କରିବା ସହ ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ ।

କାକୁଡ଼ି: କାକୁଡ଼ିରେ ଥିବା ଉପାଦାନ ଆମ ତ୍ୱଚାର ସବୁ ପ୍ରକାର ଫୁଲା ଓ ଦାଗ ଦୂର କରିଥାଏ । ଏହା ବ୍ରଣ ଓ କଳାଦାଗ ଠିକ୍ କରିବାରେ ସାହାଯ୍ୟ କରେ । ଏହା ତ୍ୱଚାକୁ ଥଣ୍ଡା ରଖିବା ସହ ଉଜ୍ଜ୍ୱଳ ମଧ୍ୟ କରିଥାଏ । ଖଣ୍ଡେ କାକୁଡ଼ିକୁ ବ୍ରଣ ଉପରେ ରଖିଲେ ବହୁତ ଶିଘ୍ର ବ୍ରଣ ଦୂର ହୋଇଥାଏ ।

# ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ

ନବଜାତ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଜରୁରୀ ନୁହେଁ, ବରଂ ପ୍ରମୁଖ ଆବଶ୍ୟକତା ବୋଲି ବିଶେଷଜ୍ଞଙ୍କ ମତ । ଜନ୍ମଠାରୁ ଅତିକମ୍‌ରେ ୫-୬ ମାସ ପର୍ଯ୍ୟନ୍ତ ପିଲା ମା କ୍ଷିର ଖାଇବା ତା ଦେହ ପାଇଁ ଭଲ । ଏହା ପରେ ପିଲାକୁ ଡାକ୍ତରଙ୍କ ପରାମର୍ଶରେ ଅନ୍ୟ ଖାଦ୍ୟ ଧୀରେ ଧୀରେ ଦେବା ଉଚିତ । ପିଲା କ'ଣ ଖାଇଲେ ଦାନ୍ତ ଶକ୍ତ ହେବ, ଅବା ସେ କେଉଁ ସମୟରେ ଚୋବାଇ ଖାଇପାରିବ, ଏ ବାବଦରେ ଜାଣିବା ଆବଶ୍ୟକ ।

କୁନି ଶିଶୁ କେଉଁ ପ୍ରକାର ଖାଦ୍ୟ ଖାଇଲେ ତାହା ହଜମ କରିପାରିବ, ତାହା ଭଲଭାବେ ତର୍ଜମା କରନ୍ତୁ । ତରବରରେ କୌଣସି ପ୍ୟାକେଟ୍ ଖାଦ୍ୟ ଅବା ଅନ୍ୟ ଖାଦ୍ୟର ଆରମ୍ଭ କରିବା ଶିଶୁର ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ।

ପିଲାଙ୍କୁ ସବୁବେଳେ କୋଳରେ ରଖିବା ଭଲ ଅଭ୍ୟାସ ନୁହେଁ। ଏପରି କରିବା ଦ୍ୱାରା ସେମାନଙ୍କ ଶାରୀରିକ ବିକାଶ ଭଲଭାବେ ହୋଇପାରେ ନାହିଁ । ବୋଲି ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି।



# ମହିଳାଙ୍କ ପାଇଁ ଶକ୍ତିଦାୟୀ

ପୂର୍ବେ ମହିଳାମାନଙ୍କୁ ଘରୁ କେଉଁଆଡ଼େ ଯିବାକୁ ଅନୁମତି ମିଳୁନଥିଲା । କିନ୍ତୁ ବର୍ତ୍ତମାନ ମହିଳାମାନଙ୍କ ଦାୟିତ୍ୱ ବଢ଼ିଯାଇଛି । ଘର ହେଉ ଅବା ବାହାର ସମସ୍ତ ସ୍ଥାନରେ ମହିଳାଙ୍କ ବେଶୀ କାର୍ଯ୍ୟ କରିବାକୁ ପଡୁଛି । ଘର ସହିତ ବାହାର କାର୍ଯ୍ୟର ଦାୟିତ୍ୱ ସୁରୁଖୁରୁ ଭାବେ ତୁଲାଇବା ସହ ପୁନଶ୍ଚ ଆଉ ଏକ ପ୍ରଭାତ ପାଇଁ ପ୍ରସ୍ତୁତ ହେବାପାଇଁ ମହିଳାଙ୍କୁ ପ୍ରଚୁର ଶକ୍ତି ପ୍ରଦାୟୀ ଖାଦ୍ୟ ଖାଇବା ଆବଶ୍ୟକ । ତେବେ ଜାଣନ୍ତୁ ଖାଦ୍ୟ ପଦାର୍ଥରେ କେଉଁକେଉଁ ଡାଏଫ୍ରୁଟ ସାମିଲ କରିବା ଆବଶ୍ୟକ ।

*ଡିମ୍ବିରି ଫଳ:* ଡିମ୍ବିରି ଫଳ ପେଟ ପାଇଁ ଖୁବ୍ ଉପାଦାୟୀ ହୋଇଥାଏ । ପେଟ ସମ୍ବନ୍ଧିତ ସମସ୍ତ ସମସ୍ୟା କମିଯାଏ । ଏହା ସହ ଶରୀରକୁ ତୁରନ୍ତ ଶକ୍ତି ମଧ୍ୟ ମିଳିଥାଏ । ତେଣୁ ସକାଳୁ ପ୍ରତିଦିନ ଏହାକୁ ଖାଇବା ଆବଶ୍ୟକ । ଡିମ୍ବିରି ଫଳ ଖାଇବା ପାଇଁ ରାତିରେ ୧କପ୍ ପାଣିରେ ୨ଟି ଟିମ୍ବିରି ଫଳ ଭିଜାଇ ରଖି ସକାଳୁ ପାଣିକୁ ପିଇବା ସହ ତାକୁ ଖାଇବା ଆବଶ୍ୟକ । ଚାହିଁଲେ ଚା' କିମ୍ବା ଦୁଗ୍ଧରେ ମିଶାଇ ସେବନ କରିପାରିବେ ।

*କିସମିସ୍:* ଯେଉଁ ମହିଳାଙ୍କ ଶରୀରରେ କମ୍ ପରିମାଣରେ ଆଇରନ୍ ରହିଥାଏ ଏହା ମହୋଷଧୀ ରୂପେ କାର୍ଯ୍ୟ କରିଥାଏ ।ଏଥିପାଇଁ ରାତିରେ ଅଳ୍ପ ପାଣିରେ ୧୦ଟି କିସମିସ୍ ଭିଜାଇ ରଖି ସକାଳୁ ଏହାକୁ ଖାଇବା ଆବଶ୍ୟକ । ଏଥିରେ ଅଳ୍ପ ମେଥିଦାନା ଭିଜାଇ ଖାଇଲେ ମଧ୍ୟ ସୁଫଳ ମିଳିଥାଏ । ଗୋଟେ ଗ୍ଲାସ ପାଣିରେ ୧୦ଟି କିସମିସକୁ ଗରମ କରି ପାଣିକୁ ଅଧା କରିଦେବା ଆବଶ୍ୟକ । ଏହାକୁ ଏକ କାଚପାତ୍ରରେ କାଢ଼ି ଗୁଡ଼ ମିଶାଇ ସେବନ କଲେ ମଧ୍ୟ ଚଳିବ । କିନ୍ତୁ ଏହାକୁ ଥରେ ନୁହେଁ ଦିନରେ ୨-୩ ଥର ଏପରି କରିବା ଆବଶ୍ୟକ ହୋଇଥାଏ ।

*ଶୁଖିଲାପ୍ଲମ ଫଳ:* ୨ଟି ଶୁଖିଲା ପ୍ଲମ୍ ଫଳ ସକାଳୁ ଖାଇବା ଦ୍ୱାରା ପେଟ ଜନିତ ନାନାଦି ସମସ୍ୟା ଦୂର ହୋଇଥାଏ । ଏଥିରେ ପ୍ରଚୁର ପରିମାଣର ଫାଇବର ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଏହାକୁ ଖାଇବା ଦ୍ୱାରା ପେଟର ଭାରିପଣ ହ୍ରାସପାଏ ଓ ଦିନ ସାରା ଆରାମପ୍ରଦ ରହିଥାଏ । ଫଳରେ ଶରୀରରେ ପ୍ରଚୁର ପରିମାଣରେ ଶକ୍ତି କ୍ଷରଣ ହୋଇଥାଏ ।







# ଘଣ୍ଟାଏରୁ ଅଧିକ ଟିଭି ଦେଖା ପିଲାଙ୍କୁ ବିପଦ

ଆଜିକାଲିର ପିଲାମାନଙ୍କ ପାଇଁ ଟିଭି, ଲାପଟପ୍ ଓ ମୋବାଇଲ ବେଶ୍ ଗୁରୁତ୍ୱପୂର୍ଣ ହୋଇପଡ଼ିଲାଣି । ଅବଶ୍ୟ ପିଲାମାନଙ୍କର ଏହି ଅଭ୍ୟାସ ପାଇଁ ଅଭିଭାବକମାନେ ହିଁ ଦାୟୀ । କିନ୍ତୁ ୫ବର୍ଷ ବୟସରୁ କମ ପିଲାମାନେ ୧ଘଣ୍ଟାରୁ ଅଧିକ ସମୟ ସମୟ କୌଣସି ସ୍କ୍ରିନ୍ ଥିବା ଗ୍ୟାଜେଟ୍ ଦେଖିବା କ୍ଷତିକାରକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କହାଯାଇଛି ।



**ଶାରିରୀକ ଓ ମାନସିକ ବିକାଶରେ ବାଧା:-**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପିଲାଙ୍କ ମୋଟାପଣରୁ ବଢୁଥିବା ରୋଗର କାରଣ ଓ ସ୍ୱାସ୍ଥ୍ୟ ବିକାଶକୁ ନେଇ ଏକ କ୍ୟାମ୍ପେନ ଆରମ୍ଭ ହୋଇଛି । ଏଥିରେ ରଖାଯାଇଥିବା ଗାଇଡଲାଇନରେ ଦର୍ଶାଯାଇଛି ଯେ ୫ ବର୍ଷରୁ କମ ପିଲାମାନେ ଏକ ଘଣ୍ଟାରୁ ଅଧିକ ଟିଭି ବା ମୋବାଇଲ ସ୍କ୍ରିନକୁ ଦେଖିବା ଦ୍ୱାରା ସେମାନଙ୍କ ମାନସିକ ଓ ଶାରିରୀକ ବିକାଶ ବାଧାପ୍ରାପ୍ତ ହୋଇଥାଏ ।

**ଟିଭି ସ୍କ୍ରିନ ନୁହେଁ, ଖେଳନା :-**

ଡବ୍ଲୁଏଚ ଓ ପକ୍ଷରୁ କୁହାଯାଇଛି ୫ବର୍ଷ ବୟସରୁ କମ ପିଲାମାନେ ସ୍କ୍ରିନ ସାମ୍ନାରେ ଅଧିକ ସମୟ ବିତାଇବା ଅନୁଚିତ୍ । ବରଂ ଦିନ ସାରା ଟିଭି ବା ମୋବାଇଲ ଆଗରେ ବସି ରହିବା ଅପେକ୍ଷା ବହି ପଢ଼ିବା ଓ ଖେଳିବା ଓ ଶୋଇବାରେ ସମୟ ବିତାଇଲେ ଭଲ । ଡବ୍ଲୁଏଚଓର ଡାଇରେକ୍ଟର ଜେନେରାଲ କହିଛନ୍ତି, 'ସୁସ୍ଥ ରହିବା ତଥା ବିକାଶ ପାଇଁ ଜୀବନରେ ଆଦର୍ଶ ଅପଣାଇବା ଜରୁରି ।' ମୋବାଇଲ, ଟିଭି, ଲାପଟପ ଯୋଗୁ ବଢୁଛି ମୋଟାପଣ ଡବ୍ଲୁଏଚଓ ଅନୁସାରେ ପିଲାମାନେ ଟିଭି, ମୋବାଇଲ ଓ ଲାପଟପ ଭଳି ଗ୍ୟାଜେଟ୍ ଯୋଗୁ କ୍ରମଶଃ ନିଷ୍କ୍ରିୟ ହୋଇପଡୁଛନ୍ତି । ଯାହା ଫଳରେ ମୋଟାପଣ ବଢୁଛି । ଏହାଠାରୁ ଦୂରେଇବା ପାଇଁ ହେଲେ ପିଲାମାନେ ଖେଳକୁଦ ଓ ଅନ୍ୟାନ୍ୟ ଶାରିରୀକ ସକ୍ରିୟତା ବି ଜରୁରି । ପିଲାମାନେ ନିଷ୍କ୍ରିୟ ହେବା ଦ୍ୱାରା ଭଲ ନିଦ ବି ହୋଇନ ଥାଏ ।

**ଡବ୍ଲୁଏଚ ଓ ଗାଇଡଲାଇନ୍ସ:-**

ଏକ ବର୍ଷରୁ କମ ପିଲାମାନଙ୍କୁ ସ୍କ୍ରିନଠାରୁ ଦୂରେଇ ରଖନ୍ତୁ ।

୧-୨ ବର୍ଷର ପିଲାମାନଙ୍କୁ କିଛି ସମୟ ପାଇଁ ଟିଭି ବା ମୋବାଇଲ ଦେଖିବାର ସୁଯୋଗ ଦିଅନ୍ତୁ । ମାତ୍ର ଅଧିକ ସମୟ ବା ଅଭ୍ୟସ୍ତ କରନ୍ତୁ ନାହିଁ ।

୩-୪ ବର୍ଷର ପିଲାଙ୍କୁ ଏକ ଘଣ୍ଟାରୁ ଅଧିକ ସମୟ ଟିଭି ଦେଖିବାକୁ ଦିଅନ୍ତୁ ନାହିଁ ।

# ଦହିରେ ଏହି ପାଉଡର୍ ଗୋଳାଇ ସେବନ କରନ୍ତୁ ଶରୀରରେ କର୍କଟ ସମସ୍ୟା ଦେଖାଯିବ ନାହିଁ !

କୋକୋଆ ପାଉଡରକୁ ସେବନ କରିବା ଦ୍ୱାରା ସୁଗର୍ ସମସ୍ୟାରୁ ମୁକ୍ତ ହୋଇପାରିବେ । କୋକୋଆ ପାଉଡର ସେବନ କରିବା ଦ୍ୱାରା ଶରୀରରେ ସର୍କରାର ସ୍ତର ନିୟନ୍ତ୍ରିତ ହେବା ସହ ମୋତିଆବିନ୍ଦୁ ସମସ୍ୟାକୁ ମଧ୍ୟ ରୋକିଥାଏ । ତେଣୁ ଯଦି ଶରୀରକୁ ସୁସ୍ଥ ରଖିବାକୁ ଚାହାନ୍ତି ତେବେ କୋକୋଆ ପାଉଡର ନିଶ୍ଚୟ ସେବନ କରନ୍ତୁ ।

**ମୋଟାପଣ ସମସ୍ୟାକୁ କମ୍ କରେ :** କୋକୋଆ ପାଉଡରର ସେବନ କରିବା ଦ୍ୱାରା ମୋଟାପଣ ମଧ୍ୟ କମ୍ ହୋଇଥାଏ । ଖାଦ୍ୟ ଅଧିକ ହୋଇଗଲେ କୋକୋଆ ପାଉଡର ପାଚନ କରିବାରେ ମଧ୍ୟ ସାହାଯ୍ୟ କରେ । ଏହା ଫେଟି ଏସିଡ୍ ସଂଶ୍ଳେଷଣକୁ ମଧ୍ୟ କମ୍ କରିଥାଏ।

**କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତ କରିଥାଏ :** କୋଷ୍ଠକାଠିନ୍ୟ ସମସ୍ୟା ଥିବା ଲୋକଙ୍କ ପାଇଁ କୋକୋଆ ପାଉଡର ବହୁତ ଫାଇଦା ଆଣିଥାଏ ।

**କ୍ୟାନ୍ସର ସମସ୍ୟାରୁ ମୁକ୍ତ କରିଥାଏ :** ଏହି ପାଉଡର ସେବନ କରିବା ଦ୍ୱାରା କ୍ୟାନସର ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳେ । ଏହି ପାଉଡରରେ ଫ୍ଲେବୋନୋଲ୍ସ ଏବଂ ପ୍ରୋଜୋନିଡିନ୍ ଭଳି ଗୁଣ ଥାଏ । ଯାହା କ୍ୟାନସର ସେଲସ୍ କୁ କମ୍ କରିଥାଏ । ଲଗାତାର ଏହି ପାଉଡରର ସେବନ କରିବା କର୍କଟ ସେଲ୍ସ କମ୍ ହୋଇଥାଏ ।



# ତ୍ୱଚାକୁ ସଂକ୍ରମଣରୁ ଦୂରେଇ ରଖେ ବନ୍ଧାକୋବି

ସାଧାରଣତଃ ସେ ପୁଅ ହୁଅନ୍ତୁ ଅବା ଝିଅ ନିଜ ମୁହଁକୁ ସୁନ୍ଦର କରିବା ପାଇଁ ସମସ୍ତେ ଚାହାନ୍ତି । ଏଥିପାଇଁ ବହୁ ଟଙ୍କା ମଧ୍ୟ ଖର୍ଚ୍ଚ କରି ଥାଆନ୍ତି। ଏମିତି କି ବେଳେ ବେଳେ ବିଭିନ୍ନ ପ୍ରକାର କ୍ରିମ ବ୍ୟବହାର ଦ୍ୱାରା ଚର୍ମରେ ସଂକ୍ରମଣ ହୋଇ ଚେହେରା ଆହୁରି ଅଧିକ ଖରାପ ହୋଇଯାଇଥାଏ। ଏପରି ପରିସ୍ଥିତିରେ ଘରୋଇ ଉପଚାର କରିବା ବହୁତ ଲାଭଦାୟକ ହୋଇଥାଏ। ଏହାଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ଭୟ ବି ନଥାଏ। ତେବେ ବହୁତ କମ ଲୋକ ଜାଣିଛନ୍ତି କି ବନ୍ଧାକୋବି ରୋଷେଇ ବ୍ୟତୀତ ତ୍ୱଚା ପାଇଁ ବି ବ୍ୟବହାର କରାଯାଇଥାଏ। ଏହା ତ୍ୱଚା କୁଞ୍ଚନ ଦୂର କରିବା ସହ ଚେହେରାର ଚମକ ବଢ଼ାଇବାରେ ସହାୟକ ହୋଇଥାଏ। ଆସନ୍ତୁ ଜାଣିବା ତ୍ୱଚାର ଔଜ୍ଜ୍ୱଲ୍ୟ ବୃଦ୍ଧିରେ ବନ୍ଧାକୋବିକୁ କିପରି ବ୍ୟବହାର କରିବ। ପ୍ରଥମେ ମୁହଁକୁ ଭଲଭାବେ ଧୋଇ ଦେବା। ଏହାପରେ ୪ ବଡ ଚାମଚ ବନ୍ଧାକୋବି, ଗୋଟିଏ ଅଣ୍ଡାର ଧଳା ଅଂଶ, ୧ ଚାମଚ ମହୁ, ୨ ଚାମଚ ଚାଉଳ ପାଉଡର, ୪ରୁ ୫ ବୁନ୍ଦା ଲେମ୍ବୁ ରସ ସବୁକୁ ମିଶାଇ ଏକ ପେଷ୍ଟ ତିଆରି କରିବା ଏହାକୁ ଚେହେରା ଲଗାଇ୨୦ମିନିଟ ରଖିବା ପରେ ଧୋଇ ଦେବା। ଏହି ପ୍ୟାକକୁ ବ୍ୟବହାର କରିବା ଦ୍ୱାରା ତ୍ୱଚାର ଚମକ ବଢ଼ିବା ସହ ତ୍ୱଚା କୁଞ୍ଚନ ଦୂର ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୌସୁମୀ ପରେ ପ୍ରଳୟ...

ଆମ ଦେଶ କାହିଁକି, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ପ୍ରକୃତିର ନିଷ୍ଠୁରତା ବିଭିନ୍ନ ରୂପରେ ପ୍ରକଟିତ ହେଉଛି । କେଉଁଠି ପ୍ରଚଣ୍ଡ ନିଦାଘ ପ୍ରବାହ, କେଉଁଠି ବରଫ ଝଡ଼, ଆଉ କେଉଁଠି ଝଡ଼ ବାତ୍ୟା, ଜଙ୍ଗଲ ପୋଡ଼ି । ଅତ୍ୟଧିକ ବର୍ଷା କାରଣରୁ କେଉଁଠି ପ୍ରବଳ ବନ୍ୟା ହେଉଛି ତ' ଆଉ କେଉଁଠି ଅନାବୃଷ୍ଟିଜନିତ ଉତ୍କଟ ମରୁଡ଼ି । ଜଳବାୟୁରେ ଅସ୍ୱାଭାବିକ୍ ପରିବର୍ତ୍ତନ ଫଳରେ ତାପନ ପ୍ରକ୍ରିୟାରେ ବିପରୀତ ସ୍ଥିତି ଉପୁଜୁଛି । ଏମିତିରେ ବହୁ ସ୍ଥାନରେ ଭୂସ୍ଖଳନଜନିତ ଦୁର୍ଘଟଣା କେତେ ଧନଜୀବନକୁ ବିପର୍ଯ୍ୟସ୍ତ କରିସାରିଛି ତାହାର ହିସାବ ନାହିଁ । ଜଳବାୟୁ ପ୍ରଦୂଷଣର ସମସ୍ୟା ଏମିତିରେ ମାନବ ସଭ୍ୟତାର ସହଚର ହୋଇସାରିଲାଣି । ଏଭଳି ବିପରୀତ ପରିସ୍ଥିତି ସହ ପୂର୍ବରୁ ଜନସମାଜ ଅଭ୍ୟସ୍ତ ନଥିଲା । ଯଦୃଚ୍ଛା ବନ ସମ୍ପଦ ଧ୍ୱଂସ କରାଯିବାଠାରୁ ଆରମ୍ଭ କରି ଭୂତଳ ଜଳ ସମ୍ପଦର ଅପବିନିଯୋଗ ଯେମିତି ଅବାଞ୍ଛିତ ସମସ୍ୟାକୁ ଡାକି ଆଣୁଛି, ସେଭଳି ବାୟୁ ତଥା ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । କିଛି ମାସ ହେଲା ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଭଳି କେତେକ ସ୍ଥାନରେ ପର୍ବତ ଧସିବାଠାରୁ ଆରମ୍ଭ କରି ବଡ଼ଧରଣର ପ୍ରାକୃତିକ ବିପର୍ଯ୍ୟୟ ଘଟିଯାଇଛି । ସମୁଦ୍ର ପତନରେ ଉତ୍ତାଳ ଜୁଆର ତଟବର୍ତ୍ତୀ ବସତିଗୁଡ଼ିକୁ ଉଜାଡ଼ି ଦେଇଛି । ତତ୍‌ସହିତ ବାସିନ୍ଦାମାନଙ୍କର ଜୀବନ ଜୀବିକାକୁ ବିପନ୍ନ କରିଦେଇଛି । ମତ୍ସ୍ୟଜୀବୀମାନଙ୍କର ଜାଲ ଓ ଡଙ୍ଗା ଭଳି ସବୁ ସାଧନକୁ ଭସାଇ ନେଇଛି । ପ୍ରଶାସନ ଯେତେ ଯାହା କଲେ ସୁଦ୍ଧା ପ୍ରକୃତିର କୋପ ଆଗରେ ତାହା ପାଣିଫୋଟକା ଭଳି ମିଳେଇ ଯାଇଛି । ନିକଟରେ ଦକ୍ଷିଣ ଭାରତ ଉପରେ ଇନ୍ଦ୍ରଙ୍କର କୋପଦୃଷ୍ଟି ପଡ଼ିଛି । ଅସମୟ ଲଘୁଚାପ ଆମ ରାଜ୍ୟର ଦକ୍ଷିଣ ପ୍ରାନ୍ତରେ ବ୍ୟାପକ ଫସଲ ହାନି ଘଟାଇ ଚାଷୀକୁଳର ଅଣ୍ଟା ଭାଙ୍ଗିଦେଇଛି । ଏହାର ଭରଣା କିଭଳି କରାଯିବ, ତାହା ଚିନ୍ତାର ବିଷୟ ହୋଇଛି । ପୁରୁଣା ବନ୍ଧବାଡ଼ର ମରାମତିଠାରୁ ଯେତେ ସମସ୍ୟା ରହିଛି, ତାହାର ଯଥାଯଥ ସମାଧାନ ସେମିତି ଲଟକି ରହିଥିବାର ଅଭିଯୋଗ ରହିଛି । କେତେଦିନ ହେଲା ଅନବରତ ପ୍ରବଳ ବର୍ଷା କାରଣରୁ ଦକ୍ଷିଣ ଭାରତ ଉବୁଟବୁ ହେଲାଣି । ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, କେରଳ ଓ ତାମିଲନାଡୁରେ ଅତି ପ୍ରବଳ ବର୍ଷା ହେବାରୁ ଶତାଧିକ ଜୀବନହାନି ଘଟିଛି । ବହୁ ଲୋକ ମଧ୍ୟ ନିଖୋଜ ଅଛନ୍ତି । ପ୍ରାୟ ପନ୍ଦର ବର୍ଷରୁ ଅଧିକ କାଳ ହେଲା ଏତେ ଅଧିକ ବୃଷ୍ଟିପାତ ହୋଇନଥିବାର ରେକର୍ଡ଼ରୁ ଜଣାଯାଇଛି। । ଆନ୍ଧ୍ର ପ୍ରଦେଶ, ତାମିଲନାଡୁରେ ବୃଷ୍ଟିପାତ ଏତେ ବେଶୀ ହୋଇଛି, ଯଦ୍ୱାରା ତିରୁପତି ଦେବସ୍ଥାନର ଭିତରେ ବର୍ଷାଜଳର ସୁଅ ଛୁଟିଛି । ଶହ ଶହ ଗାଡ଼ି ମୋଟର ବୁଡ଼ିଯାଇଛି ଏବଂ ଯାନ ଚଳାଚଳ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଭଳି ଗୋଟିଏ ହେଲେ ନଦୀ କିମ୍ବା ଜଳାଶୟ ବାଦ୍ ପଡ଼ିନାହିଁ, ଯାହା ଭରିହୋଇ ଆଖପାଖ ଅଞ୍ଚଳକୁ ମାଡ଼ିଯାଇନାହିଁ । ଛୋଟ ବଡ଼ ନଦୀ ଜଳଭର୍ତ୍ତି ହୋଇ ବନ୍ଧବାଡ଼ ଭାଙ୍ଗିଯାଇଛି । କେରଳରେ ମାସ ମାସ ଧରି ପ୍ରବଳ ବର୍ଷା ସହିତ ବନ୍ୟାଜନିତ ସମସ୍ୟା ବର୍ଣ୍ଣନାର ବାହାରେ । କର୍ଣ୍ଣାଟକରେ ବର୍ଷା ବିପ୍ରାତରେ ତିରିଶି ଜଣଙ୍କର ମୃତ୍ୟୁ ଘଟିଛି । ତାହାରି ଭିତରେ ପାଣିପାଗ ବିଭାଗ ପୁଣି ଲଘୁଚାପ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି । ତାହା ହେଲେ ଯନ୍ତ୍ରଣା ପରେ ଅଧିକ ଅସହ୍ୟ ହୋଇପଡ଼ିବ। ଯାତ୍ରୀ ପରିବହନ, ରେଳ ଚଳାଚଳ ବ୍ୟାପକ ଭାବରେ ପ୍ରଭାବିତ ହୋଇପଡ଼ିଛି । ପୂରା ମାତ୍ରାରେ ବର୍ଷା ଓ ବନ୍ୟାଜନିତ ସମସ୍ୟା ଉପରେ ନିୟନ୍ତ୍ରଣ ଆଣିବା କୌଣସି ରାଜ୍ୟର ହାତରେ ନାହିଁ । ପ୍ରତିବର୍ଷ ଯେମିତି ଥରିଥର କରି ଜଳ ପ୍ରଳୟ ଘଟୁଛି, ତାହାର ସ୍ଥାୟୀ ସମାଧାନ ପାଇଁ ଯୋଜନା ପ୍ରାୟତଃ ଦିଶୁ ନାହିଁ । କେନ୍ଦ୍ର ସରକାରର ଚିର ବନ୍ୟାକ୍ଲିଷ୍ଟ ରାଜ୍ୟ ସରକାର ଏବଂ ବିଶେଷଜ୍ଞମାନଙ୍କ ସହ ବସ୍ତୁନିଷ୍ଠ ଆଲୋଚନା କରି ଦୂରଗାମୀ ସମାଧାନର ରାସ୍ତା ବାହାର କରିବା ଜରୁରି । ପ୍ରତିବର୍ଷ ଏଭଳି ବିପତ୍ତିର ପୁନରାବୃତ୍ତି ହେଉଥିବାର ଦେଖାଯାଉଥିବାରୁ ବୃହତ୍ତର ରାଷ୍ଟ୍ରୀୟ ସ୍ୱାର୍ଥରେ ଜଳ ପରିଚାଳନା ଓ ବନ୍ୟା ନିୟନ୍ତ୍ରଣ ସକାଶେ ପଦକ୍ଷେପ ନିଆଯିବା ଭିନ୍ନ ଅନ୍ୟ ପନ୍ଥା ଦିଶୁ ନାହିଁ ।

## ଜଳବାୟୁ ପରିବର୍ତ୍ତନରେ ଧ୍ୱଂସାଭିମୁଖୀ ସଭ୍ୟତା



ଡକ୍ଟର ଲକ୍ଷ୍ମଣ ସାହୁ

ନିକଟରେ କେରଳ ଓ ଉତ୍ତରାଖଣ୍ଡ ସମେତ ଅନେକ ସ୍ଥାନରେ ମୌସୁମୀ ଏଥର ଦେଖାଇଥିବା କ୍ରୋଧ, ସାଧାରଣ ଲୋକଙ୍କୁ ଭୀଷଣ ଭାବରେ ଭୟଭୀତ କରି ଦେଇଛି । ପ୍ରକୃତିର କ୍ରୋଧ ଯେମିତି ଆଧୁନିକ ମାନବ ସମାଜକୁ ଧ୍ୱସ୍ତ ବିଧ୍ୱସ୍ତ କରିବା ପାଇଁ ପ୍ରସ୍ତୁତ କହିଲେ ନସରେ । ଉତ୍ତରାଖଣ୍ଡ ଓ କେରଳକୁ ଭୂଗୋଳିକ ଦୃଷ୍ଟିରୁ ଅବଲୋକନ କଲେ ଦୁହେଁ ଭାରତର ଦୁଇଟି ବିପରୀତ ଦିଗରେ ଅବସ୍ଥିତ । ବର୍ଷା ଏତେ ଦୂରରେ ଥାଇ ମଧ୍ୟ ଦୁଇଟି ରାଜ୍ୟରେ ବର୍ଷି ଏଭଳି ତାଣ୍ଡବଲୀଳା ସୃଷ୍ଟି କରିଛି, ଯାହା ଅଧା ଅକ୍ଟୋବର ଅତିକ୍ରମ କଲା ପରେ ବି ଏହାର ପରିବର୍ତ୍ତନ ଅଛି କି ନାହିଁ ଚିନ୍ତା କରିବାକୁ ବାଧ ହେବାକୁ ପଡ଼ିଥିଲା । ଏକଥା ସତଯେ ଆଗାମୀ ଦିନ ପାଇଁ ଆହୁରି ଅଧିକ ସଜାଗ ହେବାକୁ ପଡ଼ିବ ମଧ୍ୟ ? ତଥ୍ୟ ଅନୁଯାୟୀ, ବର୍ଷା ଋତୁରେ ଭାରତର ପରିମାଣ ସଂଖ୍ୟାରେ ଭାରତୀୟମାନଙ୍କ ପାଇଁ ଅସ୍ୱାଭାବିକ ନୁହେଁ ବୋଲି ଜଳବାୟୁ ଅଧ୍ୟୟନ ସହ ଜଡିତ ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି ।

ତଥ୍ୟ ଅନୁଯାୟୀ ଏହି ଋତୁରେ ଭଲ କିମ୍ବା ଅଧିକ ବର୍ଷା ହୋଇଥିଲେ ମଧ୍ୟ ଏହାକୁ ଅସାଧାରଣ କୁହାଯାଇ ପାରିବ ନାହିଁ । କିନ୍ତୁ ପରିବେଶର ପରିବର୍ତ୍ତନ ଅନୁଯାୟୀ ବେଳେବେଳେ ଅତ୍ୟଧିକ ବର୍ଷା ପରି ପରିସ୍ଥିତି ସୃଷ୍ଟି କରେ । ଏହି ସତ୍ୟକୁ ବୁଝି ବାକୁ ହେଲେ, ଗତ ଶହେ ତିରିଶ ବର୍ଷ ମଧ୍ୟରେ ପୃଥିବୀର ହାରାହାରି ତାପମାତ୍ରା ପ୍ରାୟ ୧.୩ ଡିଗ୍ରୀ ସେଲସିୟସ ହୋଇଛି । ତାପମାତ୍ରା ବୃଦ୍ଧି ହେତୁ, ଯେତେବେଳେ ପୃଥିବୀ ପୃଷ୍ଠରେ ଉପସ୍ଥିତ ଜଳ ଉତ୍ସରୁ ବାଷ୍ପୀକରଣ ହୁଏ, ତାହା ବାୟୁମଣ୍ଡଳର ଆର୍ଦ୍ରତା ନଅରୁ ଦଶ ପ୍ରତିଶତ ବୃଦ୍ଧି ପାଇଥାଏ । ଏହି ଆର୍ଦ୍ରତା ବାୟୁରେ ରହିଥାଏ । ଯେତେବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ବର୍ଷା ନଥାଏ, ବାୟୁ ସେହି ଆର୍ଦ୍ରତା ବଜାୟ ରଖେ ଏବଂ ଯେତେବେଳେ ବର୍ଷା ହୁଏ, ଏହା କିଛି କ୍ଷଣ ମଧ୍ୟରେ ସମସ୍ତ ଜମା ହୋଇଥିବା ଆର୍ଦ୍ରତାକୁ ମୁକ୍ତ କରିଥାଏ । ଆଜିକାଲି ଏହି କାରଣରୁ କ୍ଲାଉଡ୍ ବର୍ଷ୍ଟ ପରି ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଥିବା ଜଳବାୟୁ ଅଧ୍ୟୟନ ସହିତ ଜଡିତ ରହିଥିବା ଅନେକ ବୈଜ୍ଞାନିକ କୁହନ୍ତି । ବାସ୍ତବରେ, ସେହି ପ୍ରବଳ ବର୍ଷା ବାୟୁରେ ଜମା ହୋଇଥିବା ଆର୍ଦ୍ରତା କାରଣରୁ ବର୍ଷା ଜଳରେ ତରଳିଯାଏ । ଯଦି ପୂରା ଋତୁରେ ବର୍ଷା କିଛି ଦିନ ଲାଗି ରହେ, ତେବେ ସେହି ଅଞ୍ଚଳର ଲୋକମାନେ ବୁଝି ପାରନ୍ତି ନାହିଁ ଯେ ପ୍ରକୃତିର ଏହି ବିପଦ ସେମାନଙ୍କ ଉପରେ କାହିଁକି ଦାଉ ସାଧୁଛି । ବୁଝିବା ଆବଶ୍ୟକ ଯେ, ଯେଉଁଠାରେ ପ୍ରବଳ ବର୍ଷା ହୁଏ, ସେଠାରେ ଅଙ୍ଗାରକାମ୍ଳ ନିର୍ଗମନର ଯୋଗୁଁ ପୃଥିବୀର ତାପମାତ୍ରା ଆର୍ଦ୍ରତା ବୃଦ୍ଧି ଘଟେ । ଅଜୈବିକ ପ୍ରୟୋଗ ଉପରେ ସମଗ୍ର ବିଶ୍ୱ ଗୁରୁତ୍ୱାରୋପ କରୁଛି । କିନ୍ତୁ ଅଙ୍ଗାରକାମ୍ଳ ନିର୍ଗମନ ଉପରେ ସେଭଳି କୌଣସି ନିୟନ୍ତ୍ରଣ ନାହିଁ । ବିଦ୍ୟୁତ୍ ବ୍ୟବହାର ଠାରୁ ଆରମ୍ଭ କରି ପରିବହନ ପର୍ଯ୍ୟନ୍ତ, ମଣିଷ ପ୍ରକୃତିର କୋଳରେ ହଙ୍ଗାମା କରୁଛି ଏବଂ ଏହି କାର୍ବନ ନିର୍ଗମନ ସମଗ୍ର ବିଶ୍ୱରେ ଜଳ ସୃଷ୍ଟି କରୁଛି । ଅନିୟନ୍ତ୍ରିତ ଶକ୍ତି ବ୍ୟବହାର ଯାହା ସର୍ଭରକୁ ଥଣ୍ଡା କରିବା ଏବଂ ଏହାକୁ ଚାଲିବା ପାଇଁ ଆବଶ୍ୟକ ।

ବିଶ୍ୱ ପାଇଁ ଏହି କାର୍ବନ ନିର୍ଗମନ ବହୁ ମାତ୍ରାରେ ଦାୟୀ, ଏସଂପର୍କରେ ବୈଜ୍ଞାନିକ ଏବଂ ପରିବେଶବିତ୍ ମାନେ ଏବେ ଅଧିକ ଚିନ୍ତା ପ୍ରକଟ କରି ଆସୁଛନ୍ତି । କହିବାକୁ ଗଲେ କେରଳ ଓ ଉତ୍ତରାଖଣ୍ଡରେ ଘଟିଯାଇଥିବା ଅସ୍ୱାଭାବିକ ପରିସ୍ଥିତି ପାଇଁ ସମସ୍ତେ ସଚେତନ ହେବାର ଆବଶ୍ୟକତା ଯଥେଷ୍ଟ ରହିଛି । ବୈଜ୍ଞାନିକମାନଙ୍କ ତଥ୍ୟ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ହେତୁ ଗତ କିଛି ବର୍ଷ ମଧ୍ୟରେ ଅହେତୁକ କ୍ଷୟ କ୍ଷତି ଓ ଅନ୍ୟାନ୍ୟ ଘଟଣା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଜଳବାୟୁ ପରିବର୍ତ୍ତନ ଅନୁସନ୍ଧାନ କେନ୍ଦ୍ରର ବୈଜ୍ଞାନିକ ମତବ୍ୟକ୍ତ କରି କହିଛନ୍ତି ଯେ ଭବିଷ୍ୟତରେ ଯଦି ଗୋଟିଏ ସ୍ଥାନରେ ଜଳବାୟୁ ପରିବର୍ତ୍ତନ ହେତୁ ସୃଷ୍ଟି ହେବାକୁ ଥିବା ସ୍ଥିତିକୁ ସାମ୍ନା କରିବାକୁ ହେଲେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ବିକାଶ ନୀତିକୁ ପୃଥକ କରିବାକୁ ପଡିବ । ଅତୀତରେ ବହୁବାର ବୈଜ୍ଞାନିକମାନେ ଏହା ଉପରେ ଅଧିକ ଗୁରୁତ୍ୱାରୋପ କରିଛନ୍ତି । ଭାରତରେ ଜମି ପଟ୍ଟା ବ୍ୟବହାର ବିଷୟରେ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି । ବିଗତ କିଛି ସହରରେ ଘଟିଥିବା ପରିବର୍ତ୍ତନଗୁଡିକୁ ମଧ୍ୟ ଆକଳନ କରିବାକୁ ପଡିବ । ଆକାଶରୁ ବର୍ଷା ହେବା ସମୟରେ ଯେପରି ଆଉ ପୂର୍ବ ପରି ସେଭଳି ଭୟଙ୍କର ରୂପରେ ଜଳର ପ୍ରକୋପ ଦେଖାନଯାଏ ।

ସମସ୍ତେ କହନ୍ତି ସହରାଞ୍ଚଳରେ କେବଳ ବିକାଶ ହେଉଛି ସତ, କିନ୍ତୁ ସେ ବିକାଶ ବିକାଶ ନୁହେଁ । ଅବଶ୍ୟ ସବୁଠାରେ ଏହା ପ୍ରଯୁଜ୍ୟ ନୁହେଁ । ବିକାଶ ନାଁ ରେ ଅର୍ଥ ବିନିଯୋଗ କରି ବିପଦକୁ ଟାଣି ଆଣିବା ସମିଚୀନ ନୁହେଁ । ଦକ୍ଷିଣ ସହରର ଉଦାହରଣରୁ ଏହାକୁ ଉପଭୋଗ କରାଯାଇପାରିବ । କୋଟା ସହର ଉସାରୀ ମାଳଭୂମିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ । ନିମ୍ନ ଭାଗରେ, ହାଡୋଟି ମାଳଭୂମି କିଛି ଅଂଶରେ ପ୍ରସିଦ୍ଧ ଗୋଣ୍ଡୱାନା ମାଳଭୂମିର ଅଂଶ ଥିଲା । ସ୍ୱାଭାବିକ ଭାବରେ, ମାଳଭୂମିର ଉପର ଭାଗରେ ବର୍ଷା ଜଳ ଶୀଘ୍ର ତଳକୁ ଖସିଗଲା । ଏହାକୁ ଦୃଷ୍ଟିରେ ରଖି, ୧୩୪୬ ଖ୍ରୀଷ୍ଟାବ୍ଦରେ, ବୁନ୍ଦିର ପ୍ରିନ୍ସ ଧୀରଦେହ ଏହି ମାଳଭୂମିର ବିଭିନ୍ନ ସ୍ଥାନରେ ତେରଟି ପୋଖରୀ ନିର୍ମାଣ କରିଥିଲେ । ଯାହା ଦ୍ୱାରା ବସତି ଆଡକୁ ପ୍ରବାହିତ ହେବାକୁ ଥିବା ଜଳ ଏହାର ବିସ୍ତାରରେ ସଞ୍ଚୟ ହୋଇପାରିବ । କିନ୍ତୁ ସ୍ୱାଧୀନତା ପରେ ପରେ ବିକାଶ ନାମରେ, ଏହି ପୋଖରୀଗୁଡ଼ିକ ଏନକାଉଣ୍ଟରର ଶିକାର ହୋଇଥିଲେ ଏବଂ ସେଠାରେ ବଜାର ଏବଂ ବସତି ସ୍ଥାପନ ସ୍ଥିର ହୋଇ ରହିଲା । ଏହି କାରଣରୁ ବର୍ଷା ଜଳର ପ୍ରବାହ ଅବରୋଧ ହୋଇଗଲା । ତେଣୁ ସେଠାରେ ଜଳ ଜମି ରହିବା ଫଳରେ ଏଭଳି ଏକ ଅଭାବନୀୟ ପରିସ୍ଥିତି ଦେଖାଦେଇଛି । ସେହି ସବୁ ପାହାଡ ଅଞ୍ଚଳରେ ଘଟିଛି । ମେଘାଳୟର ଘଟଣା ପରେ ଉତ୍ତରପ୍ରଦେଶ ଏବଂ ହିମାଚଳ ପ୍ରଦେଶରେ ଦେଖାଯାଇଥିବା ବନ୍ୟା ମଧ୍ୟ ପର୍ବତ ଉପରେ ଏନକାଉଣ୍ଟର ତଥା ବେଆଇନ ନିର୍ମାଣର ମୂଳରେ ରହିଛି । କେରଳରେ ନଦୀ କୂଳରେ ନିର୍ମିତ ଅଟ୍ଟାଳିକା ମଧ୍ୟ ଜଳ ସ୍ରୋତରେ ପ୍ରବେଶ କରୁଛି ଏବଂ ଉପକୂଳବର୍ତ୍ତୀ ଜମିରେ ଜଳମଗ୍ନ ହେବାର ଘଟଣା ମଧ୍ୟ ଘଟୁଛି କାରଣ ଆମେ ପ୍ରାକୃତିକ ଉତ୍ସର ରାସ୍ତା ଅବରୋଧ କରିବା ଆରମ୍ଭ କରିଛୁ ।

ଜଳବାୟୁ ଉପରେ କାର୍ଯ୍ୟ କରୁଥିବା ବୈଜ୍ଞାନିକ ଏବଂ ପରିବେଶବିତ୍ ମାନେ ବିଶ୍ୱାସ କରନ୍ତି ଯେ କେରଳ କିମ୍ବା ଉତ୍ତରପ୍ରଦେଶ ଭଳି ପ୍ରାକୃତିକ ବିପର୍ଯ୍ୟୟ ପୃଥିବୀର ଯେ କୌଣସି ଅଞ୍ଚଳରେ ବିଶେଷ କରି ଭାରତୀୟ ଉପମହାଦେଶର ଦେଶକୁ ପ୍ରଭାବିତ କରିପାରେ । ତେଣୁ ଅନିୟନ୍ତ୍ରିତ ଉପାୟରେ ଜମି ପଟ୍ଟା ନିୟନ୍ତ୍ରଣ ପାଇଁ ନୀତି ନିର୍ଦ୍ଧାରଣ କରାଯିବା ଆବଶ୍ୟକ । ଯେଉଁଠି ଜନସଂଖ୍ୟାର ଘନତା ଅତ୍ୟାଧିକ ଅଟେ, ସେଠାରେ ଅତି ସତର୍କତା ଓ ଦୂରଦୃଷ୍ଟି ସହିତ ଏଭଳି ଯୋଜନା କରିବା ଆବଶ୍ୟକ ରହିଛି ଯାହା ଭବିଷ୍ୟତରେ ବିପଦ ଘଟିବ ନାହିଁ । ସାଧାରଣ କାରଣରୁ ଯେଭଳି ଜଳର ରାସ୍ତା ଅବରୋଧ କରାନଯାଏ, ବରଂ ଏଥିରେ ସଂଗୃହିତ ଜଳ ସହଜରେ ଯେମିତି ନିଷ୍କାସିତ ହୋଇପାରେ । ଜଳବାୟୁ ପରିବର୍ତ୍ତନ ହେତୁ ଘଟୁଥିବା ଜରୁରୀକାଳୀନ ପରିସ୍ଥିତିକୁ ଏଡାଇବା ପାଇଁ ବା ଏହି ଅବାଞ୍ଛିତ ଜଳବାୟୁ ପରିବର୍ତ୍ତନର ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପଡିବ । ଦୈନନ୍ଦିନ ଶିଳ୍ପାଞ୍ଚଳ ଗୁଡ଼ିକରେ ଘଟୁଥିବା କାର୍ବନ ନିର୍ଗମନକୁ କିଭଳି ପ୍ରତିରୋଧ କରାଯାଇ ପାରିବ, ସେଥିପାଇଁ ମଧ୍ୟ ଉପଯୁକ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ । ପ୍ୟାରିସ ଚୁକ୍ତିରେ ଅଂଶଗ୍ରହଣ କରିଥିବା ଭାରତକୁ ମଧ୍ୟ ଏହାର କାର୍ବନ ନିର୍ଗମନକୁ ଶୂନକୁ ଆଣିବାକୁ ପଡିବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚୀନ୍ ଓ ଆମେରିକା ପରେ କାର୍ବନ ନିର୍ଗମନ କ୍ଷେତ୍ରରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି । ଆହୁରି ମଧ୍ୟ କୁହାଯାଇପାରେ ଯେ କେରଳ କିମ୍ବା ଉତ୍ତରାଖଣ୍ଡରେ ଘଟିଥିବା ଘଟଣାର ବାହାନାରେ ପ୍ରକୃତି ଏକ ବଡ଼ ଚେତାବନୀ ଦେଇଛି ଯେ ଆମେ ପରିବେଶ ପ୍ରତି ସମ୍ବେଦନଶୀଳ ହେବା ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନ ରହିବା । କେବେ ଭୁଲିଯିବା ଉଚିତ ନୁହେଁ ଯେ ଓଡ଼ିଶାରେ ପ୍ରମୁଖ ସହର ଭୁବନେଶ୍ୱର, କଟକରେ ସାମାନ୍ୟ ବର୍ଷା ହେଲେ କିଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି । ଆଧୁନିକ ସଭ୍ୟତା ବା ବିକାଶ ନାଁ ରେ ଯଦି ଯଦି ବର୍ଷା ଜଳ ନିଷ୍କାସନ ପାଇଁ ସଚେତନ ନହୋଇ ବିଶାଳକାୟ ଅଟ୍ଟାଳିକା ଠିଆ କରାଯାଏ, ପ୍ରବାହିତ ଜଳ ପ୍ରତିରୋଧ କରାଯାଏ, ଖାଲି ସରକାରଙ୍କ ଉପରେ ଦୋଷ ଲଦି ଦେଲେ ଚଳିବ ନାହିଁ, ପ୍ରତ୍ୟେକ ନାଗରିକ ଏଥିପାଇଁ ଦାୟୀ ମଧ୍ୟ । କୌଣସି ନିର୍ମାଣାଧୀନ ଅଟ୍ଟାଳିକା, ବ୍ୟକ୍ତିଗତ ଗୃହ, ଶିଳ୍ପ, କାରଖାନା, ବିଦ୍ୟାଳୟରୁ ମହାବିଦ୍ୟାଳୟ, ସରକାରୀ ବା ବେସରକାରୀ ଅନୁଷ୍ଠାନର ନିର୍ମାଣ ପୂର୍ବରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ରଖି କାର୍ଯ୍ୟ କଲେ ଭବିଷ୍ୟତରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ, ଏହା ନିଃସନ୍ଦେହ..!!!

+ ଅଧ୍ୟକ୍ଷ,
ମହାନଦୀବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ, କଟକ-୪
(ମୋ)୯୦୪୦୧୫୧୪୭୫

## ବିରଳ ଦୃଷ୍ଟାନ୍ତ ସୁପ୍ରିମକୋର୍ଟ ରଖିଲେ



ସୁବ୍ରତ କର

ଏଲହାବାଦର ସମ୍ପୃକ୍ତ ଦଳୀତ ଯୁବକ ପ୍ରିନ୍ସ ଜୟବୀର ସିଂହ ସୁପ୍ରିମକୋର୍ଟଙ୍କ 'ବିଶେଷ କ୍ଷମତା' ପ୍ରୟୋଗ ଦ୍ୱାରା ବମ୍ବେ ଆଇ.ଆଇ.ଟି. ରେ ପାଠ ପଢ଼ିବାର ସୁଯୋଗ ପାଇ ପାରିଲେ । ଜୟବୀର ଦୁଇ ଦୁଇଥର ଆଇ.ଆଇ.ଟିରେ ଏଡମିଶନ ନେବାରେ ଅବତକାର୍ଯ୍ୟ ହେଲା ପରେ ଏହିଥର (ଶେଷଥର) ପୁଣି ପରୀକ୍ଷା ଦେଇ ଦଳିତ କୋଟାରେ ୮୬୪ ର୍‍ୟାଙ୍କ ରଖିବାରେ ସକ୍ଷମ ହୋଇଥିଲେ ଏବଂ ବମ୍ବେ ଆଇ.ଆଇ.ଟିରେ ପଢ଼ିବାର ମଧ୍ୟ ସୁଯୋଗ ପାଇଥିଲେ, କିନ୍ତୁ ଦୁର୍ଭାଗ୍ୟର କଥା ଅକ୍ଟୋବର ମାସ ୨୭ ତାରିଖରେ ଅନେକ ଚେଷ୍ଟା କରି ତାଙ୍କର କ୍ରେଡିଟ୍ କାର୍ଡ କାମ କରିନଥିଲା ଏବଂ ଯେତେ ପରିମାଣର ଟଙ୍କା ଜମା ଦେବା କଥା ଏହା ସମ୍ଭବପର ହୋଇ ପାରିନଥିଲା । ସେ ପରେ ସୁପ୍ରିମ କୋର୍ଟଙ୍କୁ ଏ ବିଷୟରେ ଜଣାଇ ତାଙ୍କୁ ଏଥର ପଢ଼ିବାର ସୁଯୋଗ ଦେବା ପାଇଁ ନିବେଦନ କରିଥିଲେ । ସୁପ୍ରିମ କୋର୍ଟ ନିବେଦନକୁ ଗ୍ରହଣ କରି ଧରା ୧୪୨ ପ୍ରୟୋଗ କରି (ବିଶେଷ କ୍ଷମତା) ବମ୍ବେ ଆଇ.ଆଇ.ଟି.କୁ ୪୮ ଘ । ଭିତରେ ମାନବିକତା ଦୃଷ୍ଟିରୁ ଏକ ସିଟ ପ୍ରଦାନ କରିବାକୁ ଆଦେଶ ଦେଇଥିଲେ । ଏହାର ଉ ରରେ ବମ୍ବେ ଆଇ.ଆଇ.ଟି କୋର୍ଟଙ୍କୁ ଜଣାଇଥିଲେ ଯେ ଏ ବର୍ଷ ପାଇଁ ସବୁ ସିଟ୍‌ରେ ପିଲାମାନେ ଆଡ୍‌ମିଶନ ନେଇ ସାରିଛନ୍ତି ଏବଂ ଏବେ ଆଉ ଖାଲି ସିଟ୍ ନାହିଁ ଏବଂ ଜୟବୀରଙ୍କୁ ନେବା ତାଙ୍କର କ୍ଷମତାର ବାହାରେ ଏବଂ ସୁପ୍ରିମକୋର୍ଟ ଅନୁରୋଧ ଜଣେଇଲେ ଏହା ସମ୍ଭବ ହୋଇପାରିବ ଯଦି କୋର୍ଟ ତାଙ୍କ ପାଖରେ ଥିବା ବିଶେଷ କ୍ଷମତା ମାଧ୍ୟମରେ ଏକ ଅତିରିକ୍ତ ସିଟ ପ୍ରଦାନ କରିବେ ତେବେ ଜୟବୀରଙ୍କୁ ଆଡ୍‌ମିଶନ କରାଇବାରେ ଅସୁବିଧା ହେବ ନାହିଁ । ପରେ ଯଦି କେହି ଆଡମିଶନ ନ ନିଅନ୍ତି ତାହାହେଲେ ସେହି ସିଟ୍‌ରେ ଜୟବୀରଙ୍କୁ ନିଆ ହୋଇ ପାରିବ ଏବଂ ଅତିରିକ୍ତ ସିଟ୍‌ର ଆବଶ୍ୟକତା ପଡ଼ିବ ନାହିଁ । ଏହା ଜାଣିବା ପରେ ସୁପ୍ରିମକୋର୍ଟ ଏଠାରେ ମାନବିକତା ଦୃଷ୍ଟିକୋଣରୁ ଜଣେ ଦଳିତ ଯୁବକଙ୍କୁ ସାହାଯ୍ୟ କରିବା ପାଇଁ ନିଜର ସାମ୍ବିଧାନିକ ବିଶେଷ କ୍ଷମତାର ପ୍ରୟୋଗ କରିଥିଲେ । ବଡ଼ କଥା ଥିଲା ଯଦି ଜୟବୀର ଏଥର ଆଡମିଶନ ନ ପାଇବେ ତେବେ କେହି ଆଇ.ଆଇ.ଟି ରେ ପଢ଼ି ପାରିବେ ନାହିଁ । କାରଣ ଏହା ପୂର୍ବରୁ ସେ ଦୁଇ ଦୁଇଥର ଅକୃତକାର୍ଯ୍ୟ ହୋଇଥିଲେ । ସେ ଯାହା ହେଉ ନା କାହିଁକି ଏବଂ ଜୟବୀର ବମ୍ବେ ଆଇ.ଆଇ.ଟିରେ ପଢ଼ିବାର ସୁଯୋଗ ପାଇଲେ ଏବଂ ଭବିଷ୍ୟତରେ ଭଲ ସିଭିଲ ଇଞ୍ଜିନିୟର ହୋଇ ବାହାରିବେ ବୋଲି ଆଶା କରିବେ । ଏହି ଅବସ୍ଥାରେ ଜୟବୀରଙ୍କ ପାଇଁ ସୁପ୍ରିମ କୋର୍ଟ ଜଗନ୍ନାଥଙ୍କ ସ୍ଥାନ ନେଇ ଜୟବୀରଙ୍କୁ ଇଂଜିନିୟର ନିଶ୍ଚିତ କରାଇବେ ଏବଂ ସାଧାରଣ ଜନତାଙ୍କ ସୁପ୍ରିମକୋର୍ଟଙ୍କୁ ପ୍ରାର୍ଥନା ଏହିପରି କାମ କରି ଜନତାଙ୍କୁ ସାଥି ଦିଅନ୍ତୁ ଏବଂ ବହୁତ ବାପା ମା'ଙ୍କ ସ୍ୱପ୍ନକୁ ସାକାର କରନ୍ତୁ ।

କବିତା କୋଣାର୍କ

### ସ୍ମୃତି ମୋର ରୂପାଜହ୍ନ

ପ୍ରଫୁଲ୍ଲ ବାରିକ



ଯେବେ ଶୁଉଥିଲୁ ଅଖା ପାରି ନିଜେ
ମୋତେ ଶୋଉଥିଲୁ ମଶିଣାରେ,
ଗୋଡ଼ା କମ୍ବଳକୁ ଘୋଡ଼ିଦେଇ ମୋତେ
ଜାକି ପଡୁଥିଲୁ କନ୍ଥରାରେ ।
ଆଳୁ ଆଳୁ ବାଛି ଖୋଉଥିଲୁ ମୋତେ
ଡଙ୍କ ପତର ତୋ ଭାତଶାଖା,
ଭାତ ଦେଇ ମୋର ଭୋକ ମାରୁଥିଲୁ
ବାସି ତୋରାଣୀ ତୋ ଥିଲା ସଖା ।
ବୋଉଲୋ..
ଏବେ କହିବାକୁ ଲାଗେ ଲାଜ,
ଭୋଗିଛି ଯାହା ମୁ ଆଦ୍ୟ ଜୀବନରେ
ସ୍ମୃତି ମୋ ଏବେବି ସଜ ।

ନାଲି ଲୁଣ ଚାଆ ପିଇ ଅଧକଂସା
ଶୀତୁଆ ସକାଳେ ବାପା,
କାକର କଟାକୁ ନିତି ଯାଉଥିଲେ
ସଅଳେ କରିବେ ସଫା ।
ଖଳାରେ ଦାରି ଧାନ କେରି କେରି
ବେଣୀ କରି ପୂଜୁ ଲକ୍ଷ୍ମୀ,
ଚାଉଳ ପିଠଉ ଝୁଟି ଲେଖି ମାଣ
ପିଠା ଖିରି ଦଉ ଡାକି ।
ବୋଉଲୋ..
ଆଜିବି ଦୁଶେ ତୋ ରୂପ,
ଦେଖିନାଇଁ କେବେ ଲକ୍ଷ୍ମୀ ଠାକୁରାଣୀ
ତୁ ଥିଲୁ ତାଙ୍କର ରୂପ ।

ଦୁହେଁ ଚାଲିଗଲ ଡକାଡକି ହେଇ
ସଅଳେ ସାରି ମୋ ବାହା,
ଯିବାପରେ ତମେ ଚାକିରୀ ପାଇଲି
ପାଇଲି ବଞ୍ଚିବା ରାହା ।
ଜୀବନ ଏବର ସଜ ଗୋଲାପ ମୋ
ଗାମଲାରେ ଛନ ଛନ ,
ପ୍ରାଚୁର୍ଯ୍ୟ ଢେଉରେ ଅଣନିଶ୍ୱାସି ମୁ
ତେବେବି ଅଭାବେ ମନ ।
ବୋଉଲୋ...
ମଗୁଶିର ହେଲେ ଦିଶୁ,
ବିଦେଶରେ ରହି ଭୁଲିଛୁ ଲକ୍ଷ୍ମୀଙ୍କୁ
ମଣିଷୁ ହେଇଚୁ ପଶୁ ।

+ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
(ମୋ) ୯୨୩୮୯୨୦୪୦୫.

### ଅଦୃଶ୍ୟ ମଞ୍ଚ

ଡ. ମନୋରଞ୍ଜନ ବିଷୋୟୀ



ନିୟତିର ମଞ୍ଚରେ ଆମେ ସବୁ ଏକତ୍ରୀତ ।
ଆପଣାର ଜୀବନ କାହାଣୀ
ଏ ମଞ୍ଚରେ ହୁଏ ଅଭିନୀତ ।
ହେଲେ ମଞ୍ଚର ସଂଳାପ
କ'ଣ ଆଙ୍କିପାରେ
ପାଇଥିବା ଆଘାତର ଚିତ୍ର ?
କିଏ ଅବା ଜାଣିଥିଲା
ସ୍ୱପ୍ନ ଦେଖିଲେ
ସହିବାକୁ ପଡ଼େ ଏତେ ଯେ ଆଘାତ ।
ତେଣୁ ଅଭିନୟ କଲାବେଳେ
ଅଭିନେତା କହିଥାଏ ମୃତ୍ୟୁର ସଂଳାପ ।
ତଥାପି ଅବୁଝା ମନଟାକୁ ବୁଝାଇ
ଯାହା ଘଟୁଛି ଆମେ ତାକୁ
ନୀରବରେ କରୁ ପ୍ରଣିପାତ ।
କାରଣ କିଏ ଅବା କହିପାରିବ
ଯାହା ଘଟୁଛି ଆଉ ଘଟିବ
ଏସବୁ କାହାର ଆଦେଶ ।

+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ)୮୮୯୫୧୪୧୭୨୭

### ନିଷ୍ଠୁର ସମୟ

ବୀରକିଶୋର ନାୟକ



ମ୍ଳାନ ଗୋଧୂଳିର ରଙ୍ଗ ହଜିଲାଣି
ସଞ୍ଜ ପରେ ହେବ ରାତି,
ନିଷ୍ଠୁର ସମୟ ଗିଳି ଦେବ ପରା
ସୂର୍ଯ୍ୟଙ୍କର ମହାଜ୍ୟୋତି ।

ସମୟ କାହାକୁ ପ୍ରତୀକ୍ଷା କରେନା
ଅବାରିତ ତାର ଗତି,
ବୁଝେନା ବି କେବେ ଯନ୍ତ୍ରଣା କାହାର
ଭରା ଫଗୁଣର ପ୍ରୀତି ।

ବୁଝେନା ବାର୍ଦ୍ଧକ୍ୟ ଭରିଦିଏ ଦୁଃଖ
ଅଲୋଡ଼ା ଯେମିତି ସିଏ,
ନିଷ୍ଠୁର ସମୟ ପର କରେ ସବୁ
ଶରୀରେ ଯାତନା ଦିଏ ।

ସମୟ ଅଟଇ ମହାକାଳ ପରା
ନିଜ ପର ଜାଣେନାହିଁ,
କ । ବା ପାଚିଲା ବୁଝେନାହିଁ
କିଛିଅସମୟେ ଯାଏ ନେଇ ।

କେତେ ଯେ ସାମ୍ରାଜ୍ୟ ଗିଳିଛି ସମୟ
ଇତିହାସ ଅଛି ସାକ୍ଷୀ,
କେତେ ରାଜା, କେତେ ରୂପବତୀ ରାଣୀ
କାଳ ଯେ ଦେଇଛି ଭକ୍ଷୀ ।

ନେଇଛି ସମୟ ମମତାଜ ଆଉ
ସାହାଜାହାନଙ୍କ ପ୍ରୀତି,
ପ୍ରୀତିର ସ୍ମାରକୀ ତାଜମହଲ ଯେ
ଭରିଛି କେବଳ ସ୍ମୃତି ।

ଅତି କମନୀୟା ଭରା ଯଉବନୀ
ରୂପେ ମହକାଏ ଧରା,
କାଲି ସେ ରୂପରୁ ରଙ୍ଗ କାଢିନେବ
ନିଷ୍ଠୁର ସମୟ ପରା ।

ସମୟ ଅଟେ ଯେ କ୍ରୁର ମହାକାଳ
ଅନ୍ୟ ନାମ ତାର ଯମ,
କର୍ମଫଳ ଦାୟୀ ନିଷ୍ଠୁର ସତ୍ୟ ସେ
କରେ ସବୁ କାର୍ଯ୍ୟକ୍ଷମ ।

ପାପକର୍ମ ପାଇଁ ଶାସ୍ତି ଆସିଥାଏ
ସମୟ ସ୍ରୋତରେ ଭାସି,
କାହାର ମଥାରୁ ସିନ୍ଦୂର ପୋଛଇ
ନହୋଇ ବାସର ବାସି ।

ସମୟ ସତେ କି ନିଜେ ହିଁ ଈଶ୍ୱର
ବିଚାରର ମହାଶକ୍ତି,
ସଂସାର ବୁକୁରେ ଖେଳେ ବିଭୀଷିକା
ରଖିଯାଏ ତିକ୍ତ ସ୍ମୃତି ।

+ ଖଣ୍ଡବନ୍ଧ, ଢେଙ୍କାନାଳ
(ମୋ) ୮୮୪୭୮୪୨୨୯୭

### ଲକ ଡାଉନ

ରଘୁନାଥ ତ୍ରିପାଠୀ



ଗଛ ଡାଳେ ଥାଇ ମାଙ୍କଡ଼ ଭାଇ
ମନ ମାରିଦେଇ ବସି ଭାଳଇ
ଏକା ଏକା ହୋଇ କିସ କରିବି
ଯମ ନେଲେ ହେଲେ ମୁଁ ତରିଯିବି
ତଳକୁ ନିରେଖି ଦେଖିଲା ବାରେ
ପଶୁରାଜ ନିଦେ ମହାଖୁସିରେ ।

ସଧିରେ ଓହ୍ଲାଇ ପାଶକୁ ଗଲା
ଦୁଇ କାନକୁ ତା ଟାଣି ଭିଡ଼ିଲା
ଜଙ୍ଗଲ ରାଜାଙ୍କ ନିଦ ଭାଜିଲା
କ୍ରୋଧ ଭରେ ସେହୁ ଗର୍ଜନ କଲା
ମୂରୁଖ ପାମର କିଏରେ ତୁଛ
ନିଜ ମରଣକୁ ଡାକି ଆଣୁଛ ।

ବାନର ମାନିଲା ନିଜର ଦୋଷ
ଶୁଣ ମହାରାଜ ଦୁଃଖ ଅଶେଷ
ସାଥୀହୀନ ହୋଇ ଦିନ ଗଣୁଛି
ହାତୋତ୍ସାହ ଭରେ ମନ ଭାଙ୍ଗିଛି
ମୃତ୍ୟୁ ଏକା ସିନା ଯାଚନା ମୋର
ନିଜ ହାତେ ମାରି ନିସ୍ତାର କର ।

ଅଟ୍ଟହାସ୍ୟେ ସିଂହ ପଚାରେ କଥା
ସତ କଥା କହି ହଟା ମୋ ବ୍ୟଥା
ଯେତେବେଳେ ମୋର ମୋଡିଲୁ କାନ
ଦେଖିଥିଲା କେହି ଆନ ନୟନ ?
ନାଇଁ ମହାରାଜ କହି ବାନର
କେହି ଦେଖିନାହିଁ ଦେଲା ଉତ୍ତର ।

ଯଦି ଏହା ତୋର ସତ୍ୟ ବଚନ
ଆଉ ବାର ବାର ମୋଡ଼ ମୋ କାନ
ଏକୁଟିଆ ପଣୁ ବିରକ୍ତି ଥିଲା
ତୋ ଟଣା ଓଟରା ଭଲ ଲାଗିଲା
କ୍ଳାନ୍ତ ଅବସନ୍ନ ମନଟା ମୋର
ଖୁସି ହେଲା ପାଇ ସାନ୍ନିଧ ତୋର ।

ପିଲାମାନେ ଟିକେ ମନରେ ହେଜ
ଏକାକୀ ରହିବା ନୁହେଁ ସହଜ
ରାଜା ପ୍ରଜା ଅବା ପଶୁ ମନୁଷ୍ୟ
ସମସ୍ତେ ଲୋଡ଼ନ୍ତି ସାଙ୍ଗର ସ୍ପର୍ଶ
ସମ୍ପର୍କ ଅଟଇ ଅମୂଲ ମୂଲ
ମନେ ଖୁସି ଭରି ଆଗେଇ ଚାଲ ।

+ ବାଲିସାହି, ମଧୁପାଟଣା,
କଟକ -୧୦
(ମୋ)୮୭୬୩୩୪୩୨୬୩



# ବଡ଼ ପରଦାକୁ ଫେରୁଛନ୍ତି ପ୍ରୀତି ଜିଣ୍ଟା

ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟା ସୋସିଆଲ ମିଡିଆରେ ବେଶ ସକ୍ରିୟ ରହିଥାଆନ୍ତି । ନିକଟରେ ସେ ସରୋଗେସି ସାହାଯ୍ୟରେ ଯାଆଁଳା ପିଲାର ମା' ହୋଇଛନ୍ତି । ଅଭିନେତ୍ରୀ ପ୍ରୀତି ଜିଣ୍ଟା ଦୀର୍ଘ ଦିନ ଧରି ବଡ଼ପରଦାରୁ ଦୂରରେ ରହିଛନ୍ତି । ଆଜିବି ଲୋକେ ତାଙ୍କୁ ବଡ଼ପରଦାରେ ଦେଖିବାକୁ ପସନ୍ଦ କରିଥାଆନ୍ତି । ପ୍ରାୟ ୪ ବର୍ଷ ପରେ ପ୍ରୀତି ଜିଣ୍ଟା ପୁଣି ଥରେ ବଡ ପରଦାକୁ ଫେରୁଛନ୍ତି । ଯାହାକି ତାଙ୍କ ପ୍ରଶଂସକମାନଙ୍କ ପାଇଁ ଖୁସି ଖବର ରହିଛି । ସେ ନିର୍ଦ୍ଦେଶକ ଦାନିଶ ରେଞ୍ଜୁଙ୍କ କାଶ୍ମୀର ଉପରେ ଆଧାରିତ ଅନଟାଇଟେଲଡ ସିନେମା ସହିତ ବଲିଉଡକୁ ଫେରୁଛନ୍ତି । ଦାନିଶ ରେଞ୍ଜୁଙ୍କ ଅନଟାଇଟେଲଡ ଫିଲ୍ମରେ ପ୍ରୀତି ଜିଣ୍ଟା ଜଣେ ସାହସୀ କାଶ୍ମୀରୀ ମା' ଭୂମିକାରେ ଅଭିନୟ କରିବେ । କିନ୍ତୁ ଏନେଇ କୌଣସି ଅଫିସିଆଲ୍ ଭାବେ ସ୍ୱଷ୍ଟ କରାଯାଇ ନାହିଁ ।

# ମୁକ୍ତିଲାଭ କରିବାକୁ ଯାଉଛି ଶାହିଦ-ମୃଣାଳଙ୍କ ଅଭିନୀତ ଚଳଚ୍ଚିତ୍ର 'ଜର୍ସି'

ଗୌତମ ଚିନ୍ନାନୁରୀଙ୍କ ଲିଖିତ ଓ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଜର୍ସି' ମୁକ୍ତିଲାଭ କରିବାକୁ ଯାଉଛି । ଆଲ୍ଲୁ ଏଣ୍ଟରଟେନମେଣ୍ଟ, ଦିଲ୍ ରାଜୁ ପ୍ରଡକ୍ସନ୍, ସିତାରା ଏଣ୍ଟରଟେନ୍‌ମେଣ୍ଟସ୍ ଓ ଭାରତ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏଇ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଆଲ୍ଲୁ ଅରବିନ୍ଦ, ସୂର୍ଯ୍ୟଦେବାରା ନାଗା ଭାଷ୍ମୀ, ଅମନ ଗିଲ୍, ଦିଲ୍ ରାଜୁ ପ୍ରମୁଖ । ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ଶାହିଦ କପୁର, ମୃଣାଳ ଠାକୁର ଓ ପଙ୍କଜ



କପୁର । ଜଣେ ୩୯ ବର୍ଷୀୟ କ୍ରିକେଟର ୧୦ ବର୍ଷ ପୂର୍ବରୁ ଖେଳ ଛାଡ଼ିଦେଇଥିଲେ । ଏବେ ସେ ପୁଣି ଭାରତୀୟ ଦଳରେ ସାମିଲ ହେଇ କ୍ରିକେଟ୍ ଖେଳିବାକୁ ପ୍ରୟାସ କରିଛନ୍ତି । ଏହି କ୍ରିକେଟରଙ୍କ ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି ଅଭିନେତା ଶାହିଦ କପୁର । ତାଙ୍କ କୋଚ୍ ଭୂମିକାରେ ଅଛନ୍ତି ପଙ୍କଜ କପୁର । ଆଗାମୀ ଡିସେମ୍ବର ୩୧ ତାରିଖରେ ମୁକ୍ତିଲାଭ କରିବାକୁ ନିର୍ଦ୍ଧାରିତ ହେଇଥିବା ଏଇ ସିନେମାଟି କ୍ରୀଡ଼ା ଡ୍ରାମା ଉପରେ ପର୍ଯ୍ୟବସିତ । ଏକ ତେଲୁଗୁ ଚଳଚ୍ଚିତ୍ରର ଏହା ହେଉଛି ରିମେକ । ତେଲୁଗୁ ଚଳଚ୍ଚିତ୍ର 'ଜର୍ସି'ରେ ଏହି କ୍ରିକେଟର ଭୂମିକାରେ ଘଣ୍ଟା ନବୀନ ବାବୁ ଓରଫ୍ ନନି ଅଭିନୟ କରିଥିଲେ ଏବଂ ତାଙ୍କ ବିପକ୍ଷର ନାୟିକା ସାଜିଥିଲେ ଶ୍ରଦ୍ଧା ଶ୍ରୀନାଥ । ୨୦୧୯ ଅକ୍ଟୋବରରୁ ଏହାର ହିନ୍ଦୀ ରିମେକ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଇଥିଲା । ୨୦୨୦ ଅଗଷ୍ଟ ୨୮ରେ ଏହା ମୁକ୍ତିଲାଭ କରିବ ବୋଲି ସ୍ଥିରୀକୃତ ହେଇଥିଲା । ହେଲେ କୋଭିଡ୍ ସଂକ୍ରମଣ ଏବଂ ଏଥିଜନିତ ଜାରିହେଇଥିବା କଟକଣା ଯୋଗୁଁ ଏହାର ସୁଟିଂ ଶେଷ ହେଇପାରି ନ ଥିଲା । ପ୍ରଥମେ ଏଇ ଚଳଚ୍ଚିତ୍ରରେ ନାୟିକା ଭାବେ ଶ୍ରଦ୍ଧା କପୁରଙ୍କୁ ମନୋନୀତ କରାଯାଇଥିଲା । ସେ ସମୟ ଦେଇ ନ ପାରିବାରୁ ତାଙ୍କ ସ୍ଥାନରେ କନ୍ନଡ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ମଧ୍ୟ ଚୟନ କରାଯାଇଥିଲା । ହେଲେ ଶେଷରେ ଶ୍ରଦ୍ଧା ଓ ରଶ୍ମିକାଙ୍କୁ ସ୍ଥାନାନ୍ତର କରି ଉକ୍ତ ଭୂମିକାରେ ମୃଣାଳ ଅବତୀର୍ଣ୍ଣ ହେଇଛନ୍ତି । ଦେଖାଯାଉ 'ଜର୍ସି' ପରଦାକୁ ଆସିଲେ ଜଣାପଡ଼ିବ ଶାହିଦଙ୍କ ନାୟିକା ଭୂମିକାରେ କିଏ ଥିଲେ ଏହା ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିଥାନ୍ତା !






# ପ୍ରିୟଙ୍କା- ନିକ ସମ୍ପର୍କରେ ଫାଟ !



ନିକ୍-ପ୍ରିୟଙ୍କାଙ୍କ ସମ୍ପର୍କରେ ଫାଟ ! ଦେଶୀ ଗାର୍ଲ ପ୍ରିୟଙ୍କା ଚୋପ୍ରା ଇନଷ୍ଟାରେ ନିକ୍‌ଙ୍କ ସରନେମ ଜୋନସ୍ ହଟାଇ ଦେଇଥିବାରୁ ଏହାକୁ ନେଇ ବି-ଟାଉନ୍ ଉଠୁଛି ପଡୁଛି । ଦେଶୀ ଗାର୍ଲ ପ୍ରିୟଙ୍କା ୩ ବର୍ଷ ପୂର୍ବେ ଆମେରିକାର ଗାୟକ-ଅଭିନେତା ନିକ ଜୋନାସଙ୍କୁ ବିବାହ କରି ବେଶ ହସଖୁସିରେ ରହୁଛନ୍ତି । ଏପରିକି ଦିପାବଳୀରେ ପ୍ରିୟଙ୍କା, ନିକ୍‌ଙ୍କ ସହ ମା' ଲକ୍ଷ୍ମୀଙ୍କ ପୂଜା କରୁଥିବା ଫଟୋ ଛାଡ଼ିଥିଲେ । ହେଲେ ହଠାତ୍ ସେ ନିଜ ଇନଷ୍ଟାଗ୍ରାମ ପ୍ରୋଫାଇଲରୁ ସ୍ୱାମୀ ନିକ ଜୋନସଙ୍କ ସରନେମ ହଟାଇ ଦେବାକୁ ସହଜେ ଗ୍ରହଣ କରି ପାରୁ ନାହାନ୍ତି ତାଙ୍କ ଅଗଣିତ ଫ୍ୟାନ୍ସ । ପିସି ଏ ପର୍ଯ୍ୟନ୍ତ ଏହାକୁ ନେଇ ନୀରବ ଥିବା ବେଳେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ଆଲୋଚନା ହେଉଛି । କେବଳ ନିକ୍‌ଙ୍କ ସରନେମ୍ ନୁହେଁ, ପୂର୍ବତନ ମିସ୍ ୱାଲର୍ଡ ନିଜ ଇନଷ୍ଟା ଆକାଉଣ୍ଟରୁ ନିଜ ସରନେମ୍ ମଧ୍ୟ ହଟାଇ ନେଇ କେବଳ ପ୍ରିୟଙ୍କା ବୋଲି ରଖିଛନ୍ତି । ହଠାତ୍ ପ୍ରିୟଙ୍କା ଏପରି ସରନେମ୍ ହଟାଇବା ପଛର କାରଣ କ'ଣ ତାହା ତାଙ୍କ ଫ୍ୟାନ୍ସ ବୁଝିପାରୁ ନାହାନ୍ତି । ପ୍ରିୟଙ୍କାଙ୍କ ମା' ଏହାକୁ ଫାଲତୁ କଥା ବୋଲି କହିବା ସହ ଉଭୟ ନିଜ ସଂସାରରେ ଖୁବ୍ ଖୁସି ଥିବା କହିଛନ୍ତି । ଏଥିସହ ଏପରି ଗୁଜବ ପ୍ରଚାର ନ କରିବାକୁ ବି ଶୁଣାଇ ଦେଇଛନ୍ତି । ୨୦୧୮ରେ ରାଜସ୍ଥାନର ଏକ ରୟାଲ ପ୍ୟାଲେସରେ ବେଶ୍ ଜାକଜମକରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ଏହି ହାଇ ପ୍ରୋଫାଇଲ ଯୋଡ଼ି । ଏହାପରେ ପ୍ରିୟଙ୍କା ସ୍ୱାମୀଙ୍କ ସହ ଆମେରିକା ଉଡ଼ି ଯାଇଥିବା ବେଳେ ସବୁବେଳେ ପ୍ରାୟତଃ ସୋଶାଲ ମିଡିଆରେ ଆକ୍ଟିଭ ରହୁଛନ୍ତି । ସୂଚନାଯୋଗ୍ୟ, କିଛି ଦିନ ପୂର୍ବେ ଦକ୍ଷିଣ ଭାରତର ସୁପ୍ରସିଦ୍ଧ ଅଭିନେତ୍ରୀ ସାମନ୍ଥା ନିଜ ଇନଷ୍ଟାରୁ ସ୍ୱାମୀ ନାଗା ଚୈତନ୍ୟଙ୍କ ସରନେମ୍ ହଟାଇ ଦେଇଥିଲେ । ଏହାର କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହେଉଥିବା ଖବର ଜଣାପଡ଼ିଥିଲା । ଏବେ ଉଭୟ ପରସ୍ପରଠୁ ଅଲଗା ହୋଇ ଯାଇଛନ୍ତି । ତେଣୁ ପ୍ରିୟଙ୍କା ବି ସେହିପରି ସ୍ୱାମୀଙ୍କ ସରନେମ୍ ହଟାଇ ଦେଇଥିବାରୁ ଏହା ପଛର କାରଣ କ'ଣ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

# ଚଳଚ୍ଚିତ୍ର 'ଲଭ୍-୪୨୦'ର ସୁଟିଂ ଆରମ୍ଭ



ମୁନ୍ ଟିଭି ମୁଭିଜ୍ ପକ୍ଷରୁ ଏବେ 'ଲଭ୍-୪୨୦' ନାମରେ ଏକ ସିନେମାର ସୁଟିଂ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏହି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରଥମ ଥର ପାଇଁ ଏକାସାଙ୍ଗେ ୧୦ଟି ଚଳଚ୍ଚିତ୍ର ନିର୍ମାଣର ଘୋଷଣା କରାଯାଇଛି । ପ୍ରଥମ ଚଳଚ୍ଚିତ୍ର 'ତୁ ସେଇ ନୀଳନୟନା'ର ସୁଟିଂ ସରିବା ପରେ ଏବେ ଆରମ୍ଭ ହେଇଛି 'ଲଭ୍-୪୨୦'ର ସୁଟିଂ । ଏହାର ମହୁରତ ହେଇଥିଲା ବରମୁଣ୍ଡା ଶିରିଡ଼ି ସାଇ ମନ୍ଦିରରେ । ପ୍ରଯୋଜକ ସଚ୍ଚିକାନ୍ତ ଜେନା ଓ ବିନି ପଟ୍ଟନାୟକଙ୍କ ସହ କ୍ରିଏଟିଭ୍ ମୁଖ୍ୟ ପ୍ରଣୟ ଜେଠୀଙ୍କ ସୂଚନାନୁଯାୟୀ, କଟକ, ଭୁବନେଶ୍ୱର ଓ ବାରିପଦା ସମେତ କୋଲକାତା ଓ ହାଇଦ୍ରାବାଦରେ ମଧ୍ୟ ଏହାର ସୁଟିଂ ହେବ । ଏଥିରେ ମୁଖ୍ୟ ଭୂମିକାରେ ଜ୍ୟୋତି ଓ ଶୀତଲ ଥିବା ବେଳେ ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ନବାଗତା ଏଲିସା, ସୁନୀତା, ହରି ମହାପାତ୍ର ଓ ହାଡୁଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଏଥିରେ ସଂଳାପ ଲେଖିଛନ୍ତି ରଜନୀ ରଂଜନ, ନିର୍ଦ୍ଦେଶନା ଭାର ମୃତ୍ୟୁଞ୍ଜୟ ସାହୁ ସମ୍ଭାଳିଥିବା ବେଳେ ସଙ୍ଗୀତ ଦେଇଛନ୍ତି ଅଭିଜିତ ମଜୁମଦାର ।

# ଖୁବଶୀଘ୍ର ବିବାହ କରିବେ ଏହି ଦିଅର-ଭାଉଜ ଯୋଡି



ଷ୍ଟାରପ୍ଲସର ଲୋକପ୍ରିୟ ସିରିଏଲ୍ 'ଗୁମ୍ ହୈ କିସି କେ ପ୍ୟାର ମେଁ'ର ଲିଡ୍ ଅଭିନେତା ବିରାଟ ଓ ତାଙ୍କ ଭାଉଜ ସାଜିଥିବା ପାଖୀ ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି । ରିଲ୍‌ର ଏହି ଭାଉଜ-ଦିଅର ଯୋଡି ରିଅଲ୍ ଲାଇଫ୍‌ରେ ହେବାକୁ ଯାଉଛନ୍ତି ସ୍ୱାମୀ-ସ୍ତ୍ରୀ । ଅଭନେତା ନୀଲ ଭଟ୍ଟ ଏବଂ ଐଶ୍ୱର୍ଯ୍ୟା ଶର୍ମାଙ୍କ ଖୁବଶୀଘ୍ର ବାଜିବାକୁ ଯାଉଛି ଶାହାନାଇ । ଆସନ୍ତା ୩୦ ତାରିଖରେ ଏହି ଲଭ୍ ବାର୍ଡ ଉଜ୍ଜୈଇନ୍‌ରେ ପରସ୍ପରର ହାତ ଧରିବେ । ହିନ୍ଦୁ ରୀତିନୀତି ଅନୁଯାୟୀ ନେବେ ସାତ ଫେରା । ବିରାଟ ଓ ପାଖୀ ନାଁରେ ଘରେ ଘରେ ପରିଚିତ ହୋଇଥିବା ନୀଲ ଏବଂ ଏଶ୍ୱର୍ଯ୍ୟ ବର୍ଷ ଆରମ୍ଭ ହେବେ ନିର୍ବନ୍ଧ ସାରି ନିଜ ଫ୍ୟାନ୍‌ମାନଙ୍କୁ ସରପ୍ରାଇଜ ଦେଇଥିଲେ । ଏବେ ବର୍ଷ ୨୦୨୧ ଶେଷ ନହେବା ପୂର୍ବରୁ ବିବାହ କରିବାକୁ ପ୍ରସ୍ତୁତ ଥିବା ଏହି ଯୋଡି ଏବେ ଫ୍ୟାନ୍‌ମାନଙ୍କୁ ଡବଲ୍ ସରପ୍ରାଇଜ୍ ଦେଇଛନ୍ତି । ସେପଟ ବିବାହ ଦିନ ପାଖେଇ ଆସୁଥିବାକୁ ନେଇ ଖୁସି ଝୁମିଛନ୍ତି ଐଶ୍ୱର୍ଯ୍ୟା । ଏପରିକି ସେ ସୋଶାଲ ମିଡିଆରେ ନିଜ ବ୍ୟାଚଲରେଟ୍ ପାର୍ଟିର ଭିଡିଓ ମଧ୍ୟ ଶେୟାର କରିଛନ୍ତି । ଏହି ଭିଡିଓରେ ସେ ବେଶ୍ ଏକ୍ସଟାଇଟେଡ୍ ଥିବା ନଜର ଆସିଛନ୍ତି । ପିଙ୍କ ଟପ୍ ଏବଂ ବ୍ଲାକ୍ ଜିନ୍ସ ପିନ୍ଧି ପୂରାପୁରି ମସ୍ତି ମୁଡ୍‌ରେ ଅଛନ୍ତି ଐଶ୍ୱର୍ଯ୍ୟା ।



# ବିବାହ ବନ୍ଧନରେ ଆବଦ୍ଧ ହେଲେ ଆଦିତ୍ୟ-ଅନୁଷ୍କା

ଅଭିନେତା ଆଦିତ୍ୟ ସିଲ୍ ଓ ଅଭିନେତ୍ରୀ ଅନୁଷ୍କା ରଂଜନ ବିବାହ ବନ୍ଧନରେ ଆବଦ୍ଧ ହେଇଛନ୍ତି । ଦର୍ଶକଙ୍କୁ ଏକଥା ଅଛପା ନାହିଁ ଯେ ଆଦିତ୍ୟ 'ଷ୍ଟୁଡେଣ୍ଟ ଅଫ୍ ଦ ଇଅର' ଓ 'ଇନ୍ଦୁ କୀ ଯୱାନୀ'ରେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହେଇଥିଲେ । ପରଦା ଜଗତରେ ନିଜର ଅଭିନୟ ଜାରି ରଖିବା ସହିତ ଆଦିତ୍ୟ ଏହା ଭିତରେ ଅଭିନେତ୍ରୀ ଅନୁଷ୍କାଙ୍କ ପ୍ରେମରେ ପଡ଼ିଥିଲେ । ସେମାନଙ୍କର ଦୀର୍ଘଦିନର ଏଇ ପ୍ରେମ ସମ୍ପର୍କ ସଫଳ ହେଇଛି ।

ଆଦିତ୍ୟ ଓ ଅନୁଷ୍କାଙ୍କର ଏହି ବିବାହ ଉତ୍ସବରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ, ବାଣୀ କପୁର, ଆଥିୟା ସେଟ୍ଟୀ, ଭୂମି ପେଦନେକର ପ୍ରମୁଖ ଯୋଗ ଦେଇଥିଲେ । ଆଦିତ୍ୟ ଧଳାରଙ୍ଗର ଶେରୱାନୀ ପିନ୍ଧିଥିବା ବେଳେ ଏକ ଜାକେଟ୍ ଓ ପଗଡ଼ି ମଧ୍ୟ ପରିହିତ ହେଇଥିଲେ । ଅନୁଷ୍କା ନାଲିରଙ୍ଗର ଲେହେଙ୍ଗା ପିନ୍ଧି ବେଶ୍ ଉଜ୍ଜ୍ୱଳ ଦିଶୁଥିଲେ । ଅନୁଷ୍କା ନିଜ ବିବାହ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହିତ ଏହା ତଳେ ଲେଖିଛନ୍ତି 'ଆଜିର ଦିନରେ ଆମେ ବିବାହ କଲୁ ସତ, ହେଲେ ଦୀର୍ଘ ଚାରିବର୍ଷ ଭିତରେ ଆଦିତ୍ୟ ଓ ମୁଁ କେବେ ନିଜକୁ ବିଶାଦଗ୍ରସ୍ତ କରି ବଞ୍ଚିନାହୁଁ, ଏପରିକି ଆମ ଭିତରେ ସେଭଳି ଭାବନା ଆସିନାହିଁ ଯେ ଆମେ ଜୀବନସାରା ଏକାଠି ରହିବୁ ବୋଲି, ଆଜି କିନ୍ତୁ ତାହା ସାକାର ହେଇଛି । ଆଦି ତୁମେ ମୋ ଜୀବନର ସବୁଠୁ ମଧୁର ସ୍ମିତହାସ୍ୟ । ମୁଁ ଚାହୁଛି ଆମ ଜୀବନ ଖୁସିରେ ବିତିଯାଉ ।'



ଏପାଖେ ଆଦିତ୍ୟ ମଧ ତାଙ୍କ ବିବାହର କିଛି ଫଟୋ ପୋଷ୍ଟ କରି ଲେଖିଛନ୍ତି 'ଅନୁଷ୍କା ଓ ମୋର ଖୁସିକୁ ମୁଁ ସମସ୍ତଙ୍କୁ ବାଣ୍ଟି ଦେବାକୁ ଚାହୁଛି, ଆମ ପରି ସମସ୍ତଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ' । ମା ଅନୁ ରଂଜନଙ୍କ ଦ୍ୱାରା ଆୟୋଜିତ ଏକ ଫ୍ୟାସନ୍ ସୋ'ରେ ଆଦିତ୍ୟ ଓ ଅନୁଷ୍କାଙ୍କର ଭେଟ ହେଇଥିଲା । ଉଭୟଙ୍କ ଭିତରେ ଚାଲିଥିବା ପ୍ରେମ ସମ୍ପର୍କ ୨୦୧୯ରେ ସର୍ବସମ୍ମୁଖରେ ପ୍ରକାଶ ପାଇଥିଲା । ପ୍ୟାରିସ୍ ଦେଶରେ ଏକ ସୁଟିଂରେ ଥିବା ବେଳେ ଆଦିତ୍ୟ ଅନୁଷ୍କାଙ୍କୁ ସିଧାସଳଖ ବିବାହ ପାଇଁ ପ୍ରପୋଜ୍ କରିଥିଲେ ।

# ଗୁଡ଼ି ଉଡ଼େଇବେ ଭୂମିକା

ଚଳଚ୍ଚିତ୍ର 'ମନ ମୋର କାଗଜ ଗୁଡ଼ି'ରେ ରାକେଶ ନାୟକ ଭୂମିକାରେ ଅବତୀର୍ଣ୍ଣ ହେଇଥିବା ବେଳେ ତାଙ୍କ ବିପକ୍ଷର ନାୟିକା ସାଜିଛନ୍ତି ଭୂମିକା । ଏହାର ପ୍ରଯୋଜନା ଶିବିର କୁମାର ପରିଡ଼ା କରୁଥିବା ବେଳେ ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ । ଶୁଣାଯାଉଛି ଏହା ଏକ ମୌଳିକ କାହାଣୀ । ଏଥିରେ ପ୍ରୀତିରାଜ ଶତପଥୀ, ଦେବୀ ବାରିକ, ମମତା, ଜିତେନ୍ଦ୍ର ଓଝା, କୁମାର, ଚୌଧୁରୀ ବିକାଶ ଦାସ, ସୀମା, ଲିପୁନ, ସଞ୍ଜୟ, ଜ୍ଞାନ, ସୁହାନା, ଦିବ୍ୟାଂଶା, ଐଶ୍ୱର୍ଯ୍ୟା, ଭକ୍ତି ଏବଂ ରାଜନେତା ସୁର ରାଉତରାୟ ପ୍ରମୁଖ ଭିନ୍ନ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବେ । ସୁମିତ୍ରା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏଇ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ ପାଇ । ନିର୍ଦ୍ଦେଶନା ଦେଇଛନ୍ତି ଦିବ୍ୟଜ୍ୟୋତି ପାତ୍ର, କାହାଣୀ ଲେଖିଛନ୍ତି ଦିବ୍ୟସିଂହ ବାରିକ ଓ ସଂଳାପ ରଚନା କରିଛନ୍ତି ମାନସ ପଡିହାରୀ । ସବୁଠୁ ମଜାଦାର କଥା ହେଉଛି ଅଭିନେତ୍ରୀ ଭୂମିକା ଏଯାବତ ଚୁଲବୁଲି ନାୟିକା ଭାବେ ଅଭିନୟ କରିଥିବାର ଦେଖିବାକୁ ମିଳିଥିଲେ, ହେଲେ ଏଥିରେ ସେ ଜଣେ ଅତ୍ୟାଧୁନିକା ଝିଅ ଭୂମିକାରେ ଅବତୀର୍ଣ୍ଣ ହେଇ ବିଭିନ୍ନ ନିଶା ସମଗ୍ରୀ ବ୍ୟବହାର କରୁଥିବାର ଦେଖିବାକୁ ମିଳିବ ।

# ବିକି-କ୍ୟାଟ୍ରିନାଙ୍କ ବିବାହରେ ଫୋନ ବ୍ୟବହାର ମନା

ବଲିଉଡରେ ଏବେ ଚର୍ଚ୍ଚାରେ ରହିଛନ୍ତି ପ୍ରେମୀଯୁଗଳ ଅଭିନେତା ବିକି କୌଶଲ ଓ ଅଭିନେତ୍ରୀ କ୍ୟାଟ୍ରିନା କୈଫ । କୌଣସି ଫିଲ୍ମ ପାଇଁ ନୁହେଁ ବରଂ ନିଜ ବିବାହକୁ ନେଇ ଦୁହେଁ ଚର୍ଚ୍ଚାରେ ରହିଛନ୍ତି । ଗତ କିଛି ଦିନ ହେଲାଣି ଦୁହିଁଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ କେବେ ବିକି କ୍ୟାଟ୍ରିନାଙ୍କ ହାତ ଧରିବେ ସେ ପ୍ରଶ୍ନ ଏବେ ସେମାନଙ୍କ ପ୍ରଶଂସକଙ୍କ ମନରେ ରହିଛି । ତେବେ ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଡିସେମ୍ବର ଦ୍ୱିତୀୟ ସପ୍ତାହରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ ଏବଂ ସମସ୍ତ ରୀତିନୀତି ୭ ରୁ ୯ ଡିସେମ୍ବର ମଧ୍ୟରେ କରାଯିବ । ତେବେ ବିବାହରେ ସମସ୍ତ ଅତିଥିଙ୍କୁ ଫୋନର ବ୍ୟବହାର ନକରିବାକୁ ଏବଂ ଦୁହିଁଙ୍କ ଅନୁମତି ବିନା ବିବାହର କୌଣସି ଫଟୋକୁ ସୋସିଆଲ ମିଡିଆରେ ନଛାଡ଼ିବାକୁ କୁହାଯାଇଥିବା ନେଇ ସୂଚନା ମିଳିଛି । ଦୁହେଁ ନିଜର ବିବାହକୁ ନେଇ ଅଧିକାରୀକ ଭାବରେ କୌଣସି ଘୋଷଣା କରିନଥିବା ବେଳେ ଏଭଳି ନିୟମ ପରେ ଦୁହେଁ ବିବାହକୁ ବ୍ୟକ୍ତିଗତ ରଖିବାକୁ ଚାହୁଁଥିବା ସ୍ପଷ୍ଟ ହୋଇଛି । ତେବେ ଜାତୀୟ ଗଣମାଧ୍ୟମ ରିପୋର୍ଟ ମୁତାବକ, ବିକି କୌଶଲ ଏବଂ କ୍ୟାଟ୍ରିନା କୈଫ ବିବାହ ପାଇଁ ଡିସେମ୍ବର ମାସକୁ ବାଛିଛନ୍ତି । ବିବାହ କାର୍ଯ୍ୟ ଡିସେମ୍ବର ୭ରୁ ଆରମ୍ଭ ହୋଇ ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ । ଦୁହେଁ ସାଧାରଣ ବିବାହ ନୁହେଁ ବରଂ ରାଜକୀୟ ବିବାହ କରିବେ ବୋଲି କୁହାଯାଉଛି । ରାଜସ୍ଥାନର ୭୦୦ବର୍ଷ ପୁରୁଣା ଦୁର୍ଗରେ ଦୁହିଁଙ୍କ ବିବାହ ହେବାକୁ ଥିବା ବେଳେ ଅତିଥିଙ୍କ ପାଇଁ ସବାଇ ମାଧୋପୁରର ଏକ ରାଜକୀୟ ରିସର୍ଟ ବୁକ୍ କରାଯାଇଥିବା ନେଇ ସୂଚନା ମିଳିଛି । ତେବେ ଏହି ବିବାହରେ କେଉଁ ଅତିଥିମାନେ ଯୋଗଦେବେ ସେ ସମ୍ପର୍କରେ କେଣସି ସୂଚନା ମିଳିନାହିଁ । ଦୁହେଁ ବିବାହ ଦିନ ପିନ୍ଧିବାକୁ ଥିବା ପୋଷାକକୁ ଲୋକପ୍ରିୟ ଡିଜାଇନର ସବ୍ୟସାଚୀ ଡିଜାଇନ କରୁଥିବା ଜଣାପଡ଼ିଛି ।



# ଲୋକପ୍ରିୟ ନାୟକ ଅଭିଷେକଙ୍କ ନୂଆ ନାୟିକା

'ଏସିପି ସାଗରିକା', 'କେହି ନୁହେଁ କାହାର', 'ଚୁପ୍ ଚୁପ୍ ଚୋରି ଚୋରି', 'କଥା ଦେଲି ମଥା ଛୁଇଁ' ଏବଂ 'କଟି ପତଙ୍ଗ' ଆଦି ସିନେମାର ନାୟକ ଅଭିଷେକ ଏବେ ତାଙ୍କର ଆଗାମୀ ସିନେମାକୁ ନେଇ ବ୍ୟସ୍ତ । ପଙ୍କଜ ରାଉତଙ୍କ ପ୍ରଯୋଜିତ ଏହି ଛବିର ଶୀର୍ଷକ ହେଲା 'ଭାବେ ସିନା କହିପାରେନା' । ପଙ୍କଜ ରାଉତଙ୍କର ଏହା ହେଉଛି ଦ୍ୱିତୀୟ ଓଡ଼ିଆ ଛବି । ଏହା ପୂର୍ବରୁ ପଙ୍କଜ ରାଉତ 'ଦେଲେ ଧରା କଥା ସରେ' ଟାଇଟଲରେ ଏକ ଫିଲ୍ମର ପ୍ରଯୋଜନା କରିଥିଲେ, ଯେଉଁଥିରେ ମହାଶ୍ୱେତା, ଅଜିତ ଦାସ, ଜ୍ୟୋତି, ମାଳବିକା ଓ ମୀନକେତନ ପ୍ରମୁଖ ଅଭିନୟ କରିଥିଲେ । 'ଭାବେ ସିନା କହିପାରେନା' ଜରିଆରେ ବଡ଼ ପରଦାକୁ ଆସୁଛନ୍ତି ଟେଲି ନାୟିକା ଅର୍ଚ୍ଚିତା ମହାନ୍ତି ।ସେ ଇଷ୍ଟର୍ଣ୍ଣ ମିଡିଆ ଏଣ୍ଟରଟେନମେଣ୍ଟ୍ (ଇଏମ୍‌ଇ) ଫିଲ୍ମସ ବ୍ୟାନରରେ ନିର୍ମିତ ହୋଇଥିବା 'ତୁ ଭାରି ବିଉଟିଫୁଲ୍'ରେ ନାୟିକା ଭୂମିକାରେ ନଜର ଆସିଥିଲେ । ଏଥିରେ ସେ ନାୟକ ଜ୍ୟୋତିଙ୍କ ସହ ଦେଖା ଦେଇଥିଲୋ। ତାଙ୍କୁ ଦର୍ଶକ ତରଙ୍ଗ ଚାନେଲରେ ପ୍ରସାରିତ 'ତୋ' ଆଖି ମୋ' ଆଇନା'ରେ ଖୁବ୍ ପସନ୍ଦ କରିଥିଲେ । ଏଣେ ଅଭିଷେକ ଆଗରୁ ପ୍ରକୃତି ମିଶ୍ର, ଏଲିନା ଓ ରୀୟା ଆଦି ଜଣାଶୁଣା ନାୟିକାଙ୍କ ସହ ନଜର ଆସିଛନ୍ତି । ଅଭିଷେକ-ଅର୍ଚ୍ଚିତାଙ୍କ ଯୋଡ଼ିକୁ ନେଇ ନିର୍ମିତ 'ଭାବେ ସିନା କହିପାରେନା'ର ନିର୍ଦ୍ଦେଶନା ଦେଉଛନ୍ତି ବରିଷ୍ଠ ଅଭିନେତା ଅସିତ ପତି । ଏଥିରେ ଅସିତଙ୍କୁ ବି କେନ୍ଦ୍ରୀୟ ଭୂମିକାରେ ଦେଖିବାକୁ ମିଳିବ । ଚିନ୍ମୟ ଦାସ ପଟ୍ଟନାୟକ ଏହାର ସଂଳାପ ରଚନା କରିବା ସହ ସଙ୍ଗୀତ ନିର୍ଦ୍ଦେଶନା ବି ଦେଇଛନ୍ତି ।



# କଂଗ୍ରେସ ସେବାଦଳ ସଦ୍‌ଭାବନା ସମାବେଶର ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର ,୨୫/୧୧ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଆଗାମୀ ଡିସେମ୍ବର ୨୬ ତାରିଖରେ ହେବାକୁଥିବା ରାଜ୍ୟସ୍ତରୀୟ ସଦ୍‌ଭାବନା ସମାବେଶର ସୁପରିଚାଳନା ପାଇଁ ୧୦ ଜଣ ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କୁ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ପର୍ଯ୍ୟବେକ୍ଷକ ମାନେ ଜିଲ୍ଲା କଂଗ୍ରେସ ସଭାପତି ଓ ଜିଲ୍ଲା ସେବାଦଳର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ସଦ୍‌ଭାବନା ସମାବେଶର ସଫଳତା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରଦେଶ କଂଗ୍ରେସ ସେବାଦଳ ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ନିରଦବରଣ ଖୁଁଟିଆ- କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର- ସୁବାଷ ଚନ୍ଦ୍ର ପରିଡ଼ା, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ - ଅଶୋକ ସିଂହ କଟକ, କଟକ ନଗର, ଜଗତସିଂହପୁର, ଦିଲ୍ଲିପ କୁମାର ପଣ୍ଡା - ସମ୍ବଲପୁର, ବରଗଡ଼, କଳାହାଣ୍ଡି,ବଲାଙ୍ଗିର, ସୁବର୍ଣ୍ଣପୁର, ସେକ ଚାନ୍ଦ ଉସୁମାନି - ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ମହମ୍ମଦ ଶାହାଦୁଲ୍ଲା - ଖୋର୍ଦ୍ଧା, ପୁରୀ, ଭୁବନେଶ୍ୱର, ମନୋଜ ସାହୁ - ନୟାଗଡ଼, କନ୍ଧମାଳ, ବୌଦ୍ଧ, ମୁନୁ ସରାଫଙ୍କୁ ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ପ୍ରଦୀପ କୁମାର ଦାସ, ଢ଼େଙ୍କାନାଳ, ଅନୁଗୁଳ, କୁଳମଣି ସାହୁଙ୍କୁ, ତ୍ରିଶୁଳିଆ ଶିବିରରସମସ୍ତ ପ୍ରଶିକ୍ଷଣ କର୍ମକର୍ତ୍ତା ଓ ସୁଶାନ୍ତ କୁମାର ମହାରଣାଙ୍କୁ ନୂଆପଡ଼ା, ଦେବଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲା ଦାୟିତ୍ୱ ଦିଆଯାଇଛି।

# ୱାର୍ଲ୍ଡ ସ୍କିଲ ସେଂଟରରେ ଆରମ୍ଭ ହେଲା ପ୍ରଥମ ବ୍ୟାଚ୍ ପାଠ୍ୟକ୍ରମ

ଭୁବନେଶ୍ୱର,୨୫/ ୧୧ (ନି.ପ୍ର): ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ) ଅଧୀନରେ ୱାର୍ଲ୍ଡ ସ୍କିଲ ସେଂଟରଠାରେ ପ୍ରଥମ ବ୍ୟାଚ୍ ଉନ୍ନତ ସ୍କିଲ ପାଠ୍ୟକ୍ରମ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଯାଇଛି। ଏହା ନେଇ ୱାର୍ଲ୍ଡ ସ୍କିଲ ସେଂଟରଠାରେ ଏକ ଭବ୍ୟ ଉଦ୍ ଘାଟନୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିତ୍ୟ ବିରଲା ଗ୍ରୁପ୍ ର ଗ୍ରୁପ୍ ନିର୍ଦ୍ଦେଶକ ଡଃ ସନ୍ତୃପ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟ ଅତିଥି ଡଃ ମିଶ୍ର କହିଥିଲେ ଯେ ୱାର୍ଲ୍ଡ ସ୍କିଲ ସେଂଟରରେ ନାମ ଲେଖାଇ ପ୍ରଶିକ୍ଷାର୍ଥୀମାନେ ସାହସିକ ପଦକ୍ଷେପ ନେଇଛନ୍ତି ଏବଂ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପ୍ରୟାସ କରିଛନ୍ତି। ପ୍ରଶିକ୍ଷାର୍ଥୀମାନେ ଏହି ଅନୁଷ୍ଠାନରେ ପ୍ରଶିକ୍ଷଣ ଲାଭ କରି ଉଭୟ ଓଡିଶା, ଭାରତ ଏବଂ ବିଶ୍ୱ ଦକ୍ଷତା କ୍ଷେତ୍ରରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିବେ। ସେ ଆହୁରି ମଧ କହିଥିଲେ ଯେ ସ୍କିଲ ଆଭିମୁଖ୍ୟ ପ୍ରତି ଭାରତୀୟ ସମାଜକୁ ପରିବର୍ତନ ହେବାର ଆବଶ୍ୟକତା ରହିଛି । ଇଞ୍ଜିନିୟରିଂ, ଡିପ୍ଲୋମା ଏବଂ ଆଇଟିଆଇ ଶିକ୍ଷା ଉର୍ଦ୍ଧ୍ୱରେ ଜଣେ ପ୍ରଶିକ୍ଷାର୍ଥୀ ନିଜକୁ ଦକ୍ଷ ବ୍ୟକ୍ତି ଭାବରେ ଆତ୍ମବିଶ୍ୱାସ ଏବଂ ଆତ୍ମ ସ୍ୱାଭିମାନର ଭାବନା ମନରେ ରଖିବା ଆବର୍ଶ୍ୟକ।ଏହି ଅବସରରେ ଓଏସଡିଏ ଅଧକ୍ଷ ସୁବ୍ରତ ବାଗ୍‌ଚୀ ଡଃ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୱାର୍ଲ୍ଡ ସ୍କିଲ ସେଂଟରରେ ଆଠ ଗୋଟି ପାଠ୍ୟକ୍ରମରେ ତାଲିମ ଦେବାର ବ୍ୟବସ୍ଥା ରହିଛି। ଏଠାରେ ପ୍ରଶିକ୍ଷାର୍ଥୀମାନଙ୍କୁ ଏକ ବର୍ଷ ଅବଧିର ସଂପୂର୍ଣ୍ଣ ଆବାସିକ ତାଲିମ ପ୍ରଦାନ କରାଯିବ । ପ୍ରତ୍ୟେକ ପାଠ୍ୟକ୍ରମରେ ୮୦ଟି ସିଟ୍ ଥିବାବେଳେ ଚଳିତ ବର୍ଷ ମେକାନିକାଲ ଏବଂ ଇଲେକଟ୍ରିକାଲ ସର୍ଭିସେସ, ଏୟାର କଣ୍ଡିସନିଙ୍ଗ ଏବଂ ରେଫ୍ରିଜେରେସନ ଓ ମେକାଟ୍ରୋନିକ୍ସ ଭଳି ତିନୋଟି ପାଠ୍ୟକ୍ରମରେ ତାଲିମ ପ୍ରଦାନ କରାଯିବ। ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଓଡିଶାର ୨୯ଟି ଜିଲ୍ଲାର ୨୪୦ ଜଣ ଛାତ୍ରଛାତ୍ରୀ ଏଥି ନିମନ୍ତେ ନାମ ଲେଖାଇଛନ୍ତି ଯେଉଁଠାରେ ୨୧୪ ଜଣ ପୁରୁଷ ଏବଂ ୨୬ ଜଣ ମହିଳା ଅଛନ୍ତି। ଏଥିରେ ଡିପ୍ଲୋମାରୁ ୧୧୫ ଜଣ ଏବଂ ଆଇଟିଆଇ ପୃଷ୍ଠଭୂମିରୁ ୧୨୫ ଜଣ ପ୍ରଶିକ୍ଷାର୍ଥୀ ରହିଛନ୍ତି। ଏହି ଅନୁଷ୍ଠାନରୁ ତାଲିମ ନେବା ପରେ ସମସ୍ତ ପ୍ରଶିକ୍ଷାର୍ଥୀ ଜାତୀୟ ଏବଂ ଅର୍ନ୍ତଜାତୀୟ ସ୍ତରର ଶିଳ୍ପ ସଂସ୍ଥାମାନଙ୍କରେ ନିଯୁକ୍ତି ପାଇବେ। ଏହି ଅବସରରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ୱାର୍ଲ୍ଡ ସ୍କିଲ ସେଂଟରରେ ନାମ ଲେଖାଇ ସେମାନେ ନିଜ ଉଜ୍ଜ୍ୱଳ ଭବିଷ୍ୟତର ପ୍ରଥମ ସୋପାନରେ ପାଦ ଦେଇଛନ୍ତି । ଏଠାରେ ସେମାନେ ବିଦେଶରୁ ତାଲିମପ୍ରାପ୍ତ ଶ୍ରେଷ୍ଠ ପ୍ରଶିକ୍ଷକମାନଙ୍କଠାରୁ ଶିକ୍ଷା ପାଇପାରିବେ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ସହିତ କାମ କରିବାର ସୁଯୋଗ ପାଇବେ । ରାଜ୍ୟ ସରକାରଙ୍କ ଏହି ବିଶେଷ ପ୍ରକଳ୍ପ ଆଜି ଅର୍ନ୍ତଜାତୀୟ ସ୍ତରରେ ଚର୍ଚ୍ଚିତ ହେଉଛି ଯାହାଦ୍ୱାରା ଦେଶବିଦେଶର ଶ୍ରେଷ୍ଠ ଉଦ୍ୟୋଗମାନେ ଏଠାରୁ ମାନବ ସମ୍ବଳ ସଂଗ୍ରହ କରିବାକୁ ଆସିବେ । ସିଇଓ, ଓଏସଡିଏ ତଥା ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ (ଡିଟିଇଟି), ରେଘୁ ଜି ଅତିଥିମାନଙ୍କୁ ସ୍ୱାଗତ କରିବା ସହୱାର୍ଲ୍ଡ ସ୍କିଲ ସେଂଟରର ପାଠ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।

# ମମିତାଙ୍କୁ ନ୍ୟାୟ ଦାବିରେ ଆନ୍ଦୋଳନ ଅବ୍ୟାହତ ରହିବ : ମହିଳା କଂଗ୍ରେସ

ଭୁବନେଶ୍ୱର,୨୫/୧୧ (ନି.ପ୍ର): ନିଖିଳ ଭାରତ ମହିଳା କଂଗ୍ରେସ କମିଟିର ଅନୁମୋଦନକ୍ରମେ ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆଜି ଭୁବନେଶ୍ୱରସ୍ଥ କଂଗ୍ରେସ ଭବନ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ, ସର୍ବପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ କମିଟିର ସମସ୍ତ ପଦାଧିକାରୀଗଣ, ଜିଲ୍ଲା ମହିଳା କଂଗ୍ରେସ କମିଟିର ସଭାପତି ଗଣ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଗଣଙ୍କୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଶ୍ରୀ ବିଶ୍ୱାଳ ପୁଷ୍ପଗୁଚ୍ଛ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପିସିସି ଉପସଭାପତି ସସ୍ମିତା ବେହେରାଙ୍କୁ ନିଖିଳ ଭାରତ ମହିଳା କଂଗ୍ରେସ କମିଟିର ସଂପାଦିକା ରୂପେ ମନୋନୀତ ହୋଇଥିବାରୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ତାଙ୍କୁ ଉତରୀୟ ପ୍ରମାଣପତ୍ର, ଜଗନ୍ନାଥ ମହାପଭୁଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ମହିଳା କଂଗ୍ରେସ କମିଟି ଅଧକ୍ଷା ଶ୍ରୀମତୀ ପରିଡ଼ା, ପ୍ରାକ୍ତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ସସ୍ମିତା ବେହେରା, ଉପସଭାପତି ଯଜ୍ଞେଶ୍ୱର ବାବୁ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ମହିଳା କଂଗ୍ରେସକୁ ଆହୁରି ସୁଦୃଢ଼ କରି ମହିଳାମାନଙ୍କ ସମସ୍ୟାର ସମାଧାନ ଲାଗି ସଂଗଠନକୁ ସକ୍ରିୟ କରିବାକୁ ଆହ୍ୱାନ ଦେଇଥିଲେ ପିସିସି ସଭାପତି ନିରଂଜନ ପଟ୍ଟନାୟକ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଗିତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଏକ ବିଶାଳ ଜନଜାଗରଣ ଅଭିଯାନ ପଦଯାତ୍ରା କଂଗ୍ରେସ ଭବନରୁ ବାହାରି ଭୁବନେଶ୍ୱର ପରିକ୍ରମା କରିଥିଲା। ବର୍ତ୍ତମାନ ଯେପରି ଭାବରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ତା ସାଙ୍ଗକୁ ନାରୀମାନଙ୍କ ପ୍ରତି ନିର୍ଯ୍ୟାତନା ବଢୁଛି ଏବଂ ମମିତାଙ୍କୁ ନ୍ୟାୟ ଦେବାରେ ବିଫଳ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମମିତାଙ୍କ ହତ୍ୟା ଘଟଣାରେ ସଂପୃକ୍ତ ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପରିଣାମଦର୍ଶୀ ପାଇଁ ତୈଳଦର ବୃଦ୍ଧି ସାଂଗକୁ ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ସାଧାରଣ ଜନତାଙ୍କ ଉପରେ ବୋଝ ଉପରେ ଲଳିତାବିଡ଼ା ସଦୃଶ ହୋଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ସାହୁ, ସସ୍ମତା ବେହେରା, ରଶ୍ମି ମହାପାତ୍ର, ଗୀତାଞ୍ଜଳି ମହାନ୍ତି, ଶ୍ରୀୟାସ୍ମତା ପଣ୍ଡା, କୁସୁମ ପ୍ରଧାନ, ନିରୁପମା ପାତ୍ର, ସ୍ୱରୂପା ତ୍ରିପାଠୀ, ନିରୁପମା ଦାସ, ପ୍ରତିମା ମଲ୍ଲିକ, ନିର୍ମଳା ବଳିଆରସିଂ, ମମତାଞ୍ଜଳି ବେହେରା, ସବିତା ଚାନ୍ଦ, ସୁସ୍ମତା ଘୋଷାଲ, ପ୍ରଜ୍ଞାପରମିତା ମହାନ୍ତି, ଉର୍ବଶୀ ମିଶ୍ର, ପ୍ରଭାବତି ପଟ୍ଟନାୟକ, ସ୍ୱାଧୀନବାଳା ଦାସ ସମେତ ଜିଲ୍ଲା ମହିଳା ସଭାପତିଗଣ, ରାଜ୍ୟ ପଦାଧିକାରୀଗଣ ଏବଂ ଶତାଧିକ ବହୁ ମହିଳା କଂଗ୍ରେସ ନେତୃବୃନ୍ଦ ଯୋଗଦେଇ ଆଗାମୀ ଦିନରେ ଘରକୁ ଘର ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତା ପଂହଚି ଜନସାଧାରଣଙ୍କୁ ବ୍ୟାପକ ଜନଯାଗରଣ ଯାତ୍ରା ମାଧମରେ ଜନସଚେତନତା କରିବାକୁ ସଂକଳ୍ପ ନେଇଥିଲେ।

# ପଚାପାଣିର କେନାଲ ଭୁବନେଶ୍ୱରକୁ ଘେରିଛି: ଛାତ୍ର କଂଗ୍ରେସ

ଭୁବନେଶ୍ୱର,୨୫/୧୧ (ନି.ପ୍ର): ବିକାଶର ଚିତ୍ର ବର୍ଷାଦିନର ଭୁବନେଶ୍ୱରରେ ଭୁବନେଶ୍ୱରବାସୀ ଉପଲବ୍ଧ କରିଛନ୍ତି। ଗତ ବର୍ଷାରେ ଭୁବନେଶ୍ୱରର ମୁକୁଳା ଡ୍ରେନ, ଡ୍ରେନରେ ପଡ଼ି ମୃତ୍ୟୁ, ମୁଖ୍ୟ ରାସ୍ତାରେ ବନ୍ୟା ପରିସ୍ଥିତିକୁ ନେଇ ୨୧ବର୍ଷର ନବୀନ ଶାସନରେ ଭୁବନେଶ୍ୱରର ବିକାଶ ଭୁବନେଶ୍ୱରବାସୀ ଦେଖିଛନ୍ତି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବାରଙ୍ଗରୁ ବାହାରିଥିବା କେନାଲ ରସୁଲଗଡ଼, ବରଗଡ଼ ଦେଇ କପିଳ ପ୍ରସାଦ ପରେ ଜଟଣୀରେ ମିଶିଛି। ସେହି କେନାଲର ଅବସ୍ଥା ଭୋଟପଡ଼ା ଠାରୁ ଅତି ଶୋଚନୀୟ ହୋଇପଡ଼ିଛି। ଏପରିକି ପଳାସୁଣି, ରସୁଲଗଡ଼, ଝାରପଡ଼ା ଦେଇ ସେହି କେନାଲ ଗତି କରିଛି। କିନ୍ତୁ ସେହି କେନାଲ ଏବେ ଡଷ୍ଟବିନ୍‌ରେ ପରିଣତ ହୋଇଛି। କେନାଲର ପୁନରୁଦ୍ଧାର କରାଯାଉନାହିଁ। କେନାଲ ପୋତିହୋଇ ଗଲାଣି। ଜବରଦଖଲ ମଧ ହୋଇଗଲାଣି। ଭୁବନେଶ୍ୱର ସହରର ବିକଳଚିତ୍ରର ଏହି କେନାଲ ହିଁ ଜ୍ୱଳନ୍ତ ଉଦାହରଣ। କେନାଲରୁ ଅସଂଖ୍ୟ ମଶା ସୃଷ୍ଟି ହେଉଥିବାରୁ ଉପରୋକ୍ତ ଅଂଚଳରେ ମ୍ୟାଲେରିଆ ଓ ଡେଙ୍ଗୁ ଦେଖାଦେଇଛି। କେନାଲରେ ଏବେ ଯେଉଁ ଜଳ ଅଛି ତାହା ମଣିଷ କିମ୍ବା ଜୀବଜନ୍ତୁଙ୍କର ବ୍ୟବହାରଯୋଗୀ ହୋଇନାହିଁ। ଜଳସେଚନ ବିଭାଗ ବିଭାଗ, ସ୍ଥାନୀୟ ବିଧାୟକ, ସାଂସଦ ଏ ଦିଗରେ ଆଖିବୁଜି ଦେଇଛନ୍ତି। ସରକାର ତୁରନ୍ତ ଏ କେନାଲକୁ ସଫାକରି ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ବିଚାରକୁ ନେଇ ଏହାକୁ ପ୍ରଦୁଷଣ ମୁକ୍ତ କରନ୍ତୁ ବୋଲି ଶ୍ରୀ ନୱାଜ କହିଛନ୍ତି। ଅନକେ ସମୟରେ ଏହି କେନାଲକୁ ସଫା କରିବାପାଇଁ ଯେଉଁ କାମ ହୋଇଥିଲା ତାହା ଉପର ଠାଉରିଆ। କାମରେ ବ୍ୟାପକ ଠକାମୀ ହୋଇଛି ବୋଲି ଅଭିଯୋଗ ହୋଇଛି। ଯଦି ସରକାର ତୁରନ୍ତ ଏ ଦିଗରେ କାର୍ଯ୍ୟକ୍ଷମ ଗ୍ରହଣ ନକରନ୍ତି ତେବେ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଶ୍ରୀ ନୱାଜ ସତର୍କ କରାଇଛନ୍ତି।

# ଭୁବନେଶ୍ୱରରେ ଏନ୍‌ସିସି ନଗର ଉଦ୍‌ଘାଟିତ

ଭୁବନେଶ୍ୱର,୨୫/ ୧୧ (ନି.ପ୍ର): ଭାରତ ଏକ ଭୂଗୋଳ ନୁହେଁ: ଏକ ଭାବ ଏବଂ ଏହି ଭାବ ବିଶ୍ୱ କଲ୍ୟାଣ ନିମନ୍ତେ ଅଭିପ୍ରେତ । ଭାରତ ଏକ ଜୀବନ୍ତ ଦେବୀ ଓ ଏହି ଦେବୀଙ୍କ ସେବାରେ ନିଜକୁ ସମର୍ପିତ କରିବାରେ ଅଛି ଜୀବନର ସାର୍ଥକତା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ବୁଧବାର ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଏନ୍‌ସିସି ନଗରକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟର ମୂଳତତ୍ୱ ହେଉଛି ଜାତୀୟତା ଓ ସମାଜସେବା। ପ୍ରତ୍ୟେକ ଛାତ୍ରଛାତ୍ରୀ ଏଥିରେ ଯୋଗଦେବା ଦରକାର। ଏହା ଜୀବନକୁ ଶୃଙ୍ଖଳିତ କରିବା ସହ ଅର୍ଥପୂର୍ଣ୍ଣ କରିଥାଏ । ଏନ୍‌ସିସିର ସଂପୃକ୍ତି ଓ ପ୍ରଶିକ୍ଷଣ ଯେକୌଣସି ବୃତି ଓ ପ୍ରବୃତିକୁ ସୁସଂହତ କରିଥାଏ ବୋଲି ପ୍ରକଟ କରି ରାଜ୍ୟପାଳ ଏହାର ବ୍ୟାପକ ପ୍ରସାର ପାଇଁ ଆହ୍ୱାନ ଦେଇଛନ୍ତି । ଏନ୍‌ସିସିର ଅତିରିକ୍ତ ମହାନିର୍ଦ୍ଦେଶକ ମେଜର ଜେନେରାଲ୍ ପି.ଏସ୍. ସେରାୱତ୍, ଉପମହାନିର୍ଦ୍ଦେଶକ କମୋଡର ସୌମେନ୍ ବାନାର୍ଜୀ ଓଡ଼ିଶାରେ ଏନ୍‌ସିସିର କାର୍ଯ୍ୟଧାରା ସଂପର୍କରେ ସୂଚନା ଦେବା ସହ ସରକାରଙ୍କ ସହଯୋଗ ଉତ୍ସାହଜନକ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳ ନବନିର୍ମିତ ଏନ୍‌ସିସି ନଗର ସୌଧକୁ ଉଦ୍‌ଘାଟନ କରିଥିଲେ ।

# ମହିଳା ନିର୍ଯାତନା, ଅପରାଧ, ଶୋଷଣ ବୃଦ୍ଧି ନେଇ ବିଧାନସଭାରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ ସରକାର : କଂଗ୍ରେସ

ଭୁବନେଶ୍ୱର,୨୫/ ୧୧ (ନି.ପ୍ର): ରାଜ୍ୟରେ ମହିଳା ଓ ଶିଶୁ ନିଖୋଜ ଉପରେ ବଢୁଥିବା ନିର୍ଯ୍ୟାତନା, ଅପହରଣ, ଅପରାଧ, ବଳାତ୍କାର, ଗଣବଳାତ୍କାର ଓ ହତ୍ୟାକୁ ନେଇ ରାଜ୍ୟସାରା ଆଲୋଡ଼ନ ସୃଷ୍ଟି ହେଉଥିବା ବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ନିଦାବିଷ୍ଟୁ ସାଜି ଚୁପ୍ ରହିବା ମହିଳାଙ୍କ ଲାଗି ଚରମ ଅପମାନ ବୋଲି କଂଗ୍ରେସ ମୁଖପାତ୍ର ପଦ୍ମାକର ଗରୁ କହିଛନ୍ତି। ଶିକ୍ଷୟତ୍ରୀ ମମିତା ମେହେର ହତ୍ୟା ପ୍ରସଙ୍ଗରେ ଜନସାଧାରଣଙ୍କର ଆକ୍ରୋଶକୁ ମୁଖ୍ୟମନ୍ତ୍ରୀ ବୁଝି ନପାରିବା ଅତ୍ୟନ୍ତ ପୀଡ଼ାଦାୟକ ଅଟେ। କିଛି ବର୍ଷ ଧରି ମୁଖ୍ୟମନ୍ତ୍ରୀ ହାତଗଣତି ୪ ଜଣଙ୍କର କଥାରେ ପଡ଼ି ରାଜ୍ୟର ତଥା ରାଜ୍ୟବାସୀଙ୍କର ଭାବନାକୁ ଯେପରି କୁଠାରଘାତ କରୁଛନ୍ତି। ବିଜୁଜନତା ଦଳ ଏବେ ବବି ଜନତା ଦଳରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀ ବବି, ପାଣ୍ଡିଆନ, ପ୍ରତାପ ଓ ଦିବ୍ୟଶଙ୍କରଙ୍କ ଠାରୁ ଦୂରେଇ ନ ରହିଲେ ରାଜ୍ୟବାସୀ ଅଣ୍ଡା, ଝଣ୍ଡା ଆଉ ଲଣ୍ଡାର ଫଣ୍ଡାରେ ତାଙ୍କୁ ଓ ମନ୍ତ୍ରୀମାନଙ୍କୁ ସାରା ଓଡ଼ିଶାରେ ବିରୋଧ କରିବେ। ସେଥିଲାଗି ବିଧାନସଭା ଭିତରେ ଓ ବାହାରେ କଂଗ୍ରେସ ଦଳ ପ୍ରତିବାଦ ଓ ବିପ୍ଳବ ଜାରି ରଖିବ ବୋଲି ପିସିସି ମୁଖପାତ୍ର ପଦ୍ମାକର ଗୁରୁ ମତବ୍ୟକ୍ତ କରିଥିଲେ। ଆଗାମୀ ବିଧାନସଭାରେ ସରକାର ଏକ ଶ୍ୱେତପତ୍ର ଦାଖଲ କରନ୍ତୁ ବୋଲି ମୁଖପାତ୍ର ସେ ଦୃଢ଼ ଦାବୀ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା ଉପସ୍ଥିତ ଥିଲେ।

# ଏସ୍‌ଏ-୧ରେ ଦିବ୍ୟାଙ୍ଗଙ୍କ ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୫/ ୧୧ (ନି.ପ୍ର): ନଭେମ୍ବର ୨୬ରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ସମ୍ମିଟିଭ୍ ଆସେସ୍‌ମେଣ୍ଟ(ଏସ୍‌ଏ)-୧ ଅନୁଷ୍ଠିତ ହେବାକୁ ଯାଉଛି। ଡିସେମ୍ବର ୨୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଆସେସମେଣ୍ଟ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ଉପରେ ଅଧିକ ଗୁରୁତ୍ୱାରୋପ କରିବାକୁ କୁହାଯାଇଛି। ଓସେପା ଅତିରିକ୍ତ ନିର୍ଦ୍ଦେଶକ(ଜେନେରାଲ) ରଜନୀ ଜାନୀ ବୁଧବାର ସମସ୍ତ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ମାଧମିକ ଶିକ୍ଷା ପରିଷଦ(ବିଏସ୍‌ଇ) ଗାଇଡ୍‌ଲାଇନ୍ ଅନୁଯାୟୀ ପରୀକ୍ଷା ବେଳେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ସ୍କ୍ରାଇବ୍ ବା ହେଲ୍‌ପର ରାଇଟରଙ୍କୁ ଅନୁମତି ପ୍ରଦାନ କରାଯିବ। ଏଥିସହ ଘଣ୍ଟା ପିଛା ୨୦



ମିନିଟ୍ ଲେଖାଏ ଅଧିକ ସମୟ ଦିଆଯିବ। ଯେତେଦୂର ସମ୍ଭବ ଦିବ୍ୟାଙ୍ଗ ପିଲାଙ୍କ ପରୀକ୍ଷା ବିଲଡ଼ିଂର ତଳ ମହଲାରେ ବ୍ୟବସ୍ଥା କରିବା ଦିଗରେ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟମାନେ ପଦକ୍ଷେପ ନେବେ। ସେଠାରେ ଦିବ୍ୟାଙ୍ଗଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ବି ଉପଲବ୍ଧ କରାଯିବା ଆବଶ୍ୟକ। ୨୦୨୦ ବୋର୍ଡ ପରୀକ୍ଷା ଲାଗି ଜାରି ହୋଇଥିବା ଗାଇଡ୍‌ଲାଇନ୍‌କୁ ଏହି ପରୀକ୍ଷାରେ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ ପ୍ରଶିକ୍ଷଣ

## ■‘ପ୍ରୟାସ’ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ
## ■୨୦୨୨ ସୁଦ୍ଧା ୧୩,୦୨୦ ଏସ୍‌ସି, ଏସ୍‌ଟି ଏବଂ ଓବିସି ଯୁବବର୍ଗଙ୍କୁ ନିଯୁକ୍ତି ଲକ୍ଷ୍ୟ

ଭୁବନେଶ୍ୱର,୨୫/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ‘ପ୍ରୟାସ’ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକାରିତା ନିମନ୍ତେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ‘ପ୍ରୟାସ’ ଯୋଜନା ଅଧୀନରେ ଏସ୍‌ଟି, ଏସ୍‌ସି, ଓବିସି ଏବଂ ସଂଖ୍ୟାଲଘୁ ସଂପ୍ରଦାୟର ଯୁବବର୍ଗଙ୍କୁ ନିଯୁକ୍ତିଭିତିକ ତାଲିମ ପ୍ରଦାନ କରିବା ପାଇଁ ୩୨ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ସହିତ ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ଟି) ଓ ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ସି) ବିଭାଗ ପକ୍ଷରୁ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ।

ଏହି ଉତ୍ସବରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସଭାପତିତ୍ୱ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା, ବିଭାଗୀୟ ନିର୍ଦ୍ଦେଶକ(ଏସ୍‌ଟି) ତଥା ସିଇଓ, ଓଟିଡିଏସ୍ ଶ୍ରୀମତୀ ଗୁହା ପୁନମ୍ ତାପସ କୁମାର, ନିୟୋଜନ ନିର୍ଦ୍ଦେଶାଳୟ ତଥା ସିଇଓ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ ରେଘୁ ଜି.,ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ସି) ଲକ୍ଷ୍ମଣ କୁମାର ମଲ୍ଲିକ ଏବଂ ଓଏଫ୍‌ଏସ୍‌ଡିସିର ଜେନେରାଲ ମ୍ୟାନେଜର ଉପସ୍ଥିତ ଥିଲେ। ଆଭାସୀ ମାଧମରେ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ଯୁଗ୍ମସଚିବ ନଭଲ୍ ଜିତ୍ କପୁର, ପିଏ, ଆଇଟିଡିଏ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀମାନେ ଯୋଗ ଦେଇଥିଲେ ।

ସଂପ୍ରତି ଓଡ଼ିଶା ଜନଜାତି ବିକାଶ ସମିତି (ଓଟିଡିଏସ୍)ଏବଂ ଓଡ଼ିଶା ଜାତି ଓ ଜନଜାତି ଆର୍ଥିକ ବିକାଶ ସମବାୟ ସଂସ୍ଥା (ଓଏସ୍‌ଏଫ୍‌ଡିସି) ପକ୍ଷରୁ ମିଶନ ମୋଡ୍ ରେ ମିଳିତ ଭାବେ ‘ପ୍ରୟାସ’ ଯୋଜନାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ବିଭାଗ ପକ୍ଷରୁ ଜୁନ୍, ୨୦୨୨ ସୁଦ୍ଧା ୧୩,୦୨୦ ଜଣ ଏସ୍‌ସି, ଏସ୍‌ଟି ଏବଂ ଓବିସି ଯୁବବର୍ଗଙ୍କୁ ଦକ୍ଷତା ତାଲିମ ଓ ନିଯୁକ୍ତି ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ପ୍ଲେସ୍‌ମେଂଟ ଲିଙ୍କଡ୍ ଏମ୍ପ୍ଲୟବିଲିଟି ଟ୍ରେନିଂ ଯୋଜନା ଅଧୀନରେ ଏନ୍‌ଏସ୍‌ଡିସି ଦ୍ୱାରା ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ ସହିତ ସଫଫ ସ୍କିଲ୍ ଟ୍ରେନିଂ ମଧ ପ୍ରଦାନ କରାଯାଉଛି । ଜିଲ୍ଲାସ୍ତରରେ ପିଏ, ଆଇଟିଡିଏ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ପ୍ରଶିକ୍ଷଣ କେନ୍ଦ୍ରରେ ନିୟମିତ ଗସ୍ତ କରି ସେମାନଙ୍କର ପ୍ରଶିକ୍ଷାର୍ଥୀଙ୍କ ସୁରକ୍ଷା ନିମନ୍ତେ ସୁସ୍ଥ ବାତାବରଣ ନିର୍ଣ୍ଣିତ କରିବେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ବୈଷୟିକ ସହାୟତାରେ ‘ପ୍ରୟାସ’ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ମସିହା ମାର୍ଚ୍ଚ ୨ ତାରିଖରେ ‘ପ୍ରୟାସ’ ଯୋଜନାର ଶୁଭାରମ୍ଭ କରିଥିଲେ। ସେହି ଦିନଠାରୁ ୧୦୫ଟି ବ୍ୟାଚ୍ ରେ ୩୧୫୦ ଜଣ ଏସ୍‌ସି, ଏସ୍‌ଟିଯୁବବର୍ଗଙ୍କୁସଫଳତାର ସହ ତାଲିମ ସହିତ ବିଭିନ୍ନ ସଂସ୍ଥାରେ ନିଯୁକ୍ତିପ୍ରଦାନ କରାଯାଇଛି।

# ହାଇସ୍କୁଲରୁ ଉଠିଯିବ କି ସଂସ୍କୃତ ?: ଯୋଗ୍ୟ ପ୍ରାର୍ଥୀ ଅଛନ୍ତି, ନିଯୁକ୍ତି ମିଳୁନି

ଭୁବନେଶ୍ୱର ,୨୫/ ୧୧ (ନି.ପ୍ର): ହାଇସ୍କୁଲ ପାଠପଢ଼ାରୁ ବାଦ ପଡ଼ିବ କି ସଂସ୍କୃତ ବିଷୟ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ ହେବା ପରେ ପିଲାମାନେ ସଂସ୍କୃତ ଭାଷାରେ ଶିକ୍ଷା ଗ୍ରହଣ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି। ତୃତୀୟ ବିଷୟ ଭାବେ ହିନ୍ଦୀ, ସଂସ୍କୃତ ବଦଳରେ ଧନ୍ଦାମୂଳକ ଶିକ୍ଷାକୁ ପ୍ରଥମ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ ଏବେ ଏହି ବିଷୟ ପ୍ରତି ଛାତ୍ରଛାତ୍ରୀଙ୍କ ମୋହ ଭଙ୍ଗ ହେଉଛି। ଏଭଳି ଏକ ଘଡ଼ିସନ୍ଧି ସମୟରେ ଶିକ୍ଷକ ନିଯୁକ୍ତି ନ କରି ରାଜ୍ୟ ସରକାର ହାଇସ୍କୁଲରେ ସଂସ୍କୃତ ବିଷୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ରିତିମତ ରକ୍ରାନ୍ତ ଆରମ୍ଭ କରିଥିବା ନେଇ ଏବେ ସାମ୍ନାକୁ ଆସିଛି। ହାଇସ୍କୁଲଗୁଡ଼ିକରେ ଖାଲି ପଡ଼ିଥିବା ୧୩୦୪ ସଂସ୍କୃତ ପଦବି ଲାଗି ଗତ ଅଗଷ୍ଟ ମସରେ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶିକ୍ଷକ ଚୟନ ଲାଗି ସିବିଟି(କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ) ମାଧମରେ ପରୀକ୍ଷା କରାଯାଇ ଚୂଡ଼ାନ୍ତ ଯାଞ୍ଚ ତାଲିକା ପ୍ରକାଶ ପାଇଥିଲା। ଯେଉଁଥିରେ ୧୮୦୬ ଜଣ ଯୋଗ୍ୟ ପ୍ରାର୍ଥୀ ଥିଲେ। ମାତ୍ର ନିଯୁକ୍ତି ପାଇଲା ବେଳକୁ ମାତ୍ର ୭୯୬ ଜଣଙ୍କୁ ମିଳିଛି। ଅର୍ଥାତ୍ ଆହୁରି ୫୦୮ ପଦବି ଖାଲି ପଡୁଛି। ଯେଉଁଥିରେ ସଂରକ୍ଷଣ ବ୍ୟବସ୍ଥା ପ୍ରମୁଖ ପ୍ରତିବନ୍ଧକ ସାଜିଥିବା ଜଣାପଡ଼ିଛି। ନିୟମ ଅନୁଯାୟୀ ସଂସ୍କୃତ ବିଷୟ ଲାଗି ୧୩୦୪ ଜଣ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସେଥିମଧ୍ୟରୁ ଏସ୍‌ଟି ତଥା ଅନୁସୂଚିତ ଜନଜାତି ବର୍ଗ ପ୍ରାର୍ଥୀଙ୍କ ଲାଗି ୫୦୭ଟି ପଦବି ସଂରକ୍ଷଣ ରହିଥିବା ବେଳେ ଏସ୍‌ସି(ଅନୁସୂଚିତ ଜାତି) ବର୍ଗଙ୍କ ପାଇଁ ୧୯୬, ଏସ୍‌ଇବିସିଙ୍କ ଲାଗି ୪୧ଟି ସଂରକ୍ଷଣ ରହିଥିଲା। ବାକି ୫୬୦ଟି ଅଣ ସଂରକ୍ଷିତ ରଖାଯାଇଥିଲା। ନିଯୁକ୍ତି ସମୟରେ ଦେଖାଯାଇଥିଲା ଯେ ଏସ୍‌ଟି ଓ ଏସ୍‌ସି ବର୍ଗର ଆବଶ୍ୟକ ଯୋଗ୍ୟ ପ୍ରାର୍ଥୀ ନାହାନ୍ତି। ଏସ୍‌ଇବିସି ବର୍ଗ ଓ ଅଣ ସଂରକ୍ଷିତ ବର୍ଗର ସମସ୍ତ ପଦବି ପୂରଣ ହୋଇଥିବା ବେଳେ ଏସ୍‌ଟି ବର୍ଗଙ୍କ ଲାଗି ସଂରକ୍ଷିତ ଥିବା ୫୦୭ ପଦବି ମଧ୍ୟରୁ ମାତ୍ର ୪୩ଟି ପୂରଣ ହୋଇଛି। ଯେତେବେଳେ କି ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ୧୯୬ରୁ ୧୫୨ଟି ପୂରଣ ହୋଇଛି।

# ‘ୟୁଥ୍ ଫର ୱାଟର’ ଲୋକାର୍ପିତ : ୟୁନିସେଫ୍ ସହ ଜଳ ସମ୍ପଦ ବିଭାଗର ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର ,୨୫/ ୧୧ (ନି.ପ୍ର): ରାଜ୍ୟ ଜଳ ସଂପଦ ବିଭାଗ ଓ ୟୁନିସେଫ୍ ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ‘୫-ଟି’ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସ୍ୱରୂପ ପୋଷଣଯୁକ୍ତ ଜଳ ପରିଚାଳନାରେ ବିଭିନ୍ନ ଗୋଷ୍ଠୀମାନଙ୍କୁ ନିୟୋଜିତ କରିବା, ଜଳର ଉଚିତ୍ ବ୍ୟବହାର, ବଣ୍ଟନରେ ସମାନତା, ସଂରକ୍ଷଣ, ପରିଚାଳନାରେ ମହିଳାଙ୍କ ଭାଗିଦାରିତା ତଥା ପ୍ରମୁଖ ଅଂଶୀଦାରମାନଙ୍କୁ ନେଇ ଜଳସେଚନ ପରିଚାଳନା କରିବା ଏହି ବୁଝାମଣାର ଲକ୍ଷ୍ୟ ରହିଛି। ଏହି ଅବସରରେ ‘ୟୁଥ୍ ଫର ୱାଟର’ ୱେବ୍‌ସାଇଟ୍ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ଅବସରରେ ଜଳ ସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଥିଲେ, ଜଳବାୟୁ ପରିବର୍ତ୍ତନ ଆଧାରରେ କିପରି ଜଳ ପରିଚାଳନା କରିବାକୁ ହେବ ସେ ନେଇ ବିଚାର କରିବାକୁ ସମୟ ଆସିଛି। ସମସ୍ତଙ୍କ ପାଇଁ ପାନୀୟ ଜଳର ସୁବିଧା, ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା, ଉନ୍ନତ ଗୁଣାତ୍ମକ ଜଳର




ଉପଲବ୍‌ଧତା, ବର୍ଜ୍ୟଜଳର ପ୍ରକ୍ରିୟାକରଣ ଓ ନିରାପଦ ପୁନଃ ବ୍ୟବହାର, ଜଳ ପୁନଃ ବ୍ୟବହାର ଦକ୍ଷତା ବୃଦ୍ଧି, ସମନ୍ୱିତ ଜଳ ସମ୍ପଦର ପରିଚାଳନା, ଜଳ ସଂପର୍କିତ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ, ଜଳ ଓ ପରିମଳ ପରିଚାଳନାରେ ଦକ୍ଷତା ବୃଦ୍ଧି ନିମନ୍ତେ ସମସ୍ତ ଅଂଶୀଦାରମାନେ ମିଳିମିଶି କାମ କରିବା ଜରୁରୀ ହୋଇଛି। ଏଥିପାଇଁ ରାଜ୍ୟ ଜଳ ନୀତିର ପୁନଃ ତର୍ଜମା କରିବା, ଜଳ ଓ ଭୂ-ପରିଚାଳନା ପ୍ରତିଷ୍ଠାନ (ୱାଲ୍‌ମି) କୁ ଉତ୍କର୍ଷ କେନ୍ଦ୍ର ରୂପେ ପ୍ରତିଷ୍ଠା କରିବା, ‘ୟୁଥ୍ ଫର ୱାଟର’ ଓ ‘ମୋ ନଦୀ’ କାର୍ଯ୍ୟକ୍ରମର ପ୍ରଚାର କାର୍ଯ୍ୟ ଏବେ ୟୁନିସେଫ୍ ସହାୟତାରେ ହେବ ବୋଲି ସେ ସୂଚନା ଦେଇଛନ୍ତି। ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ମୋନିକା ନେଲସନ କହିଥିଲେ, ବହୁମାତ୍ରାରେ ସହରୀକରଣ, କୃଷି ପଦ୍ଧତିରେ ପରିବର୍ତ୍ତନ ଓ ଶିଳ୍ପାୟନ ନିରନ୍ତର ବିକାଶ ଲକ୍ଷ୍ୟ ସାଧନ ଏବଂ ଜଳ ଓ ଯୋଗାଯୋଗ ପାଇଁ ଆହ୍ୱାନ ହୋଇଛି। ତେବେ ଏ ସବୁର ମୁକାବିଲା ପାଇଁ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକତା ରହିଛି। ଏଥିପାଇଁ ଅଧିକ ପ୍ରଭାବୀ ଯୋଗାଯୋଗ ପ୍ରଚାର ବ୍ୟବସ୍ଥା ଏବଂ ଶିଶୁ ଓ ମହିଳାମାନଙ୍କୁ ଜଳର ପୋଷଣୀୟ ବ୍ୟବହାର ଓ ସଂରକ୍ଷଣ ପାଇଁ ସଚେତନ କରାଇବାକୁ ୟୁନିସେଫ୍ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୮୪୦୧ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

## ଇଡିରେ ହାଜର ହେଲେ ଅଭୟକାନ୍ତ ପାଠକ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ପୁଣିଥରେ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି)ରେ ହାଜର ହୋଇଛନ୍ତି ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକ। ଟାଟା କମ୍ପାନୀରେ ଚାକିରୀ ଦେବା ନାଁରେ ଠକେଇ ଓ ଆୟ ବହିର୍ଭୁତ ସଂପତି ଠୁଳ ମାମଲାରେ ସେ ହାଜର ହୋଇଛଥିବା ଜଣାପଡିଛି। ଅଭୟକାନ୍ତଙ୍କ ପୁଅ ଆକାଶ ପାଠକଙ୍କୁ ଇଡି ଜେରା କରିଥିଲା । ଆକାଶଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଅଭୟଙ୍କୁ ଡକାଯାଇଥିବା କୁହାଯାଉଛି । ୯.୩ କୋଟି ଟଙ୍କାର ଆୟ ବହିର୍ଭୁତ ସଂପତି ଠୁଳ କରିଥିବା ଅଭିଯୋଗରେ ଗତବର୍ଷ ନଭେମ୍ବର ୨୭ ତାରିଖରେ ଅଭୟ ଓ ତାଙ୍କ ପୁଅ ଆକାଶ ପାଠକଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଥିଲା। ଗତ ଜୁନ୍ ମାସରେ ଅଭୟକାନ୍ତ ଜାମିନରେ ମୁକୁଳିଥିଲେ।

## ପ୍ରିୟମ୍ବଦା ମହାନ୍ତି ହେଜମାଦୀଙ୍କ ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଦୀଙ୍କ ପୁସ୍ତକ 'କାଉଂଟରସ୍ ଅଫ୍ ମାଇ ଲାଇଫ୍',ଗତ ସନ୍ଧ୍ୟା ରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହେଇଯାଇଛି । ଓଡିଶୀ ନୃତ୍ୟ, ସଙ୍ଗୀତ,ବିଜ୍ଞାନ, ଗବେଷଣ, ନାରୀ ସ୍ୱାଧୀନତା ତଥା ସମସାମୟିକ ଘଟଣା ବଳୀ ଉପରେ ପ୍ରଫେସର ହେଜମାଦୀଙ୍କ ଦ୍ୱାରା ବିଭିନ୍ନ ସମୟରେ ରଚିତ ନିବନ୍ଧ ଓ ସାକ୍ଷାତ କାର ଏହି ପୁସ୍ତକ ରେ ସନ୍ନିବେଶିତ ହୋଇଛି । ଭୁବନେଶ୍ୱରର ଶିକ୍ଷା ସନ୍ଧାନ ହେଉଛନ୍ତି ପୁସ୍ତକ ର ପ୍ରକାଶକ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀ ଙ୍କ ପ୍ରମୁଖ ପରାମର୍ଶଦାତା ଆର୍ ବାଲକ୍ରିଷନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଅସ୍ଥାୟୀ ପୌର କର୍ମଚାରୀଙ୍କୁ ଛଟେଇ କରି ବିବାଦ ଘେରରେ ନଗରପାଳ



ନୀଳଗିରି, ୨୫/୧୧ (ନି.ପ୍ର): ନୀଳଗିରି ବିଜ୍ଞାପିତ ପରିଷଦର ଜନୈକ ଅସ୍ଥାୟୀ କର୍ମଚାରୀଙ୍କୁ ବହିଷ୍କାର କରି ବିବାଦ ଘେରରେ ଛନ୍ଦି ହୋଇପଡ଼ିଛନ୍ତି ନଗରପାଳ ଓ ନିର୍ବାହୀ ଅଧିକାରୀ । ଅପରପକ୍ଷରେ ଅସ୍ଥାୟୀ କର୍ମଚାରୀଙ୍କୁ ନ୍ୟାୟ ଦେବା ପାଇଁ ଅଂଟା ଭିଡ଼ିଛି ପୌର କର୍ମଚାରୀ ସଂଘ । ସୂଚନାଅନୁଯାୟୀ ନୀଳଗିରି ଏନ.ଏ.ସି. ରେ ୪ ମହେନ୍ଦ୍ର ପୃଷ୍ଟି ଋକିରି କରିଥିଲେ । ୨୦୨୦ ମସିହାରେ କୋଭିଡରେ ଆକ୍ରାନ୍ତ ହୋଇ ମହେନ୍ଦ୍ର ପୃଷ୍ଟି ମୃତ୍ୟୁ ବରଣ କରିଥିଲେ । ତତ୍କାଳିନ ନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକଙ୍କ ସୁପାରିଶ କ୍ରମେ ବାଲେଶ୍ୱର ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀ ଙ୍କ ଚିଠି ନଂ. ୨୩୭୯, ତା.୨୪.୧୧.୨୦ରିଖରେ ସ୍ୱର୍ଗତ ମହେନ୍ଦ୍ର ପୃଷ୍ଟି ର ପୁଅ ରାଜ କୁମାର ପୃଷ୍ଟି ଙ୍କୁ ଅସ୍ଥାୟୀ କର୍ମଚାରୀ ଭାବରେ ନିଯୁକ୍ତି ଦେଇଥିଲେ। ଉକ୍ତ ଦିବସ ଠାରୁ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ଶ୍ରୀ ରାଜ କାର୍ଯ୍ୟ କରି ଆସୁଥିଲେ । ମାତ୍ର ବିଡ଼ମ୍ବନାର ବିଷୟ ରାଜୟକୁମାରଙ୍କୁ କୌଣସି କାରଣ ଦର୍ଶାଅ ନୋଟିସ ନ ଦେଇ ନଗରପାଳ ଦାୟିତ୍ୱରେ ଥିବା ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ଓ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ଅଶେଷ ନାୟକ, କନିଷ୍ଠ ଯନ୍ତ୍ରୀ ଦୀପିକା ସାହୁ ଗତ ୧୬.୧୧.୨୧ରିଖରେ କାଉନସିଲ ବୈଠକ ଡକାଇଥିଲେ। ଉକ୍ତ ବୈଠକରେ ଅସ୍ଥାୟୀ କର୍ମଚାରୀ ରାଜକୁମାର ପୃଷ୍ଟିଙ୍କ ନାମରେ ଉଦ୍ଦେଶ୍ୟ ମୂଳକ ଭାବେ ସଠିକ୍ ସମୟରେ ଅଫିସ ନ ଆସିବା, କାର୍ଯ୍ୟରେ ଅବହେଳା କରିବା, ଉଚ୍ଚଶିକ୍ଷା ନେବାରେ ବାଧା ଉପୁଜିଥିବା ଏକ ରିଜୋଲ୍ୟୁସନ କରିଥିଲେ । ଉକ୍ତ ରିଜୋଲିସନକୁ ଆୟୁଧ କରି ନଗରପାଳ ଓ ନିର୍ବାହୀ ଅଧିକାରୀ ୨୨/୧୧/୨୧ରିଖ ଚିଠି ନଂ. ୨୨୨୫ରେ ଆଉଟସୋସିଂ ଦାୟିତ୍ୱରେ ଥିବା ଏସ.ଏସ. ଭିଜନ ସିକ୍ୟୁରିଟି ପ୍ରା.ଲି. ବାଲେଶ୍ୱରଙ୍କୁ ରାଜକୁମାର ଙ୍କୁ ବହିଷ୍କାର ପାଇଁ ସୁପାରଶ କରିଥିଲେ। ଏହାପରେ ଉକ୍ତ କମ୍ପାନୀ ଶ୍ରୀ ରାଜକୁ କାର୍ଯ୍ୟରୁ ବହିଷ୍କାର କରିଛି। ଏହି ଖବର ପାଇବା ପରେ ରାଜକୁମାର ଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ନ୍ୟାୟ ପାଇଁ ରାଜକୁମାର ନଗରପାଳ, ନିର୍ବାହୀ ଅଧିକାରୀଙ୍କୁ ପୁନଃବଚାର ପାଇଁ ଜଣାଇବା ସହିତ ପୌର କର୍ମଚାରୀ ସଂଘକୁ ଲିଖିତ ଭାବେ ଜଣାଇଥିଲେ । ସଂଘ ପକ୍ଷରୁ ସଂପାଦକ ମନୋଜ କୁମାର ଦାସ, ବିଜୟ ଦାସ, ଶିବାଜୀ ଦେ, ହିମାଂଶୁ ବାରିକ, ଭୂପେନ ଦାଶ, ସୁବ୍ରତ ଶେଖର ସାହୁ, ସୁବ୍ରତ ବେହେରା, ଅନନ୍ତ ସେଠୀ, ଦେବେନ୍ଦ୍ର ଦାସବାବୁ, ଉପେନ୍ଦ୍ର ଦାସ, ସୁଚିସ୍ମିତା ନାୟକ, ଜୟସ୍ମିତା ନାୟକ, ପ୍ରିୟଙ୍କା ନାୟକ, ପ୍ରମୁଖ କର୍ମଚାରୀ ମାନେ ରାଜକୁମାରଙ୍କୁ ପୁନଃ ନିଯୁକ୍ତି ପାଇଁ ନିବେଦନ କରିଛନ୍ତି । ନ ହେଲେ ଗଣତାନ୍ତ୍ରିକ ପଦ୍ଧତିରେ ବିରୋଧ କରାଯିବ ବୋଲି ସୂଚନା ଦେଇଛନ୍ତି । ଏ ନେଇ ନଗରପାଳ ଦାୟିତ୍ୱରେ ଥିବା ନୀଳଗିରି ଉପଜିଲ୍ଲାପାଳ କର୍ମଚାରୀଙ୍କ ବିରୋଧରେ ନିତୀନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପ୍ରକାଶ କରିଛନ୍ତି ।

# ୧୨ ଦଫା ଦାବି ନେଇ ଆଶା କର୍ମୀଙ୍କ ସ୍ମାରକ ପତ୍ର




ଖଇରା, ୨୫/୧୧ (ନି.ପ୍ର): ଖଇରା ବ୍ଲକ ଆଶାକର୍ମୀ ସଂଘ ତରଫରୁ ୧୨ ଦଫା ଦାବୀ ପୁରଣ ପାଇଁ ଭାରତୀୟ ମଜଦୁର ସଂଘ ତରଫରୁ ଶୋଭାଯାତ୍ରା ଆୟୋଜନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି । ଗୁରୁବାର ପୂର୍ବାହ୍ନ ଶତାଧିକ ଆଶା କର୍ମୀଙ୍କ ଏକ ଶୋଭା ଯାତ୍ରା ରାଜ୍ୟ ଉପସଭାପତି କୁମମଣୀ ଦେଇଙ୍କ ନେତୃତ୍ୱରେ ନଟାପଟା ଛକରୁ ବାହାରି ଖଇରା ବ୍ଲକ ପରିସରରେ ପହଞ୍ଚି ଥିଲା । ସ୍କିମ ପ୍ରଥା ଉଚ୍ଛେଦ କରି ସରକାରୀ ମାନ୍ୟତା ପ୍ରଦାନ,ସର୍ବନିମ୍ନ ସରକାରୀ ମଜୁରୀ ପ୍ରଦାନ,ଆଶା କର୍ମୀଙ୍କ ପରିବାରକୁ ସାମାଜିକ ସୁରକ୍ଷା,୫ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ବିମା, ଇପିଏଫ ଓ ଇଏସଆଇ ଲାଗୁ କରାଯିବା, ସମସ୍ତ ଆଶା କର୍ମୀଙ୍କୁ ମୋବାଇଲ ପ୍ରଦାନ, ବରିଷ୍ଠତା ଭିତ୍ତିରେ ପଦୋନ୍ନତି କରାଯିବା ଦାବୀ ନେଇ ସ୍ଲୋଗାନ ଦିଆଯାଇଥିଲା । ପରେ ସଭାପତି କନକଲତା ଜେନାଓ ସମ୍ପାଦିକା ସନ୍ଧ୍ୟାରାଣି ସାହୁଙ୍କ ନେତୃତ୍ୱରେ ଏକ ଟିମ ବିଡିଓଙ୍କ ଅନୁପସ୍ଥିତିରେ ହିସାବ ରକ୍ଷକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ ।

## ଗୋରୁମହିଷାଣୀ ଠାରେ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

ରାଇରଙ୍ଗପୁର, ୨୫/୧୧ (ନି.ପ୍ର): ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଅଧିନସ୍ଥ ଭୁବନେଶ୍ୱର ଶ୍ରମିକ କଲ୍ୟାଣ କମିଶନରଙ୍କ ପକ୍ଷରୁ ଗୋରୁମହିଷାଣୀ ଠାରେ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।ଆୟୋଜିତ ଏହି ଶିବିରକୁ କମିଶନର ଉମେଶ ଚନ୍ଦ୍ର ମିଶ୍ର ଫିତା କାଟି ଉଦ୍ଘାଟନ କରିଥିଲେ । ଏହି ଅବସରରେ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ମନୋଜ ଦାସ ଯୋଗ ଦେଇ ଶ୍ରମିକ ମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଇ-ଶ୍ରମ ପୋର୍ଟାଲ ଓ ବିଭିନ୍ନ କଲ୍ୟାଣ ମୂଳକ ଯୋଜନା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଡ଼.ଏସ.ଏସ. ମୁକାରମ, ଡ଼.ଏସ.ଏ. ଅଲ୍ଲୀ , ଡ଼. ଭି.କେ. ରେଡି ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ପାରା ମେଡିକାଲ କର୍ମଚାରୀ ଏସ .କେ.ମିଶ୍ର, ବି.ବି. ମୁଣ୍ଡା, ସୁମନ୍ତ ଦାସ, ମଧୁସ୍ମିତା ସିଂ ପ୍ରମୁଖ ଶିବିରରେ ସହାୟତା କରିଥିଲେ। ସମସ୍ତଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା। ଏହି ଅବସରରେ ଶ୍ରୀ ଜଗଦୀଶ ମିଶ୍ର ଉପସ୍ଥିତ ରହି ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଖଣି ପରିଚାଳକ ବିକାଶ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ପରିଚାଳନାରେ ଗୋରୁମହିଷାଣି ଲୁହାଖଣିର କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

# ଗୋଟିଏ ଦିନରେ ୩୩୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୩୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୮୦୦୯ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୪୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୭ ହଜାର ୧୫୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୪୦୩ ରହିଛି । ଆଜି ଚିହ୍ନଟ ହୋଇଥିବା ୩୩୫ ଜଣଙ୍କ ମଧ୍ୟରୁ ୧୯୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୪୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳରୁ ୧ ଓ ବାଲେଶ୍ୱର ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୩ ଜଣ, ଭଦ୍ରକ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବୌଦ୍ଧ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୨୧ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଓ ଗଂଜାମ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୬ ଜଣ, ଯାଜପୁରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଖୋର୍ଦ୍ଧା ଏସ୍ପି ଦୋରାବାବୁଙ୍କ ଦ୍ୱାରା ନିଶା ବେପାର ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ



ଖୋର୍ଦ୍ଧା,୨୫/୧୧ (ନି.ପ୍ର): ଖୋର୍ଦ୍ଧା ଆଦର୍ଶ ଥାନା ଠାରେ ଖୋର୍ଦ୍ଧା ଏସ୍ପି ଦୋରାବାବୁଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଥିଲା। ଉକ୍ତ ସଭାରେ ଖୋର୍ଦ୍ଧା ଦକ୍ଷ ଏସ୍ଡିପିଓ ଓ ବାଲୁଗାଁ ଏସ୍ଡିପିଓ ଆଦର୍ଶ ଥାନା ଅଧିକାରୀ ଶ୍ରୀ ସଞ୍ଜୟ ପଟନାୟକ ଖୋର୍ଦ୍ଧା ଜିଲ୍ଲା କିଛି ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଖୋର୍ଦ୍ଧା ପୋଲିସ ଜିଲ୍ଲାର ସବୁ ସାମ୍ବାଦିକ ପ୍ରିଣ୍ଟ ଓ ବୈଦୁ ଦିକ ମିଡ଼ିଆ ଯୋଗ ଦେଇ ଥିଲେ। ଖୋର୍ଦ୍ଧା SP ତାଙ୍କ ଭାଷଣ କହିଥିଲେ ଯେ ଚୋରା ନିଶା ବେପାର ଗଞ୍ଜା, ବ୍ରାଉନସୁଗାର ବ୍ୟବସାୟ କରି କିପରି ଏହି ନିଶା ବେପାରୀ କୋଟି ପତି ବନି ଯାଇଛନ୍ତି, ତାର ଏକ ପ୍ରମାଣ ଉପସ୍ଥାପନ କରିଥିଲେ। ଖୋର୍ଦ୍ଧା ଅଞ୍ଚଳ ଥିବା ଗଞ୍ଜେଇ ବ୍ରାଉନସୁଗାର ମାଫିଆ ମାନଙ୍କୁ ଏହି ବେଆଇନ୍ ବେବସାୟ ରୁ ନିରୁତ୍ସାହିତ କରିବା ପାଇଁ କେନ୍ଦ୍ରାଞ୍ଚଳ ଆଇ, ଜି (ଓଡ଼ିଶାପୋଲିସ) ଏକ ନିର୍ଦ୍ଦେଶ କ୍ରମେ ଏସ,ପି, ଖୋର୍ଦ୍ଧା ଆଦର୍ଶ ଥାନା ତଦନ୍ତ ନମ୍ବର ୦୧/ ୨୧( ଯାହା ଖୋର୍ଦ୍ଧା ଆଦର୍ଶ ଥାନା କେସ ନମ୍ବର ୩୪୫/୧୯ ଦଫା ୨୦(ଖ)୨୯ NDPS ଆଇନ ସହିତ ସମ୍ପର୍କିତ) ର ତଦନ୍ତ ଭାର ଥାନା ଆଇ ଆଇ ସି ଉପରେ ନେସ୍ତ କରିଥିଲେ। ପରେ ତଦନ୍ତ କାମ ସୁଚାରୁପେ ତ୍ୱରାନିତ କରିପାଇଁ ଖୋର୍ଦ୍ଧା ଏସ ପି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ ଟି ପୃଥକ ଟିମ ତଦନ୍ତ କାର୍ଯ୍ୟ ରେ ସାହାଯ୍ୟ କରିଥିଲେ। ଯାହା ସ୍ୱରୂପ ଖୋର୍ଦ୍ଧା ସହର ସମନ୍ତରପୁର ଶାଗୁଆନ ବଗିଚା ଅଞ୍ଚଳ ର ଅଭିଯୁକ୍ତ ପାକୁଅସୋମନାଥ ଭୁଜବଳ, ତାଙ୍କ ପରିବାର ସମ୍ପର୍କୀୟ ସହଯୋଗୀ ମାନେ ଆନୁମାନିକ ୨ କୋଟି ୩୪ ଲକ୍ଷରୁ ଅଧିକ ମୂଲ୍ୟର ଆୟ ବହିର୍ଭୁତ ତଥା ବେଆଇନ ବେବସାୟେ ରୁ ଲାଭବାନ ହେଇଛନ୍ତି ବା ଏହି ବେଆଇନ ଲାଭକୁ ବିନିଯୋଗ କରି ଅନ୍ୟ ସମ୍ପତ୍ତି ଉପାର୍ଜନ କରିଛନ୍ତି । ସେ ସମ୍ପତ୍ତିକୁ ଚିହ୍ନଟ କରାଯାଇ ବାଜ୍ୟାପ୍ତ କରିବା ନିମନ୍ତେ କୋଲକାତା ସ୍ଥିତ ସକ୍ଷମ ପ୍ରାଧିକାରି (competant nauthority)ଙ୍କ ଉପସ୍ଥାନ କରାଯିବ। ଏହା ବ୍ୟତୀତ ତଦନ୍ତରୁ ଜଣାଯାଇଛି ଅଭିଯୁକ୍ତ ପାକୁଅସୋମନାଥ ଭୁଜବଳ ବେଆଇନ ବ୍ରାଉନ ସୁଗାର କାରବାର ରୁ ସମ୍ପତ୍ତି ଆୟ କରି ଅନେକ ଗାଡ଼ି, ଦୁଇ ମହଲା କୋଠା ଅନ୍ୟାନ୍ୟ ସମ୍ପତି ରେ ନିବେଶ କରିଛନ୍ତି। ଏହି ସମ୍ପତ୍ତି ବେଆଇନ ଏହାକୁ ବାଜ୍ୟାପ୍ତି ଯୋଗ୍ୟ। ଏହି ଚିହ୍ନଟ ସମ୍ପତ୍ତି ବିବରଣୀ ଦିଆଗଲା।(ଖୋର୍ଦ୍ଧା ଆଦର୍ଶ ଥାନା ଚିଠି କ୍ରମାଙ୍କ ୪୧୨୫/ ୨୪.୧୧.୦୨୧) ଏହି ସମ୍ପତ୍ତି ଉପରେ ଅଭିଯୁକ୍ତ ଙ୍କ ପରିବାର ବିକୀ ଭଙ୍ଗୀ ପାରିବେ ନାହିଁ। ଅନ୍ୟତ୍ର ସ୍ଥାନ୍ତରିତ କରି ପାରିବେ ନାହିଁ। ତଳଲିଖିତ ସମ୍ପତ୍ତି ଓ ମୂଲ୍ୟ( ଆନୁମାନିକ) ୧- କୋଠା ଘର, ଏକ କୋଟି ୧୦ ଲକ୍ଷ ୨- ଗହଣା ୧୩ ଲକ୍ଷ ୫୦ ହଜାର ୩- ବ୍ୟାଙ୍କ୍ ଜମା ରାସି ୭୯ ହଜାର ୬୦୦, ୪- ନଗଦ ଟଙ୍କା ୩ ଲକ୍ଷ ୪୫ ହଜାର, ୫- ଦାମୀ କୁକୁର ,୫୦ ହଜାର, ୬- ଦୋକାନ୨୪ ଲକ୍ଷ ୫୦ ହଜାର, ୭- ମୋଟ ଗାଡ଼ି ୧୧ ଟି । ଖୋର୍ଦ୍ଧା ଏବର ପୋଲିସ ଅଧିକାରୀଙ୍କୁ ଖୋର୍ଦ୍ଧା ବାସୀ ନିର୍ଭର କରୁଛନ୍ତି। ଏହାଙ୍କ ଉଦ୍ୟମ ୫ ଉଚଙ୍ଗ ପ୨ ଖୋର୍ଦ୍ଧା, ବାଲୁଗାଁ, ଓ ଆଦର୍ଶ ଥାନା ସଞ୍ଜୟ ପଟ୍ଟନାୟକ ଅବଦାନ ବେଶୀ। ତାଙ୍କୁ ଅନୁରୋଧ ଖୋର୍ଦ୍ଧା ଜନସାଧାରଣ କରୁଛନ୍ତି ଖୋର୍ଦ୍ଧା ପୋଲିସ ଜିଲ୍ଲାରୁ ନିଶା ବେବାର ଓ କ୍ରିମିନାଲ ଙ୍କୁ ଧରି ଉପଯୁକ୍ତ ଶାସ୍ତି ଦେବାକୁ ସାମ୍ବାଦିକ ମାନେ ଖୋର୍ଦ୍ଧା ଏସପି ଙ୍କୁ ଅନୁରୋଧ କରି କହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସାଂସଦ ଅପରାଜିତା ଷଡଙ୍ଗୀଙ୍କ....

ମାମଲା ରୁଜୁ କରଛି। ଅଭିଯୋଗରେ ଶ୍ରୀ ବାରିକ୍ ଦର୍ଶାଇଛନ୍ତି ଯେ, ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଗାଡି ଉପରକୁ ଅଣ୍ଡାମାଡ କରିଛନ୍ତି ଛାତ୍ର କଂଗ୍ରେସ କର୍ମୀ । ଅଣ୍ଡା ସହ ପଥର ମାଡ ହୋଇଥିବା ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ ମୋଦି ସରକାର ଛାତ୍ର ଓ ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି। ବର୍ଷକୁ ୨କୋଟି ନିଯୁକ୍ତି ଦେବେ ବୋଲି କହି ଭୋଟ ଲୁଟିନେଲେ। ୭ ବର୍ଷରେ ୧୪ କୋଟି ନିଯୁକ୍ତି ଦେବା କଥା, ମାତ୍ର ସେହି ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସର ଦର ଆକାଶଛୁଆଁ। ଏପରିକି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ମଧ୍ୟମବର୍ଗର ଲୋକ ମଧ କିଣିବାପାଇଁ କଷ୍ଟ ଅନୁଭବ କଲେଣି। ଏଣୁ ସାଂସଦ ଅପରାଜିତାଙ୍କୁ ଆଜି ବାଲିପାଟଣା ଛକଠାରେ ଯେଉଁ ପ୍ରତିବାଦ ପ୍ରଦର୍ଶନ ହୋଇଛି ତାହା ମୋଦି ସରକାରଙ୍କର ବେରୋଜଗାର ଓ ଦରଦାମ ବୃଦ୍ଧି ତଥା ଚାଷୀ ହତ୍ୟା ପ୍ରସଙ୍ଗରେ। କେନ୍ଦ୍ରର ଏନଡିଏ ସରକାର ବିରୋଧରେ ପ୍ରଦେଶ ଛାତ୍ର କଂଗ୍ରେସ ରାଜ୍ୟସାରା ତାର ପ୍ରତିବାଦ ଜାରି ରଖିବ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ନୱାଜ କହିଛନ୍ତି।

## କେନ୍ଦ୍ର ବେସାମରିକ ବିମାନ ଚଳାଚଳ....

ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ପୂର୍ବୋଦୟ ଯୋଜନାରେ ପୂର୍ବ ଭାରତରେ ଓଡିଶା ବିକାଶର ପେଣ୍ଠସ୍ଥଳୀ ଭାବରେ ଆଗକୁ ବଢୁଛି । କେନ୍ଦ୍ର ରାଜଧାନୀ ଭୁବନେଶ୍ୱର ସହ ସିଧାସିଧା ଅନ୍ତରାଷ୍ଟ୍ରୀୟ ବିମାନ ଯୋଗାଯୋଗ ପୂର୍ବ ଭାରତର ବିକାଶର ସମ୍ଭାବନାକୁ ଆହୁରି ଶକ୍ତିଶାଳୀ କରିବ । ଦୁଇ ସହର ମଧ୍ୟରେ ବିମାନ ଚଳାଚଳ ହେବା ଦ୍ୱାରା କଳାତ୍ମକ, ହସ୍ତତନ୍ତ ଓ କୃଷି ଆଧାରିତ ସାମଗ୍ରୀ ବ୍ୟବସାୟ ଦ୍ୱାରା ରାଜ୍ୟର ଅର୍ଥନୀତି ଗତିଶୀଳ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଏସିଆର ସବୁଠୁ ବଡ ଏୟାରପୋର୍ଟର....

୨୦୨୪ ସୁଦ୍ଧା ଏହାର କାମ ସମ୍ପୂର୍ଣ୍ଣ ହେବ । ଏହି ବିମାନବନ୍ଦରର ନିର୍ମାଣ କାମ ସରିବା ପରେ ଦିଲ୍ଲୀ-ଏନସିଆର ଅଂଚଳରେ ରହୁଥିବା ଲୋକମାନେ ବେଶ ଉପକୃତ ହୋଇପାରିବେ । ତା ସହିତ ଦିଲ୍ଲୀରେ ଥିବା ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ଉପରୁ ମଧ ଚାପ ବେଶ କମିଯିବ । ଖାଲି ସେତିକି ନୁହେଁ, ଜେୱର ଏୟାରପୋର୍ଟ ୟୁପିର ବିକାଶରେ ମଧ ସହାୟକ ହେବ । ଏହାଦ୍ୱାରା ଅନେକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବାକୁ ଥିବାବେଳେ, ନିବେଶ ମଧ ବୃଦ୍ଧି ପାଇବ । ଦେଶରେ ଏବେ ସର୍ବବୃହତ ଅନ୍ତର୍ଜାତୀୟ ବିମାନବନ୍ଦର ଭାବେ ଦିଲ୍ଲୀରେ କାର୍ଯ୍ୟକ୍ଷମ ଅଛି ଇନ୍ଦିରାଗାନ୍ଧୀ ଇଂଟରନ୍ୟାସନାଲ ଏୟାରପୋର୍ଟ । ସେଠାରେ କେବଳ ୩ଟି ରନୱେ ରହିଛି । ଏବେ ନୋଏଡାରେ ଏହି ବିଶାଳ ଏୟାରପୋର୍ଟ ନିର୍ମାଣ ହେଲେ ଏହା ଦେଶର ତଥା ଏସିଆର ସବୁଠୁ ବଡ ଏୟାରପୋର୍ଟ ହେବ ।

## ୩୦ ସୁଦ୍ଧା ଗ୍ୟାସ୍ ଦର....

ଏହି ପରିପ୍ରେକ୍ଷୀରେ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ବ୍ୟାପକ ଆନ୍ଦୋଳନର ଡାକରା ଦିଆଯାଇଥିଲା । ଚଳିତ ମାସ ୨୨, ୨୩, ୨୪ ଗତ ୩ ଦିନ ଧରି ଦଳ ପକ୍ଷରୁ ରାଜ୍ୟ ସାରା ଯେଉଁଭଳି ଭାବେ ମହିଳା, ଯୁବକ, ଛାତ୍ର ଓ ସାଧାରଣ ଜନତାଙ୍କ ପକ୍ଷରୁ ଏହି ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିଛି, ତାହା ଅଭୂତପୂର୍ବ । ଏଥିପାଇଁ ଆମେ ରାଜ୍ୟବାସୀଙ୍କୁ ପୁଣିଥରେ ଧନ୍ୟବାଦ ଜଣାଉଛୁ । ଏଥି ସହିତ କେନ୍ଦ୍ର ସରକାରକୁ ପୁଣିଥରେ ଚେତାବନୀ ଦେଉଛୁ କି ଯଦି ସରକାର ଆଗାମୀ ୩୦ ତାରିଖ ଭିତରେ ଗ୍ୟାସ୍ ଦର କମାଇବାକୁ ପଦକ୍ଷେପ ନ ନିଅନ୍ତି, ତେବେ ବିଜୁ ଜନତା ଦଳ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ।

## କରୋନା ଲକ୍ଷଣ ବଦଳାଉଥିବା....

ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସଜାଗ ରହିଛନ୍ତି। ସେ କହିଛନ୍ତି ଯେ ହଷ୍ଟେଲରେ ପିଲାମାନେ ଏକାଠି ହୋଇ ରହୁଥିବା କାରଣରୁ କିଛି ଛାତ୍ରଛାତ୍ରୀ ସଂକ୍ରମିତ ହୋଇଛନ୍ତି। ଏଥିପାଇଁ ହଷ୍ଟେଲରେ ସ୍ୱତନ୍ତ୍ର ଭାବରେ ସର୍ଭିଲାନ୍ସ କରାଯାଇଛି। ୪ରୁ ୫ ଦିନ ମଧରେ ସଂକ୍ରମଣ ଆୟତ୍ତକୁ ଆସିବ। ସେ ଉଦବେଗ ପ୍ରକାଶ କରି କହିଛନ୍ତି ଯେ ବର୍ତମାନ ବାହାରେ କୋଭିଡ ପ୍ରୋଟୋକାଲ ଲୋକମାନେ ମାନୁନାହାନ୍ତି। ଏହା ଆଗାମୀ ଦିନରେ ବଡ଼ ବିପଦ ସୃଷ୍ଟି କରିପାରେ। ତେଣୁ ଜନସାଧାରଣ ସଚେତନ ହେବାର ଆବଶ୍ୟକତା ରହିଛି। ଆବଶ୍ୟକତାଠାରୁ ଅଧିକ ଘରୁ ନ ବାହାରିବାକୁ ସେ ପରାମର୍ଶ ଦେଇଛନ୍ତି।

## ବିଶ୍ୱକଲ୍ୟାଣ ସଂସ୍ଥାନର ଦ୍ୱିତୀୟ....

ଅଶେଷ କଲ୍ୟାଣ ସାଧିତ ହୋଇପାରିବ ସେ ବାବଦରେ ମତବ୍ୟକ୍ତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଓଁରେ ଆରମ୍ଭ ହୋଇ ଓଁରେ ଶେଷ ହୋଇଥିଲା । ଅତିଥିମାନେ ଏହି କାର୍ଯ୍ୟକ୍ରମ ପାଇଁ ସଂସ୍ଥାନର ପ୍ରତିଷ୍ଠାତା ଇଂ. ଜଗଦୀଶ ମିଶ୍ରଙ୍କ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଶ୍ୱ କଲ୍ୟାଣ ସଂସ୍ଥାନର ନୂଆ ଭଜନ ଅଡିଓ ସିଡି ଉନ୍ମୋଚିତ ହେବା ସହ ବିଶ୍ୱ କଲ୍ୟାଣ ସଂସ୍ଥାନର ଲୋଗ ଉନ୍ମୋଚିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅମରେଶ ମିଶ୍ର, ହୃଷିକେଶ ମିଶ୍ର, ମୂରଲୀଧର ଦାସ, ବାବାଜୀ ବିଶ୍ୱାଳ, ଗଙ୍ଗାଧର ନାୟକ, ସତ୍ୟାନନ୍ଦ ବିଶ୍ୱାଳ, ଆଲୋକ ପଣ୍ଡା, ବିଜୟଲକ୍ଷ୍ମୀ ପ୍ରଧାନ, ଗୀତାଞ୍ଜଳି ମାଇତି ପ୍ରମୁଖ ସହଯୋଗ କରିଥିଲେ ।

# ଚୋରା ବାଲି ଟ୍ରକ ଧରିବାକୁ ଯାଇ ତହସିଲଦାର ଆହତ : ଅଳ୍ପକେ ବର୍ତ୍ତିଲେ କର୍ମଚାରୀ

ଜଳେଶ୍ୱର, ୨୫/୧୧(ନିପ୍ର): ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସୌରାତରୁ ରାତିରେ ଚୋରାରେ ବାଲି ପଶ୍ଚିମବଂଗକୁ ଚାଲାଣ ହେଉଥିବା ଜାଣି ଆଜି ଭୋର ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକ ଚଢାଉ ଲାଗି ଘଟଣାସ୍ଥଳକୁ ଯାଉଥିଲେ । କିନ୍ତୁ ଏକ ଚଳନ୍ତା ଟ୍ରାକ୍ଟର ଗଡିଆସି ତହସିଲଦାରଙ୍କ ଗାଡିକୁ ଧକ୍କା ଦେବାରୁ ଏହା ପୂର୍ବ କଳ୍ପିତ ବୋଲି ସାଧାରଣରେ ଆଲୋଚନା ହେଉଛି । ଏଥିରେ ରାଜସ୍ୱ ବିଭାଗର କର୍ମଚାରୀ ମାନେ ଅଳ୍ପକେ ବର୍ତ୍ତିଛନ୍ତି । ଜଳେଶ୍ୱରର ତହସିଲ ଅଧିନ ସୁବର୍ଣ୍ଣରେଖାର ୨୩ଟି ବାଲି ସୈରାତ ରହିଛି । ଏଥିରୁ ବହୁ ସୈରାତ ନିଲାମ ହୋଇ ନାହିଁ । ଫଳରେ ବ୍ୟାପକ ବାଲି ଚୋରାରେ ଚାଲାଣ ହୋଇ ଆସୁଛି । ପ୍ରତିଦିନ ରାତିରେ ଏପରି ଚାଲାଣ ହୋଇ ଆସୁଥିବାର ଜଳେଶ୍ୱର ତହସିଲଦାରଙ୍କ ଠାରେ ଲିଖିତ ଅଭିଯୋଗ ହୋଇ ଆସୁଥିଲା । ତେଣୁ ସେ ଆଜି ନିଜ ଗାଡିରେ ସୁବର୍ଣ୍ଣରେଖା ନଦୀର ଶିଖରପୁରସ୍ଥିତ ସେତୁ ନିକଟରେ ପହଞ୍ଚିଥିଲେ । ତାଙ୍କ ଗାଡି ସେତୁ ଉପରକୁ ଉଠିବା ପୂର୍ବରୁ ଚୋରାବାଲି ଚାଲାଣ କରୁଥିବା ଟ୍ରାକ୍ଟର ଡ୍ରାଇଭର ମନରେ ଛନକ ପସିଥିଲା । ସେମାନେ ଚଳନ୍ତା ଗାଡିକୁ ଛାଡି ପଳାଇ ଯାଉଥିବା ବେଳେ ଗୋଟିଏ ଟ୍ରାକ୍ଟର ତହସିଲଦାରଙ୍କ ଗାଡି ଆଡକୁ ମାଡି ଆସିଥିଲା । ଲୋକେ ପାଟିତୁଣ୍ଡ କରିବାକୁ ତହସିଲଦାରଙ୍କ ଗାଡି ରାସ୍ତାକଡରେ ଅଟକିଥିଲେ ମଧ୍ୟ ଟ୍ରାକ୍ଟରଟି ଆସି ଧକ୍କା ଦେବାକୁ ତହସିଲଦାରଙ୍କ ଗାଡି ଭଂାଗିରୋଜି ଯାଇଛି । ଦୁର୍ଘଟଣାରୁ ତହସିଲଦାର ଶ୍ରୀ ମଲ୍ଲିକ, ନାମ୍ପୋ ଆର୍ଆଇ ଦିଲ୍ଲିପ ଚାନ୍ଦ ଓ ଅନ୍ୟ ୨ଜଣ କର୍ମଚାରୀ ଅଳ୍ପକେ ବର୍ତ୍ତିଛନ୍ତି । ଏପରି ଉଦ୍ଦେଶ୍ୟମୂଳକ ଦୁର୍ଘଟଣା ଭିଆଇଥିବା ବାଲିମାଫିଆଙ୍କ ସଂପର୍କରେ ଜଳେଶ୍ୱରରେ ଆଲୋଚନା ହେଉଛି । ଚୋରାବାଲି ରୋକିବାଲାଗି ସ୍ଥାନୀୟ କମକର୍ତ୍ତାଙ୍କୁ ବାଦ୍ଦେଇ ଜିଲାସ୍ତରୀୟ ଟାକ୍ଓଫୋର୍ସ ଗଠନ କରିବାକୁ ଦାବି ହେଉଛି । ପ୍ରକାଶଯୋଗ୍ୟ ତହସିଲଦାରଙ୍କ ଗାଡି ନଂ ଓଡି୦୧ୱାଇ୩୮୨୨ ହୋଇଥିବା ବେଳେ ଟ୍ରାକ୍ଟରର ନମ୍ବର ଓଡି୦୧ୱାଇ୩୯୧୬ ବୋଲି ଜଣାପଡିଛି ।

# ସାନ୍ତାଳୀ ଭାଷା ଏବଂ ଆଦିବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବହେଳାକୁ ବିରୋଧ

ବାରିପଦା, ୨୫/୧୧ (ନି.ପ୍ର): ଆଦିବାସୀଙ୍କ ପ୍ରତି ରାଜ୍ୟ ସରକାର କ୍ରମାଗତ ଅବହେଳା କରିଚାଲିଛନ୍ତି । ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଏଥିପ୍ରତି ଧ୍ୟାନ ଦେଉ ନଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୨୮ ତାରିଖରୁ ଜେଏମଏମ ଯୁବମୋର୍ଚ୍ଚା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଯୁବ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ବାରିପଦାରୁ ଭୁବନେଶ୍ୱର ରାଜଭବନ ଅଭିମୁଖେ ପଦଯାତ୍ରା କରି ରାଜ୍ୟପାଳଙ୍କୁ ୨ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଜଣା ଯାଇଛି। ପାଲବଣୀ ନିକଟସ୍ଥ ଗୋଲେଇ ଛକଠାରେ ଅବସ୍ଥିତ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତି ସମ୍ମୁଖରୁ ଏହି ପଦଯାତ୍ରା ଭୁବନେଶ୍ୱର ଅଭିମୁଖେ ଆରମ୍ଭ କରାଯିବ। ୨ଦଫା ଦାବି ମଧରେ ୨୦୦୩ ମସିହାରେ ସାନ୍ତାଳୀ ଭାଷାକୁ କେନ୍ଦ୍ର ସରକାର ସ୍ୱୀକୃତି ଦେବା ସହିତ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିଛନ୍ତି ଏବଂ ସେହିଦିନଠାରୁ ସମ୍ବିଧାନର ଧାରା ୩୪୭ ଅନୁସାରେ ସାନ୍ତାଳୀ ଭାଷା ସଂଖ୍ୟାଲଘୁ ଭାଷା ମାନ୍ୟତା ପାଇବାର ହକଦାର । ପଶ୍ଚିମବଙ୍ଗ ସରକାର ୨୦୧୨ ମସିହାରେ ସାନ୍ତାଳୀ ଭାଷାକୁ ପଶ୍ଚିମବଙ୍ଗରେ ସଂଖ୍ୟାଲଘୁ ଭାଷା ସହିତ ଅତିରିକ୍ତ ସରକାରୀ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି। କିନ୍ତୁ ଓଡ଼ିଶାରେ ସାନ୍ତାଳୀ ଭାଷାର ସ୍ୱୀକୃତି ବର୍ତମାନ ସୁଦ୍ଧା ମିଳିପାରିଲା ନାହିଁ। ଯଦିଓ ସାନ୍ତାଳୀ ଭାଷାଭାଷୀ ଲୋକଙ୍କ ସଂଖ୍ୟା ତୁଳନାରେ କମ ଥିବା ହିନ୍ଦୀ, ଉର୍ଦ୍ଦୁ, ତେଲଗୁ, ବଙ୍ଗଳା ଭାଷାଗୁଡିକୁ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ କରାଯାଇଛି । ଏଣୁ ତୁରନ୍ତ ସାନ୍ତାଳୀ ଭାଷାକୁ ମଧ ସଂଖ୍ୟାଲଘୁ ଭାଷା ମାନ୍ୟତା ପ୍ରଦାନ କରିବାକୁ ଦାବୀ କରାଯାଉଛି। ଦ୍ୱିତୀୟତଃ, ଆଦିବାସୀଙ୍କ ପାରମ୍ପାରିକ ବିଚାର ବ୍ୟବସ୍ଥା ମାଝୀ ପାରଗାନା, ମାନକି ମୁଣ୍ଡା, ପାହାଡି ପଧାନି ଆଦି ବ୍ୟବସ୍ଥାକୁ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ପାରମ୍ପାରିକ ମୁଖ୍ୟଙ୍କୁ ଭତା ଦେବାର ବ୍ୟବସ୍ଥା କରାଯିବା ଭଳି ଦାବିମାନ ଅନ୍ତର୍ଭୁକ୍ତ ରହିଥିବାର ଜେଏମଏମ ଜିଲ୍ଲା ଯୁବ ସଭାପତି ଅର୍ଜୁନ ମୁର୍ମୁ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ତୃଣମୂଳ ସ୍ତରରେ ସଂଗଠନ ସୁଦୃଢ଼ କରିବ କଂଗ୍ରେସ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ରାଜ୍ୟବ୍ୟାପି ପାଳନ କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି ଏବଂ ତୃଣମୂଳ ସ୍ତରରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାପାଇଁ ବ୍ୟାପକ ଖସଡ଼ା ପ୍ରଦେଶ କଂଗ୍ରେସ ପ୍ରସ୍ତୁତ କରିଛି ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ କହିଛନ୍ତି । ଶ୍ରୀ ବାବୁ କହିଛନ୍ତି ସ୍ୱାଧୀନତା ଦିବସର ୭୫ ବର୍ଷ ପୂର୍ତ୍ତି ପାଳନ ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇଛି । ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥ ମନ୍ତ୍ରୀ ପଂଚାନନ କାନୁନଗୋ ଅଧ୍ୟକ୍ଷ ଥିବା ବେଳେ ରାଜ୍ୟ ସେବାଦଳର ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କୁ ଆବାହକ ଭାବେ ଏବଂ ପଦ୍ମାକର ଗୁରୁ, ରବିନ୍ଦ୍ରନାଥ କର, ବଟକୃଷ୍ଣ ତ୍ରିପାଠୀ, ନରେନ୍ଦ୍ର ମିଶ୍ର, ୟାସିର ନୱାଜ, ବନ୍ଦିତା ପରିଡ଼ା, ଗିରିବାଳା ବେହେରା ଓ ଅମୀୟ ପାଣ୍ଡବ ସଭ୍ୟ ଭାବରେ ରହିଛନ୍ତି । ସେହିପରି ବାଙ୍ଗଲାଦେଶ ମୁକ୍ତି ଯୁଦ୍ଧ ସ୍ମରଣୀୟ ସ୍ୱର୍ଣ୍ଣଜୟନ୍ତୀ ଆସନ୍ତା ଡିସେମ୍ବର ୭ ତାରିଖ ଦିନ ପାଳନ କରିବାପାଇଁ ମଧ୍ୟ ଏକ କମିଟି ଗଠନ କରାଯାଇଛି । ଉକ୍ତ କମିଟିରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ଅଧ୍ୟକ୍ଷ ଥିବାବେଳେ ପିସିସି ମୁଖପାତ୍ର ପଦ୍ମାକର ଗୁରୁଙ୍କୁ ସଂଯୋଜକ ଭାବେ ଏବଂ ସସ୍ମିତା ବେହେର, ଅଶୋକ କୁମାର ଦାସ, ଅମିୟ କୁମାର ପାଣ୍ଡବ, ରଞ୍ଜିତ କୁମାର ଦାସ, ମମତା କୁଣ୍ଡୁ, ସତ୍ୟବ୍ରତ ନାୟକ ଓ ନିମାଇ ସରକାରଙ୍କୁ ସଭ୍ୟ ଭାବେ ରହିଛନ୍ତି । ଚଳିତ ମାସ ୧ ତାରିଖ ଠାରୁ ୨୦୨୨ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ ନିରନ୍ତର ଚାଲୁ ରହିବ । ଏହି ସଭ୍ୟସଂଗ୍ରହ ଅଭିଯାନରେ ରାଜ୍ୟରେ ଅନୁନ୍ୟ ୧୦ ଲକ୍ଷ ନୂତନ ସଭ୍ୟ ସଂଗ୍ରହ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛ । ମାର୍ଚ୍ଚ ୩୧ ୨୦୨୨ ସୁଦ୍ଧା ସଭ୍ୟଭୁକ୍ତ ହୋଇଥିବା ସଭ୍ୟ କଂଗ୍ରେସର ଦଳୀୟ ନିର୍ବାଚନରେ ଭାଗ ନେଇପାରିବେ ।

# ଷ୍ଟେସନ୍‌ରୁ ୩ ନାବାଳିକା ଉଦ୍ଧାର

ପୁରୀ,୨୫/୧୧ (ନି.ପ୍ର): ଅପରାଧ ନିୟନ୍ତ୍ରଣ ଲାଗି କାର୍ଯ୍ୟରତ ଆରପିଏଫ କର୍ମଚାରୀ ମାନେ ଆଜି ଷ୍ଟେସନ୍ ପ୍ଲାଟ ଫର୍ମରୁ ୩ଜଣ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି । ନାବାଳିକାମାନଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଜଟଣୀଥାନା ଅଞ୍ଚଳରେ । ଉଦ୍ଧାର ନାବାଳିକାମାନଙ୍କୁ ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କରାଯାଇଛି । ଅପରାଧ ନିୟନ୍ତ୍ରଣ ଲାଗି ଗୀତା ସେଠୀ ଓ ଅନ୍ୟ କାର୍ଯ୍ୟରତ ଆରପିଏଫ୍ କର୍ମଚାରୀମାନେ ଆଜି ଯାତ୍ରୀନିବାସ ନିକଟରେ ୩ଜଣ ନାବାଳିକା ବସିଥିବା ଦେଖିଥିଲେ । ସମ୍ପୃକ୍ତ ନାବାଳିକା ମାନଙ୍କ ନିକଟରେ କୌଣସି ବୟସ୍କ ବକ୍ତିଥିବା ସେମାନେ ଲକ୍ଷ୍ୟ କରିଥିଲେ । ପଚରାଉଚରା କରିବାରେ ସେମାନଙ୍କ ଘର ଜଟଣୀଥାନା ଅଞ୍ଚଳରେ ବୋଲି ଜଣାଯାଇଥିଲା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହିତ ସମୁଦ୍ର ବେଳାଭୂମୀରେ ବୁଲାବୁଲି କରିବା ଲକ୍ଷ୍ୟରେ ସେମାନେ ଆଜି ସକାଳୁ ଟ୍ରେନ୍ ଯୋଗେ ପୁରୀ ଆସିଥିବା ପ୍ରକାଶ କରିଥିଲେ । ବୁଲବୁଲି ପରେ ସେମାନେ ପୁରୀରେଥିବା ସମ୍ପର୍କୀୟଙ୍କୁ ଭେଟିଥାନ୍ତେ ବୋଲି କହିଥିଲେ । ତେବେ ପୁରୀ ସମ୍ପର୍କିୟଙ୍କ ଠିକଣା ସେମାନେ କହିପାରିନଥିଲେ । ନିୟମ ଅନୁଯାୟୀ ସମ୍ପୃକ୍ତ ନାବାଳିକାମାନଙ୍କୁ ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କରାଯାଇଥିବା ଆରପିଏଫ୍ ଇନ୍ସପେକ୍ଟର ଅନୀଲ କୁମାର ସିଂ କହିଛନ୍ତି ।

# ଅବସରପ୍ରାପ୍ତ ପୋଲିସ୍ କର୍ମଚାରୀଙ୍କ ଠାରୁ ଦୁର୍ବୃତ୍ତ ଲୁଟିନେଲେ ୫୦ହଜାର ଟଙ୍କା

ଜଳେଶ୍ୱର, ୨୫/୧୧(ନିପ୍ର): ଦିବାଲୋକରେ ବାଇକ୍‌ଡିକି ଭାଂଗି ୫୦ହଜାର ଟଙ୍କା ଦୃବୃତ୍ତମାନେ ଲୁଟି ନେବା ଘଟଣା ଜଳେଶ୍ୱର ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଜଳେଶ୍ୱର ବ୍ଲକର ମହମ୍ମଦନଗରପାଟଣ ଗ୍ରାମର ଅବସରପ୍ରାପ୍ତ ପୋଲିସ୍ କର୍ମଚାରୀ ଧିରଞ୍ଜନ ମହାନ୍ତି ବୁଧବାର ମଧ୍ୟାହ୍ନରେ ସହରର ପଂଜାବ ନେସନାଲ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖିଥିଲେ । ଏହାପରେ ସେ ନିଜ ସ୍କୁଟିରେ ହୋଣ୍ଡା ସୋରୁମ୍ ନିକଟକୁ କୌଣସି କାର୍ଯ୍ୟପାଇଁ ଯାଇଥିବା ବେଳେ ଗାଡିଟିକୁ ବାହାରେ ପାର୍କିଂ କରି ଭିତରକୁ ଯାଇଥିଲେ । ସେଠାରୁ ଫେରି ସ୍କୁଟି ଡିକି ଭଂଗା ହୋଇ ଟଙ୍କା ଲୁଟ ହୋଇଥିବାର ଦେଖି ଥାନାରେ ଅଭିଯୋଗ କରିଥିଲେ । ପୁଲିସ୍ ସୋରୁମ୍‌ରେ ଲାଗିଥିବା ସିସି ଟିଭି ଫୁଟେଜ୍ ଆଧାରରେ ତଦନ୍ତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁରାକ ମିଳିନାହିଁ ।

# କିଷାନ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ : ଆତ୍ମହତ୍ୟା କରିଥିବା କୃଷକ ପରିବାରକୁ ୨୦ଲକ୍ଷ ଦାବି

ଜଳେଶ୍ୱର ୨୫/୧୧(ନିପ୍ର): ଆଜି ଅପରାହ୍ନରେ ଜଳେଶ୍ୱର କିଷାନ କଂଗ୍ରେସର ଏକ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟର ଅନ୍ୟତମ ଭାତହାଣ୍ଡି କୁହାଯାଉଥିବା ଜଳେଶ୍ୱରରେ କୃଷକର ବହୁବିଧ ସମସ୍ୟା ସମାଧାନ ହୋଇ ପାରୁନଥିବାରୁ ଜନୈକ କୃଷକର ଆତ୍ମହତ୍ୟା ଜନୀତ ଘଟଣାପରେ ସରକାର କିମ୍ବା ସରକାରୀ କଳର କୌଣସି ପ୍ରତିକ୍ରିୟା ନାହିଁ । ବରଂ କଂଗ୍ରେସ ପକ୍ଷରୁ ଏପରି ସମବେଦନା ଘଟଣାରେ କୃଷକର ପରିବାରକୁ ୨୫ ହଜାର ଟଙ୍କା ସହାୟତା କରାଯାଇଥିବା ବେଳେ ଚକଡା କ୍ଷତିଗ୍ରସ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ବିହନ, ସାର ଓ କୀଟନାସକ ଯୋଗାଇ ଦେବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି ହୋଇଛି । ଅନ୍ୟଥା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରକାଶ କରିଛି । ନଭେମ୍ବର ୧୫ ତାରିଖରେ ଜଳେଶ୍ୱର ଥାନା ଅନ୍ତର୍ଗତ ଆରୁହା ପଂଚାୟତର ଶାଳିକୋଠା ଗ୍ରାମର ଲକ୍ଷ୍ମିଧର ଜେନା ବିଷପିଇ ଆତ୍ମହତ୍ୟା କରିଛନ୍ତି । ସମବାୟ ସମିତି ଓ ଗ୍ରାମୀଣ ଋଣ ପରିଶୋଧ ନ କରିପାରିବା ଅବସ୍ଥା ଉପୁଜିଥିବା ଆତ୍ମହତ୍ୟା କରିଥିବା ସୂଚନା ଦିଆଯାଇଛି । ଆଜି ମୃତ କୃଷକଙ୍କ ଏକାଦଶହ ଥିବାରୁ କଂଗ୍ରେସର ଏକ ୫ଜଣିଆ ଟିମ୍ କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ରଙ୍କ ନେତୃତ୍ୱରେ ଘଟଣାସ୍ଥଳକୁ ଯାଇଥିଲେ । ସେଠାରୁ ଫେରି ଆଜି ସାମ୍ବାଦିକ ସମ୍ମିଳନୀରେ ତା ପରିବାରକୁ ସ୍ଥାନୀୟ କୃଷି ଅଧିକାରୀ କିମ୍ବା ପ୍ରଶାସନ ପକ୍ଷରୁ ଘଟଣାସ୍ଥଳକୁ ନ ଯିବା କିମ୍ବା ତଦନ୍ତ କରାନଯିବାରୁ କଂଗ୍ରେସ କ୍ଷୋଭ ପ୍ରକାଶ ଖରିଛ । ତା ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଦେବାକୁ ସେମାନେ ଦାବି କରିଛନ୍ତି । ଅନ୍ୟପକ୍ଷରେ କେବଳ ଲକ୍ଷ୍ମୀନାରାୟଣ ଜେନା ନୁହନ୍ତି , ଶହ ଶହ ଚାଷୀଙ୍କ ଖରିଫ ଧାନଚାଷ ବନ୍ୟା ଓ ଚକଡାପୋକ ଦାଉରେ କ୍ଷତି ହୋଇଥିବାରୁ ଏ ସମ୍ପର୍କରେ ବିଶେଷ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ରିହାତି ଦରରେ ବିହନ, ସାର, ଓ କୀଟନାସକ ଯୋଗାଇ ଦେବାକୁ ଦାବି କରିଛନ୍ତି । ଅନ୍ୟଥା କଂଗ୍ରେସ ରାଜରାସ୍ତାରକୁ ଯିବବୋଲି ପ୍ରକାଶ କରିଛି । ଏହି ସମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ବ୍ଲକ ସଭାପତି ରାଜୀବ ପରିଡା, ଟାଉନ୍ ସଭାପତି ଗିରିଜା ଶଂକର ଦାସ, ଜିଲା ସଂପାଦକ ହେମନ୍ତ ଗିରି ଓ କୋଷାଧ୍ୟକ୍ଷ ତ୍ରିଲୋଚନ ଦାସ ଅଧିକାରୀ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଜଳେଶ୍ୱର ବ୍ଲକରୁ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଯାଇଥିବା ବ୍ଲକ କମିଟି ଅନୁମୋଦନ ଲାଭ କରିଥବାରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ବ୍ଲକ ଉପସଭାପତିଭାବେ ଗୌରାଙ୍ଗ ମହାପାତ୍ର, ମଧୁସୂଦନ ଗାନ୍ଧି, ଖଗେନ୍ଦ୍ର ସାମଲ, ଚିତ୍ତରଂଜନ ପରିଡା, ମଣିତୋଷ କାମିଲା, ବିଭୂତି ନନ୍ଦି, ସାଧାରଣ ସଂପାଦକଭାବେ ନୟନ ପାଠୀ, ଗୋପାଳକୃଷ୍ଣ ଜେନା, ଲକ୍ଷ୍ମୀଧର ଗିରି, କ୍ଷିତିଶ ଦେ, ମନୋଜ ପରିଡା, ବୁଦ୍ଧେଶ୍ୱର ପ୍ରଧାନ, ଦୀପାଳି ଜେନା, ମଦିନା ବିବି ଓ ଶ୍ରୀକାନ୍ତ ସିଂଙ୍କ ମନୋନୀତ କରାଯାଇଛି । ସଂପଦକଭାବେ ଉମାଶଂକର ମହାପାତ୍ର, ଦୀନକୃଷ୍ଣ ପ୍ରଧାନ, ଅଂଜଳି ବେହେରା, ସୁରେଶ ମହନ୍ତ, ଅମର ଘୋଷାଲ, ରିନ୍ଦ୍ର ପାଣିଗ୍ରାହୀ, ଚନ୍ମୟ ଦାସମହାପାତ୍ର, ଅଜିତ୍ ସେଠୀଙ୍କ ନାମ ଘୋଷଣା କରାଯାଇଥି ବେଳେ କୋଷାଧ୍ୟକ୍ଷଭାବେ ତ୍ରିଲୋଚନା ଦାସ ଅଧିକାରୀଙ୍କ ନାମ ଘୋଷିତ ହୋଇଛି । ଧାନକଟା ଆରମ୍ଭ ହୋଇଥିବାରୁ ଧାନକ୍ରୟ ଲାଗି ଅତିଶୀଘ୍ର ମଣ୍ଡି ଖୋଲାଯିବା ଓ ଏମ୍ଏସ୍‌ପିକୁ ଆଇନ୍‌ରେ ପରିଣତ କରାଯିବାକୁ ଦାବି ହୋଇଛି ।



# ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ



ବାଲେଶ୍ୱର,୨୫/୧୧ (ନି.ପ୍ର): ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ ଶୁଭାରମ୍ଭ ପାଇଁ ବାଲେଶ୍ୱର ଗସ୍ତରେ ଆସୁଥିବା ମୁଖ୍ୟମନ୍ତ୍ରୀଙ୍କ ନିମନ୍ତେ ପ୍ରସ୍ତୁତି ଶେଷ ହୋଇଛି । ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ସମୟରେ ମୁଖ୍ୟମନ୍ତ୍ରୀ ହେଲିକେପ୍ଟର ଯୋଗେ ରିଜର୍ଭ ପୁଲିସ ପଡ଼ିଆରେ ଅବତରଣ କରିବେ । ୪୫ ମିନିଟର କାର୍ଯ୍ୟକ୍ରମ ପରେ ପୁଣି ଫେରିଯିବେ ବୋଲି ଗୁରୁବାର ଆପରାହ୍ଣରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି । ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ୩୬୬ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଜିଲାର ୭୭ ଗୋଟି ପ୍ରକଳ୍ପ ଉଦଘାଟନ ଓ ୧୧୮୬ କୋଟି ଟଙ୍କା ଅଟକଳ ମୂଲ୍ୟରେ ୧୦୯ ଗୋଟି ନୂତନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିବେ ବୋଲି ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି । ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ସେ ସୂଚନା ଦେଇଛନ୍ତି । ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିଶ୍ର କହିଛନ୍ତି । ଏନେଇ ୩ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୧୩ଜଣ ଉପ-ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ ନିରାପତ୍ତା ବ୍ୟବସ୍ଥା ପରିଚାଳନା ପାଇଁ ୨୨ଜଣ ଆରକ୍ଷୀ ନିରୀକ୍ଷକ, ୯୪ଜଣ ଉପ-ଆରକ୍ଷୀ ନିରୀକ୍ଷକ ଓ ସହକାରୀ ଉପ-ଆରକ୍ଷୀ ନିରୀକ୍ଷକ ନିଯୁକ୍ତ ହୋଇଛନ୍ତି । ଏହା ବ୍ୟତୀତ ୨୫ ପ୍ଲାଟୁନ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଥିବା ସେ ସୂଚନା ଦେଇଛନ୍ତି । ଉତ୍ସବସ୍ଥଳକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଲୋକପ୍ରତିନିଧି, ନେତା, କର୍ମୀ, ସରକାରୀ ଅଧିକାରୀ, ଅତି ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ହିତାଧିକାରୀ ଯିବା ବ୍ୟବସ୍ଥା କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିଶ୍ର କହିଛନ୍ତି ।

# ଘର ଓ ଭତ୍ତା ନମିଳିବା ପ୍ରତିବାଦରେ ମା' ପୁଅଙ୍କ ଆତ୍ମାହୁତି ଧମକ



ଖଇରା, ୨୫/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ଭୋଗୁପୁର ଗ୍ରାମର ସ୍ୱର୍ଗତ ନାରାୟଣ ଉପାଧ୍ୟାୟ ଙ୍କ ପରିବାରକୁ ବାରମ୍ବାର ଆବେଦନ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଆବାସ ଓ ତାଙ୍କ ପତ୍ନୀକୁ ବିଧବା ଭତ୍ତା ନମିଳିବାରୁ ପତ୍ନୀ ମାଳତୀ ନିଜ ଦିବ୍ୟାଙ୍ଗ ପୁଅ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେବାକୁ ନିଷ୍ପତ୍ତି ନେଇଥିଲେ । ଏ ସମ୍ପର୍କରେ ବିଡିଓ ଓ ଜିଲାପାଳ କାର୍ଯ୍ୟାଳୟକୁ ଫୋନରେ ମଧ୍ୟ ଜଣାଇ ଦେଲେ । ଖବର ପାଇ ପ୍ରଥମେ ଖଇରା ପୋଲିସ ବୁଧବାର ରାତିରେ ମାଳତୀଙ୍କୁ ଭେଟି ବୁଝାଶୁଜା କରିଥିଲେ ହେଁ ସେ ନିଜ ଜିଦରେ ଅଟଳ ଥିଲେ । ବାଧ୍ୟ ହୋଇ ଗୁରୁବାର ପୂର୍ବାହ୍ନରେ ଖଇରା ବିଡିଓ ପର୍ଶୁରାମ ପଣ୍ଡା ମାଳତୀଙ୍କ ବାସଭବନକୁ ଯାଇ ଘର ପ୍ରଦାନ ପାଇଁ ଲିଖିତ ଭାବେ ପ୍ରତିଶୃତି ଦେବା ପରେ ମାଳତୀ ଓ ତାଙ୍କ ପୁଅ ଆତ୍ମାହୁତି ନିଷ୍ପତ୍ତିରୁ କ୍ଷାନ୍ତ ହୋଇଛନ୍ତି । ମାଳତିଙ୍କ କହିବା ଅନୁଯାୟୀ ତାଙ୍କ ସ୍ୱାମୀ କର୍କଟ ରୋଗରେ ଆକ୍ରାନ୍ତ ଥିବା ବେଳେ ମଧ୍ୟ ଘରଟିଏ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ । ସ୍ୱାମୀ ଚିକିତ୍ସାରେ ୫ଲକ୍ଷ ଟଙ୍କା ଧାରକରଜ ହୋଇ ସାରିଛି । ପାଖରେ ଥିବା ବିଜୁ କୃଷକ କଲ୍ୟାଣ କାର୍ଡ ମଧ୍ୟ କାମ ଦେଲାନି । ଆର୍ଥୀକ ଦୁରାବସ୍ଥା ଯୋଗୁଁ ସେ ଆଉ ଘର ତିଆରି କରିବା ଅବସ୍ଥାରେ ନାହାଁନ୍ତି । ୨୨ବର୍ଷର ପୁଅ ଦିବ୍ୟାଙ୍ଗ ଯୋଗୁଁ ତା ଦାୟିତ୍ୱ ବି ତାଙ୍କୁ ନେବାକୁ ପଡୁଛି । ଝିଙ୍କିରିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ କିଛି ଲୋକଙ୍କ କଥାରେ ପଡି ରାଜନୈତିକ ମନୋଭାବ ରଖି ତାଙ୍କର ପକ୍କାଘର କାଟି ଦେଉଛନ୍ତି । ଏଣୁ ଏଭଳି ଋଣଗ୍ରସ୍ତ ହୋଇ ବଞ୍ଚିବାକୁ ଇଚ୍ଛା ନଥିବା ବେଳେ ୨୬ତାରିଖରେ ମୁଖ୍ୟମନ୍ତ୍ରୀ ଆସୁଥିବା ଜାଣି ଆତ୍ମାହୁତି ଦେବାକୁ ମନସ୍ଥ କରିଥିବାର କହିଛନ୍ତି ।

# ବିଭିନ୍ନ ସ୍ଥାନରେ ଉଜ୍ଜଳ ଆଲୋକକୁ ଉଦ୍‌ଘାଟନ କଲେ ସାଂସଦ

ଜଳେଶ୍ୱର, ୨୫/୧୧(ନିପ୍ର): ଜଳେଶ୍ୱର ବ୍ଲକର ୪ଟି ପଂଚାୟତର ୪ଟି ସ୍ଥାନରେ ଉଜ୍ଜଳ ଆଲୋକକୁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡଙ୍ଗୀ ଆଜି ଗୁରୁବାର ସଂଧ୍ୟାରେ ଉଦ୍‌ଘାଟନ କରିଛନ୍ତି । ସାଂସଦ ପାଣ୍ଠିରୁ ପ୍ରତ୍ୟେକ ଆଲୋକ ପାଇଁ ପ୍ରାୟ ୯୦ ହଜାର ଟଙ୍କା ବ୍ୟୟ ହୋଇଥିବା ଜଣାଯାଇଛି । ଶ୍ରୀରାମପୁର ପଂଚାୟତର ଗୁରୁଦାସପୁର ଛକ, ମହମ୍ମଦନଗରପାଟଣା ପଂଚାୟତର ସେଖସରାଇ କମ୍ୟୁନିଟି ସେଣ୍ଟର ପାଖ, କୁଟସାହି ପଂଚାୟତର ଗୋବର୍ଦ୍ଧନପୁର ବାସୁଳୀମନ୍ଦିର ସମ୍ମୁଖ ଓ ଶିଖରପୁର ପଂଚାୟତର ବଜାରଶୋଳ ଶିବ ମନ୍ଦିର ନିକଟରେ ଏପରି ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯାଇଥିବାରୁ ସ୍ଥାନୀୟ ଜନସାଧାରଣ ଉତ୍‌ଫୁଲ୍ଲିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରବିର ପ୍ରଧାନ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସୁଧିର ଓଝା, ତନ୍ମୟ ଚାନ୍ଦ, ସରପଂଚ ଜୟନ୍ତୀ ମହାନ୍ତି, ସମାଜସେବୀ ହରିପଦ ମାନ୍ନା, ବିନୋଦ ମହାନ୍ତି, ଚନ୍ଦ୍ରବିନ୍ଦୁ ଦାସ, ସୁବୋଧ ପଣ୍ଡା, ମଣ୍ଟୁ ତରୁଆଲ, ଅଶୋକ ରଥ, ଅଂଜନ ଦାସ, ରବିନ୍ଦ୍ର ଦାସ, ବିଶ୍ୱରୂପ ଦାସ, ସରୋଜ ସେନାପତି, ସୌମିତ୍ର ସେନପତି, ସମବିତ ଦାସ, ମନୋରଂଜନ ନନ୍ଦି, ଚନ୍ଦନ ଦେ ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରି ମୋବାଇଲ ଉଦ୍ଧାର, ଅଭିଯୁକ୍ତ ଗିରଫ

ପୁରୀ,୨୫/୧୧ (ନି.ପ୍ର): ଜଣେ ଯୁବତୀଙ୍କୁ ଅପମାନିତ କରି ମୋବାଇଲ୍ ଲୁଟି ନେଇଥିବା ଅଭିଯୋଗରେ ଗୌଡ଼ବାଡ଼ିସାହି କେତକୀଝରର ଚନ୍ଦନ ଦାସ ଓରଫ ଭିକି (୨୮)କୁ ବଳିଆପଣ୍ଡା ଥାନା ପୁଲିସ ଗିରଫ କରିଛି । ଭିକି ନିକଟରୁ ଦୁଇଟି ମୋବାଇଲ୍ ଜବତ କରାଯାଇଛି । ଗତ ୨୪ ତାରିଖ ସନ୍ଧ୍ୟାରେ ଜଣେ ଅଜଣା ବ୍ୟକ୍ତି ଅପମାନିତ କରିବା ସହ ତାଙ୍କ ମୋବାଇଲ ଚୋରିକରି ନେଇଥିବା ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ବାଲି ଉପରର ରାକ୍ଷୀ ରାଉତ ଥାନାରେ ଅଭିଯୋଗ କରିଥିଲେ । ଘଟଣାର ତଦନ୍ତ ବେଳେ ଅଭିଯୁକ୍ତ ନକଟରୁ ଏକ କଳାରଙ୍ଗର ଓପୋ ମୋବାଇଲ୍ ଓ ଏକ ଧଳା ରଙ୍ଗର ଏକ ଲେନ୍‌ଭୋ ମୋବାଇଲ ଜବତ କରାଯାଇଥିଲା । ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବଳିଆପଣ୍ଡା ଥାନା ଆଇଆଇସି କହିଛନ୍ତି ।

# ଦୁରାରୋଗ୍ୟ ରୋଗରେ ପିଡିତ ଦୟାନିଧି : ଆର୍ଥିକ ସହାୟତା ପାଇଁ ଆକୁଳ ନିବେଦନ



ବାଲିଆପାଳ, ୨୫/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଂଚାୟତ ନଖପାଳ ଗ୍ରାମର ଦୟାନିଧି ଦଳାଇ (୩୫ ବର୍ଷ) ଟ୍ରାକ୍ଟରରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ୫ ବର୍ଷ ତଳେ ଡାହାଣ ଗୋଡ ପାଦ ତଳେ ଏକ ଆବୁ ଆକାରରେ ବଥ ବାହାରିଥିଲା । ଡାକ୍ତରଙ୍କୁ ଦେଖାଇ ଔଷଧ ଖାଇବା ପରେ ବଥଟି ଫାଟିଯାଇ ଏକ ଘା ହୋଇଯାଇଥିଲା । ତେବେ ଯେତେ ଔଷଧ ଖାଇଲେ ମଧ୍ୟ ବଥ ଆଦୌ ଭଲ ହେଉନାହିଁ । ଧିରେ ଧିରେ ସେଠାରେ ଗାତ ହୋଇଯାଇ ପୁଜ ବାହାରୁଛି । ଯନ୍ତ୍ରଣାରେ ଦୟାନିଧି ଛଟପଟ ହେଉଛନ୍ତି । ପରିବାରରେ ପତ୍ନୀଙ୍କ ସହିତ ଜଣେ ଛୋଟ କନ୍ୟା, ପୁତ୍ର ସନ୍ତାନ ଏବଂ ରୋଗିଣା ବାପା-ମା ରହିଛନ୍ତି । କାମକୁ ଯାଇ ପାରୁନଥିବାରୁ ଅଧିକାଂଶ ଦିନ ଭୋକ ଉପବାସରେ ରହୁଛନ୍ତି । ପତ୍ନୀ ବିଭିନ୍ନ ସ୍ଥାନରେ କାମ କରି ଯାହା କିଛି ଆଣୁଛନ୍ତି ସେଥିରେ ପରିବାର ଚଳୁଛି । ଅର୍ଥାଭାବ ଯୋଗୁଁ ଉତ୍ତମ ଚକିତ୍ସା ମଧ୍ୟ କରିପାରୁ ନାହାନ୍ତି । ଦୟାନିଧିଙ୍କ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରଶାସନ କିମ୍ବା କେହି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା ଯୋଗାଇ ଦେଲେ ସେ ଉତ୍ତମ ଚିକିତ୍ସା ପାଇଁ ଭଲ ହୋଇପାରନ୍ତେ ବୋଲି ସେ କହିଛନ୍ତି । କେହି ତାଙ୍କୁ ସହାୟତା ଯୋଗାଇ ଦେବାକୁ ଚାହିଁଲେ ମୋବାଇଲ ନମ୍ବର ୯୭୭୭୮୩୨୨୦୨ରେ ଯୋଗେଯାଗ କରିବାକୁ ସେ ଆକୁଳ ନିବେଦନ କରୁଛନ୍ତି ।

# ବାରିପଦାରୁ ବିପୁଳ ପରିମାଣର ଗଞ୍ଜେଇ ଜବଦ : ୩ ଗିରଫ



ବାରିପଦା, ୨୫/୧୧ (ନି.ପ୍ର): ୨୩ ତାରିଖ ବିଳମ୍ବିତ ରାତିରେ ବାରିପଦା ଟାଉନ ପୋଲିସ ବାରିପଦା କଚେରୀ ସମ୍ମୁଖରେ ଥିବା କଲିକତା ବସ ଷ୍ଟାଣ୍ଡରୁ ଦାସ ଏଣ୍ଡ ଦାସ ନାମକ ଏକ ବସରୁ ୪ଟି ଗଞ୍ଜା ଭର୍ତି ବ୍ୟାଗ ଜବଦ କରିବା ସହିତ ଏହି ମାମଲାରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଖବର ମିଳିଛି । ବିଶେଷ ସୂତ୍ରରୁ ଖବର ପାଇ ଘଟଣା ସ୍ଥଳରେ ବାରିପଦା ଟାଉନ ଥାନା ପୋଲିସ ବାରିପଦାର କଲିକତା ବସଷ୍ଟାଣ୍ଡରେ ପହଂଚି କଲିକତା ଅଭିମୁଖେ ଯାତ୍ରା କରିବାକୁ ପ୍ରସ୍ତୁତ ହେଉଥିବା ଦାସ ଏଣ୍ଡ ଦାସ ବସଉପରେ ଚଢାଉ କରି ଗୋଟିଏ କଳା ଟ୍ରାକିଂ ବ୍ୟାଗ୍, ଗୋଟିଏ ଆକାଶ ରଙ୍ଗ ଚେକ୍ ଡଫଲ୍ ବ୍ୟାଗ୍, ଗୋଟିଏ ବାଇଗଣୀ ଚେକ ରଙ୍ଗ ଡଫଲ୍ ବ୍ୟାଗ୍ ଏବଂ ଗୋଟିଏ ବ୍ଲାକ୍ ଚେକ୍ ଡଫଲ୍ ବ୍ୟାଗରେ ଗଞ୍ଜେଇ ଥିବାର ସଂଦେହ କରି ଯାଂଚ କରିବା ସହିତ ମୁର୍ସିଦାବାଦ ଜିଲ୍ଲାର ଜାଲାଙ୍ଗି ଥାନା ଅନ୍ତର୍ଗତ ପରାସପୁରର ଅଂଚଳର ରିଂଟୁ ସେଖ୍ (୨୧), ସଲିମ୍ ମଣ୍ଡଳ (୨୦), ରାଜୁ ସେଖ୍ (୧୯)ଙ୍କୁ ସଂଦେହରେ ଅଟକ ରଖିଥିଲା । ସେମାନଙ୍କୁ ପଚରା ଉଚରା କରିବାରେ ବ୍ୟାଗ ସେମାନଙ୍କର ଏବଂ ତାଭିତରେ ଗଞ୍ଜା ଥିବାର ପ୍ରକାଶ କରିଥିଲେ । ତେବେ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପ୍ରତକ୍ଷ୍ୟଦର୍ଶୀ ସାକ୍ଷୀଙ୍କ ବୟାନକୁ ଭିତି କରି ଗଞ୍ଜା ଜବଦ କରିବା ସହିତ ଉପରୋକ୍ତ ୩ଜଣ ଯୁବକଙ୍କୁ ଗିରଫ କରିଥିଲା । ଜବଦ ଗଞ୍ଜାର ଓଜନ ୪୫ କିଲଗ୍ରାମ ୨୫୦ ଗ୍ରାମ ଜଣାଯାଇଥିବା ବେଳେ, କଲିକତା ଅଭିମୁଖେ ଗଞ୍ଜା ଚାଲାଣ ହେଉଥିବାର ଜଣାଯାଇଥିଲା । ଏବାବଦରେ ବାରିପଦା ଟାଉନଥାନା ପୋଲିସ କେସ ନଂ ୯୮୩ ତା ୨୪/୧୧/୨୧ ରିଖ ମୂଳେ ଏକ ମାମଲା ରୁଜୁ କରି ଉପରୋକ୍ତ ୩ଜଣ ଙ୍କୁ ଆଜି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି । ତେବେ ବାରିପଦା ବର୍ତ୍ତମାନ ବିଭିନ୍ନ ନିଶା ଦ୍ରବ୍ୟ ବେପାରର ଆଡ୍ଡା ସ୍ଥଳି ପାଲଟିଥିବା ବେଳେ, ଅବକାରୀ ବିଭାଗ ଚୋରା ନିସା ଦ୍ରବ୍ୟ ଚାଲାଣର ଟେର ନପାଇବାକୁ ନେଇ ବୁଦ୍ଧିଜିବୀ ମହଲରେ ଭିନ୍ନ ଚର୍ଚ୍ଚା ଶୁଣିବାକୁ ମିଳୁଛି ।

# ଭୁବନେଶ୍ୱରରୁ ୯୬ ପଜିଟିଭ୍

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ଗୁରୁବାର ଦିନ ଆଉ ୯୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୯ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୭୭ ଜଣ ଲୋକାଲ ମାମଲା ରହିଛନ୍ତି । ସେହିପରି ଗତ ୨୪ ଘଂଟାରେ ଆଉ ୧୨୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨୦୮୯୮ରେ ପହଂଚିଛି । ସେମାନଙ୍କ ମଧ୍ୟରୁ ୧୧୮୩୮୬ ଜଣ ସୁସ୍ଥ ହୋଇଥିବା ବେଳେ ୧୪୦୭ ସକ୍ରିୟ ମାମଲା ରହିଛି ।

# ଅଣସ୍ୱୀକୃତିପ୍ରାପ୍ତ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଦାବି



ବାରିପଦା, ୨୫/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ହେଉଛି ଓଡିଶାର ସବୁଠାରୁ ବୃହତ୍ ଜିଲ୍ଲା । ଏଠାରେ ବିଭିନ୍ନ ବ୍ଲକରେ ଅନେକ ଅଣ ସ୍ୱୀକୃତିପ୍ରାପ୍ତ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ମାନ ଖୋଲିବା ସହିତ ନିମ୍ନମାନର ଶିକ୍ଷାଦାନ କରାଯିବା ସହିତ ଉଚ୍ଚ ଶିକ୍ଷା ବିଭାଗର କୋର୍ସର ସାଟିଫିକେଟ ପ୍ରଦାନ କରୁଥିବା ଘଟଣା ସାମନାକୁ ଆସିଛି । ଏହା ସହିତ ନିମ୍ନମାନର ଶିକ୍ଷା ଓ ଉଚ୍ଚ ଧରଣର ଫିସ୍ ଆଦାୟ କରାଯାଇ ଉକ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅଣସ୍ୱୀକୃତି ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି । ଯାହାକି କୌଣସି ସରକାରୀ ଚାକିରୀରେ କାମରେ ଆସୁନାହିଁ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ଓଡିଶା ନଲେଜ୍ କରପୋରେସନ୍ ଲିମିଟେଡ୍ ତରଫରୁ ମୟୂରଭଞ୍ଜ ଜିଲ୍ଲା ସଂଯୋଜକଙ୍କ ସହିତ ଜିଲ୍ଲାର ଅନ୍ୟ ସମସ୍ତ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ମାନଙ୍କ ମାଲିକ ଓ ଅଧିକାରୀ ମିଳିତ ଭାବରେ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାର ଅଣସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ମାନଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ଜିଲ୍ଲା ତରଫରୁ ସମରେନ୍ଦ୍ର ବଶା, ବଳଦେବ ଶତପଥୀ, ଶିଶିର୍ କୁମାର ଦତ, ମାନସ କୁମାର ବାରିକ୍, ଶ୍ରୀଲେଖା ମହାନ୍ତି, ଗୁଣାକର ଧୀର, ଦେବାଶିଷ୍ ପାଲ ଓ ସୁବ୍ରତ ମହାପାତ୍ର ପ୍ରମୁଖ ଏହି ଦାବୀପତ୍ର ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ଓଡିଶା ସରକାରଙ୍କର ତରଫରୁ ଗଞ୍ଜାମ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରକାଶ ପାଇଥିବା ଗ୍ରାମ ରୋଜଗାର ସେବକ ପଦବୀ ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀଙ୍କର ପ୍ରମାଣପତ୍ର ଅଣସ୍ୱୀକୃତିପ୍ରାପ୍ତ ହୋଇଥିବାରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo